R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୬୮
ତିଥି : ଦଶମୀ
୦୫ ଜୁଲାଇ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 268
05 July 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଜି ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ, ୪।୭ (ସବ୍ୟୁ) : ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନବଦିନାତ୍ମକ ଶ୍ରୀ ଗୁଣ୍ଡିଚା ଯାତ୍ରା ଶେଷ ହୋଇଛି। ଆଜି ଦଶମୀ ତିଥିରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ବଡ଼ଭାଇ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରାଙ୍କୁ ଧରି ତିନି ରଥରେ ଶ୍ରୀ ମନ୍ଦିର ଅଭିମୁଖେ ବହୁଡ଼ିବେ ମହାବାହୁ। ବାହୁଡ଼ା ଯାତ୍ରା ପୂର୍ବଦିନ ନବମୀ ତିଥି ଅବସରରେ ଗୁଣ୍ଡିଚା ମନ୍ଦିରରେ ବିଗ୍ରହମାନଙ୍କର ନବମୀ ଦର୍ଶନ ବା ସଂଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଛି। ବିଗ୍ରହମାନେ ଲକ୍ଷାଧିକ ଭକ୍ତଙ୍କୁ ନବମୀ ଦର୍ଶନ ଦେଇଛନ୍ତି। ଆଡ଼ପ ମଣ୍ଡପରେ ବିରାଜମାନ ବିଗ୍ରହମାନେ ଭକ୍ତମାନଙ୍କ ସହିତ ମାନବୀୟ ଲୀଳା ଖେଳିଛନ୍ତି। ବିଗ୍ରହ ମାନେ ରଥାରୁଢ଼ ହୋଇ ଶ୍ରୀମନ୍ଦିର



ଅଭିମୁଖେ ବାହୁଡ଼ିବେ। ନାକଚଣା ଦ୍ୱାର ସମ୍ମୁଖରେ ପ୍ରସ୍ତୁତ ହୋଇ ରହିଛନ୍ତି ତିନି ରଥ। ବିଗ୍ରହମାନଙ୍କର ବାହୁଡ଼ା ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନବମୀ ଦର୍ଶନ ପରେ ଗୁଣ୍ଡିଚା ମନ୍ଦିରରେ ବିଗ୍ରହ ମାନଙ୍କର ବିଭିନ୍ନ ନୀତି କାନ୍ତି ଅନୁଷ୍ଠିତ ହୋଇ ବଡ଼ସିଂହାର ଭୋଗ ଓ ବଡ ସିଂହାର ବେଶ ଅନୁଷ୍ଠିତ ହୋଇଛି। ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଛି।

ବାହୁଡ଼ା ଯାତ୍ରା ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଚୂଡ଼ାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ୪ ଟାରେ (୯ ପୃଷ୍ଠାରେ)

- ପହଣ୍ଡି ବିଜେ ୧୨ ଟା ରୁ ୨ ଟା ୩୦ ମିନିଟ
- ୨ ଟା ୩୦ ମିନିଟରୁ ୩ ଟା ୩୦ ମିନିଟ ଛେରା ପହଁରା
- ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ

## ସନ୍ଧ୍ୟା ଦର୍ଶନ ଲାଗି ପୁରୀରେ ଲକ୍ଷାଧିକ ଭକ୍ତ

ପୁରୀ, ୪।୭ (ସବ୍ୟୁ) : ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିରାଜମାନ ବିଗ୍ରହମାନଙ୍କର ନବମୀ ତିଥି ଅବସରରେ ଆଜି ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଛି। ବିଭିନ୍ନ ନୀତି କାନ୍ତି ମଙ୍ଗଳ ଆଳତି, ଅବକାଶ, ତଡ଼ପ ଲାଗି ପରେ ସକାଳୁ ବିଗ୍ରହ ମାନଙ୍କର ଦର୍ଶନ ଆରମ୍ଭ ହୋଇ ସଂଧ୍ୟା ୬ ଟା ପର୍ଯ୍ୟନ୍ତ ଚାଲିଥିଲା। ଲକ୍ଷାଧିକ ଭକ୍ତ ଆଜି ଗୁଣ୍ଡିଚା ମନ୍ଦିରରେ ବିଗ୍ରହ ମାନଙ୍କର ନବମୀ ଦର୍ଶନ କରି ଛନ୍ତି । ଗୁଣ୍ଡିଚା ମନ୍ଦିର ଠାରୁ ବଡ ଶଙ୍ଖ ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳି ଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତା ଏକ ଜନ ସମୁଦ୍ରରେ ପରିଣତ ହୋଇ ଥିବା ଦେଖା ଯାଇ ଥିଲା। ସକାଳୁ ଦିନ ତମାମ ଝିପ ଝିପ ବର୍ଷା ହୋଇ ଥିଲା। ବର୍ଷା ସତ୍ୱେ ଭକ୍ତ ମାନେ ବର୍ଷାରେ ଓଦା ହୋଇ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଚତୁର୍ଦ୍ଧା



ମୂର୍ତ୍ତିଙ୍କ ଦର୍ଶନ କରି ଛନ୍ତି । ଭକ୍ତଙ୍କ ନିରାପଦ, ଶୃଙ୍ଖଳିତ ଦର୍ଶନ ଓ ଭିଡ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବାଉଁଶରେ ଲମ୍ବା ବ୍ୟାରିକେଡ଼ ନିର୍ମାଣ କରାଯାଇ ଥିଲା। ବ୍ୟାରିକେଡ଼ ଦେଇ ଭକ୍ତ ମାନେ ଲମ୍ବା ଧାଡ଼ିରେ ମନ୍ଦିର ଭିତରକୁ ପ୍ରବେଶ କରି ଥିଲେ। ଆଡ଼ପ ମଣ୍ଡପରେ ବିରାଜମାନ ବିଗ୍ରହମାନଙ୍କର ଦର୍ଶନ କରି ନାକ ଚଣା ଦ୍ୱାର ଦେଇ ପ୍ରସ୍ଥାନ କରି ଥିଲେ। ଭକ୍ତ ମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ଖୋଦ୍ ନିଜେ ପୋଲିସ ଡ଼ିଜି. ୱାଇ. ବି. ଖୁରାନିଆ ଉପସ୍ଥିତ ଥିବା ବେଳେ (୯ ପୃଷ୍ଠାରେ)

### ଅପରେସନ୍ ସିନ୍ଦୂର ନେଇ ସେନା ଉପମୁଖ୍ୟଙ୍କ ଖୁଲାସା

## କେବଳ ପାକ୍ ନୁହେଁ ଚୀନ୍-ତୁର୍କୀ ସହ ଲଢୁଥିଲା ଭାରତ



ନୂଆଦିଲ୍ଲୀ,୪।୭: ଅପରେସନ୍ ସିନ୍ଦୂର ସମୟରେ ଭାରତ କେବଳ ପାକିସ୍ତାନ ନୁହେଁ, ଆଉ ଦୁଇ ଦେଶ ଚୀନ୍ ଓ ତୁର୍କୀ ସହ ମଧ୍ୟ ଲଢ଼େଇ କରୁଥିଲା। ପାକିସ୍ତାନୀ ସେନାର ଯେଉଁ ହାଡଓ୍ୟାର ରହିଛି ତା ମଧ୍ୟରୁ ୮୧% ଚୀନ୍‌ର। ଚୀନ୍ ତାର ଅସ୍ତ୍ରକୁ ପରୀକ୍ଷଣ କରୁଥିଲା ବୋଲି ସେନାର ଉପମୁଖ୍ୟ ଲେଫଟନାଣ୍ଟ ଜେନେରାଲ ରାହୁଲ ଏସ୍ ସିଂହ କହିଛନ୍ତି । ଚୀନର ଗୁଇନ୍ଦା ସଂସ୍ଥା ପାକିସ୍ତାନକୁ ଟିକନିଖି ତଥ୍ୟ ଦେଉଥିଲା। ଡିଜିଏମଓ ସ୍ତରରେ ବୈଠକ ଚାଲିଥିବାବେଳେ କେଉଁ ପ୍ରମୁଖ ସ୍ଥାନରେ ଆମେ ସେନା ମୁତୟନ କରିଥିଲୁ ତାହା ମଧ୍ୟ ପାକ୍ ଜାଣିଥିଲା। ଚୀନ୍ ପାଖରୁ ଭାରତୀୟ ସେନାର ଉପସ୍ଥିତି ନେଇ ଲାଇଭ୍ ଇନପୁଟ୍ ନେଉଥିଲେ ବୋଲି ଶ୍ରୀ ସିଂହ କହିଛନ୍ତି।

ପଲଗ୍ରାମ ଆକ୍ରମଣ ପରେ ଭାରତ ଓ ପାକ୍ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଭାରତ ଏହାର ଜବାବରେ ଅପରେସନ୍ ସିନ୍ଦୂର କରିଥିଲା। ଅପରେସନ୍ ସିନ୍ଦୂରରୁ ଆମକୁ କିଛି ଶିକ୍ଷା ମିଳିଛି ବୋଲି ରାହୁଲ ସିଂ କହିଛନ୍ତି। ସେ କହିଛନ୍ତି ଯେ, ଚୀନ୍ ଓ (୯ ପୃଷ୍ଠାରେ)

## ପୁରୀ ପୌରପାଳିକା ହେବ ମହାନଗର ନିଗମ

ଭୁବନେଶ୍ୱର, ୪।୭ (ସବ୍ୟୁ) : ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ପୁରୀ ସହର ଏବଂ ଆଖପାଖ ଅବସ୍ଥିତ ଗ୍ରାମପଞ୍ଚାୟତକୁ ସାମିଲ କରି ମହାନଗର ନିଗମ ଗଠନ କରାଯିବ। ସେହିଭଳି ପୁରୀରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ଲାଇବ୍ରେରୀ ଏବଂ ଗବେଷଣାକେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଗୋଟିଏ ପରିସରରେ ଏହା ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ କହିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି। ବାହୁଡା ଯାତ୍ରା ପାଇଁ ମହାପ୍ରଭୁ ଆଜ୍ଞା ଦେଇସାରିଛନ୍ତି। ଏହି ଯାତ୍ରାକୁ ସୁଚାରୁ ରୂପେ ଏବଂ ସୁରକ୍ଷିତ ଢଙ୍ଗରେ ସଂପୂର୍ଣ୍ଣ କରିବା ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ସେବା ପ୍ରଦାନ କରୁଛନ୍ତି।

ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀ ଠାରୁ ଅନନ୍ୟ। ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଯାଆନ୍ତି। ନବଦିନ ବ୍ୟାପ୍ତ ଏହି ପବିତ୍ର ଯାତ୍ରା ସମୟରେ ବଡଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ। ମୁଁ ବି ଏହି ଅସଂଖ୍ୟ ଜଗନ୍ନାଥ ଭକ୍ତଙ୍କ ମଧ୍ୟରୁ ଜଣେ ସାଧାରଣ ଭକ୍ତ।

- ବାହୁଡାରୁ ଆରମ୍ଭ ହେବ ପ୍ରକ୍ରିୟା
- ପୁରୀରେ ହେବ ବିଶ୍ୱସ୍ତରୀୟ ଜଗନ୍ନାଥ ସଂଗ୍ରହାଳୟ
- ଗୋଟିଏ ପରିସରରେ ରହିବ ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର

ରାଜ୍ୟର ମୁଖ୍ୟ ସେବକ ଭାବେ ରାଜ୍ୟବାସୀ ଯେଉଁ ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି, ସେଥି ମଧ୍ୟରୁ, ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା। ମୁଁ ବ୍ୟକ୍ତିଗତ ଭାବେ ପୂର୍ବରୁ ଅନୁଭବ କରିଛି ଯେ କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ (୯ ପୃଷ୍ଠାରେ)

## ବଢୁଛି ହୀରାକୁଦରେ ଜଳସ୍ତର

ସମ୍ବଲପୁର, ୪।୭ (ସବ୍ୟୁ): ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି। ସେହିପରି ହୀରାକୁଦର ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଗତ୨୪ଘଣ୍ଟା ମଧ୍ୟରେ ୧୫.୯୯ମିମି ଓ ତଳମୁଣ୍ଡରେ ୫.୧୯ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ୬୨ହଜାର୬୭୭ଘନଫୁଟ ଜଳ ପ୍ରବେଶ କରୁଛି। ଫଳରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଦିନକ ମଧ୍ୟରେ ୨ଫୁଟରୁ ଅଧିକ ବୃଦ୍ଧି ପାଇଛି। ଶୁକ୍ରବାର ଅପରାହ୍ନ ୬ଟା ସୁଦ୍ଧା ଜଳସ୍ତର ୬୦୬.୦୨ଫୁଟ୍ ରହିଛି। ଅନ୍ୟପଟେ ପ୍ରତି ସେକେଣ୍ଡରେ ୩୬ହଜାର୬୮୯ଘନଫୁଟ ଜଳ ବିଭିନ୍ନ କେନାଲ ଓ ପାଓ୍ୱାର ଚେନାଲ ଦେଇ ନିଷ୍କାସିତ ହେଉଛି। ହୀରାକୁଦରେ ୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ରାଜ୍ୟରେ ଗତ କିଛି ସପ୍ତାହ ହେବ ଲଘୁଚାପ (୯ ପୃଷ୍ଠାରେ)

## ଆଲକହଲ, ଟବାକୋ ଉପରେ ୫୦% ଟିକସ ବୃଦ୍ଧି ହେଉ : ହୁ'

ନୂଆଦିଲ୍ଲୀ, ୪।୭ : ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ପକ୍ଷରୁ ମିଠାଯୁକ୍ତ ମୃଦୁ ପାନୀୟ, ଆଲ୍‌କୋହଲ ଓ ଟବାକୋର ମୂଲ୍ୟକୁ ଆଗାମୀ ୧୦ବର୍ଷ ମଧ୍ୟରେ ୫୦% ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦିଆଯାଇଛି । ଏହି ବୃଦ୍ଧି ଫଳରେ ମଧୁମେହ ଓ କ୍ୟାନସର ଭଳି ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ଉଲ୍ଲେଖ କରାଯାଇଛି । ହୁ' ପକ୍ଷରୁ ୨୦୩୫ ସୁଦ୍ଧା ଏହି ପଦକ୍ଷେପ ନେବାକୁ କୁହାଯାଇଛି ।

ୟୁଏନ୍ ଫାଇନାନ୍ସ ଫର୍ ଡେଭଲପମେଣ୍ଟ କନ୍‌ଫରେନ୍ସରେ ଏହି ପ୍ରସ୍ତାବ ପାରିତ ହୋଇଛି । ହୁ' ବିଶ୍ୱାସ କରେ ଯେ ଟିକସ ବୃଦ୍ଧି କରାଗଲେ ବିଭିନ୍ନ ଦେଶରେ ଏହି କ୍ଷତିକାରକ ସାମଗ୍ରୀର ବ୍ୟବହାର କମିବ । ଏହି ସାମଗ୍ରୀ ଗୁଡିକ ମଧୁମେହ ଓ କ୍ୟାନସର ରୋଗର କାରଣ ବୋଲି ଉଲ୍ଲେଖ କରାଯାଇଛି । ହୁ'ର ସହକାରୀ ମହାନିର୍ଦ୍ଦେଶକ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଟିକସ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହା କାର୍ଯ୍ୟକାରୀ ହେବା ଦରକାର । ହୁ'ର ପରିବର୍ଦ୍ଧିତ ଯୋଜନା ଅନୁଯାୟୀ ୨୦୩୫ ସୁଦ୍ଧା ଏହି ଟିକସ ନୀତିରୁ ଏକ ଟ୍ରିଲିୟନ ଡଲାର ଆୟ କରିବା । ଫଳରେ ଯେଉଁ ଦେଶଗୁଡିକ ବିକାଶ ଲାଗି ସଂଘର୍ଷ କରୁଛନ୍ତି ତାହାର ଆଉ ଆବଶ୍ୟକ ପଡିବ ନାହିଁ । ହୁ'ର ମହାନିର୍ଦ୍ଦେଶକ କହିଛନ୍ତି ଯେ, ଏହି ବାସ୍ତବତା ସହ କାର୍ଯ୍ୟ କରିବାକୁ ପଡ଼ିବ । ୧୪୦ ଦେଶରେ ଟବାକୋ ଉପରେ (୯ ପୃଷ୍ଠାରେ)

## ତେଲେଙ୍ଗାନା ବିସ୍ଫୋରଣ ଘଟଣାରେ ମୃତକ ଓଡ଼ିଆଙ୍କୁ ୧୦ ଲକ୍ଷ ଲେଖାଏଁ ସହାୟତା

ଭୁବନେଶ୍ୱର,୪।୭(ସବ୍ୟୁ): ତେଲେଙ୍ଗାନାର ଫର୍ମା କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ପ୍ରାଣହରାଇଥିବା ଓଡ଼ିଆ ବ୍ୟକ୍ତିଙ୍କ ପରିବାର ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୋଷଣା କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ଏକ ଅଧିକାରୀ ଦଳ ଘଟଣା ସ୍ଥଳରେ ଉପସ୍ଥିତ ରହି ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି। ମୃତକମାନେ ହେଲେ ବ୍ରହ୍ମପୁରର ରାଜାନାଲା ଜଗନମୋହନ, କଟକ ପାଇକେରାପୁରର ଲଗ୍ନଜିତ ଦୁଆରୀ, ବାଲେଶ୍ୱର ପାର୍ବତୀପୁରର ମନୋଜ ରାଉତ, ଯାଜପୁର ଏରବଙ୍ଗର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁରର ଚଇତୁ ଭାତ୍ରା ଓ ରମେଶ ଗୌଡ଼, ଗଞ୍ଜାମ ମହାନନ୍ଦପୁରର ସିଦ୍ଧାର୍ଥ ଗୌଡ଼, ଗଞ୍ଜାମ ବ୍ରହ୍ମପୁରର ପ୍ରଶାନ୍ତ ମହାପାତ୍ର ।

# ଲଗାଣ ବର୍ଷାରେ ରାଜ୍ୟ ବେହାଲ

ଭୁବନେଶ୍ୱର, ୪।୭ (ସବ୍ୟୁ): ମୌସୁମୀ ଓ ଲଘୁଚାପ ପଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲାଗି ରହିଛି ଲଗାଣ ବର୍ଷା । ବାଲେଶ୍ୱର, ଭଦ୍ରକ, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗିର, ମାଲକାନଗିରି, କଳାହାଣ୍ଡି ଜିଲ୍ଲାରେ ଅଧିକ ପରିମାଣରେ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି । ବଲାଙ୍ଗିର



- ମାଲକାନଗିରିରେ ଘରେ ପଶୁଛି ପାଣି
- ଜାରି ରହିଛି ଲଘୁଚାପ ଓ ମୌସୁମୀ ବର୍ଷା

ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅଧିକ ପରିମାଣରେ ବର୍ଷା ହୋଇଛି। ସମ୍ବଲପୁର, ବୌଦ୍ଧ, ଦେବଗଡ଼, କନ୍ଧମାଳ ଆଦି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସମ୍ବଲପୁର ସହରାଞ୍ଚଳରେ ବର୍ଷା ପାଣିରେ ଖାଲୁଆ ଅଞ୍ଚଳରେ ଘରେ ପାଣି ପଶିଛି । ଫଳରେ ଲୋକେ ହିରାଣ ହେଉଛନ୍ତି । ରାଜଧାନୀ ଭୁବନେଶ୍ୱରରେ ଦିନ ତମାମ ବର୍ଷା ଯୋଗୁ ସାଧାରଣ ଜୀବନ ଯାତ୍ରାରେ ପ୍ରଭାବ ପଡ଼ିଛି। ଲଗାତର ୩ ଦିନ ଧରି ବର୍ଷା ଲାଗି ରହିଛି।

ଗତ ସପ୍ତାହେ ହେବ ସମ୍ବଲପୁରରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି । ଏଥିଯୋଗୁଁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି । ନିର୍ମାଣ କାମ ଗୁଡ଼ିକ ବନ୍ଦ ଥିବାରୁ ଦିନ ମଜୁରିଆ ମାନେ ଘରେ ବସି ରହିଛନ୍ତି । ସହରକୁ ପୂର୍ବାପେକ୍ଷା ଲୋକଙ୍କ ଆଗମନ କମିଥିବା ବେଳେ ରିକ୍ସା ଓ ଅଟୋ ଚାଳକଙ୍କ (୯ ପୃଷ୍ଠାରେ)

### ହିମାଚଳରେ ବାଦଲ ଫଟା ବର୍ଷା

## ୬୯ ମୃତ, ୩୭ ନିଖୋଜ

ନୂଆଦିଲ୍ଲୀ, ୪।୭ : ହିମାଚଳରେ ବାଦଲଫଟା ବର୍ଷା, ଭୂସ୍ଖଳନ ଓ ଆକସ୍ମିତ ବନ୍ୟାରେ ପ୍ରାୟ ୬୯ ଲୋକଙ୍କର ଜୀବନ ଯାଇଥିବା ବେଳେ ୩୭ଜଣ ନିଖୋଜ ଅଛନ୍ତି । ପ୍ରାୟ ୧୧୦ଜଣ ଆହତ ହୋଇଛନ୍ତି । ମୌସୁମୀ କାରଣରୁ ବ୍ୟାପକ ବର୍ଷା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସୁଖୁ ଗଣମାଧ୍ୟମକୁ କହିଛନ୍ତି । ଜୁଲାଇ ୭ ଯାଏ ସବୁ ଜିଲ୍ଲାକୁ ପ୍ରବଳ ବର୍ଷାର ସତର୍କତା ଜାରି କରାଯାଇଛି । ବର୍ଷା କାରଣରୁ ପ୍ରାୟ ୭୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି ।

ହିମାଚଳ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୌସୁମୀ କାରଣ ଯୋଗୁ ୧୪ ପୃଥକ୍ ପୃଥକ୍ ବାଦଲଫଟା ବର୍ଷା ହୋଇଛି । ଯାହା ଫଳରେ ରାସ୍ତା, ପାନୀୟ ଜଳ ପ୍ରକଳ୍ପ ଓ ବିଦ୍ୟୁତ୍

**୭୦୦ କୋଟିର କ୍ଷୟକ୍ଷତି**

ଯୋଗାଣ ବ୍ୟାହତ ହୋଇଛି । ବିପର୍ଯ୍ୟୟ ଯୋଗୁ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନଙ୍କୁ ପ୍ରତି ପରିବାର ପିଛା ତୁରନ୍ତ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ମଣ୍ଡି ଜିଲ୍ଲାରେ କରାଯାଉଛି । ଏହି ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସମସ୍ତ ସାହାଯ୍ୟ ଓ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସେହିଭଳି ଗୁଜରାଟ ଓ ରାଜସ୍ଥାନ ମଧ୍ୟ ମୌସୁମୀଜନିତ ପ୍ରବଳ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଛି । ଜୁନ୍ ୨୦ରେ ହିମାଚଳକୁ ମୌସୁମୀ ପ୍ରବେଶ କରିଥିଲା । ଏହା ସମଗ୍ର ରାଜ୍ୟରେ ଏବେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି । ମଣ୍ଡି ଜିଲ୍ଲାରେ ୧୨ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ କାଙ୍ଗରାରେ ୧୩, ଚାମ୍ବାରେ ୬ (୯ ପୃଷ୍ଠାରେ)



# ଚଟଣି

ସମୟ
ଶନିବାର, ୫ ଜୁଲାଇ ୨୦୨୫



## ଜନ୍ମବେଦୀରୁ କର୍ମବେଦୀକୁ ଯାତ୍ରା

**ଶ୍ରୀ** ଗୁଣ୍ଡିଚା ଓ ବାହୁଡାଯାତ୍ରାକୁ ବାଦ୍ ଦେଲେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କର ସପ୍ତାହବ୍ୟାପୀ ଅବସ୍ଥାନ ହେଉଛି ଆଡପ ଅବସ୍ଥାନ । ଆଷାଢ଼ ଶୁକ୍ଳ ନବମୀରେ ସଂଧ୍ୟା ଦର୍ଶନର ଦୁର୍ଲଭ ଦର୍ଶନ କଲେ ଅଶେଷ ପୁଣ୍ୟ ଲାଭ ମିଳେ ବୋଲି ମତ ରହିଛି । ଏହାପରେ ଆରମ୍ଭ ହୁଏ ଶ୍ରୀଜୀଉମାନଙ୍କର ବାହୁଡା ଯାତ୍ରା । ଜନ୍ମବେଦୀରୁ କର୍ମବେଦୀକୁ ପ୍ରତ୍ୟାବର୍ତ୍ତନର ଯାତ୍ରା । ଆଡପ ମଣ୍ଡପରୁ ନିଳାଦ୍ରୀ ବିଜେର ଯାତ୍ରା ନୃସିଂହ କ୍ଷେତ୍ରରୁ ନିଳାଦ୍ରୀ ବିଜେ । ରଥଯାତ୍ରା ଓ ବାହୁଡାଯାତ୍ରା ଦୁଇ ଦିନକୁ ବାଦ୍ ଦେଲେ ଠାକୁରମାନେ ଏହି ଗୁଣ୍ଡିଚାମଣ୍ଡପରେ ସାତଦିନ ରହିବାର ବିଧାନ ରହିଛି । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ପରେ ଅଶ୍ୱମେଧ ଯଜ୍ଞ କରାଯାଇ ଦାରୁମୂର୍ତ୍ତିମାନ ନିର୍ମାଣ ପରେ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ତେଣୁ ଏହି ଯଜ୍ଞମଣ୍ଡପ ହିଁ ଜଗନ୍ନାଥଙ୍କର ଆଦିସ୍ଥାନ ବା ଜନ୍ମସ୍ଥାନ । ଆଡ ଶବ୍ଦର ଅର୍ଥ କଡ, ପାଖ, ପାର୍ଶ୍ୱ । ଶ୍ରୀ ମନ୍ଦିର ଉତ୍ତରପୂର୍ବ ଦିଗରେ ପ୍ରବାହିତ ମାଳିନୀ ନଦୀର ଅନ୍ୟପାର୍ଶ୍ୱରେ ଗୁଣ୍ଡିଚା ମନ୍ଦିରଟି ଥିଲା । ପୂର୍ବରୁ ଏହି ନଦୀର ଉଭୟ ପାର୍ଶ୍ୱରେ ତିନିଗୋଟି ଲେଖାଏଁ ଛଅଗୋଟି ରଥ ନିର୍ମାଣ କରି ନଦୀର ଏପଟରୁ ତିନି ଠାକୁରଙ୍କୁ ପାରି କରି ଆରପଟେ ଥିବା ଗୁଣ୍ଡିଚା ମନ୍ଦିରକୁ ନିଆ ଯାଉଥିଲା । ତେଣୁ ଆଡପଟ ବା ଆରପଟ ଶବ୍ଦରୁ ଏହାକୁ ଆଡ଼ପ ମଣ୍ଡପ ବୋଲି କୁହାଯାଏ । ଶ୍ରୀମନ୍ଦିରରେ ମୂର୍ତ୍ତିମାନଙ୍କର ପ୍ରତିଷ୍ଠା ପରେ ସ୍ୱୟଂ ପ୍ରଭୁ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ପ୍ରତିବର୍ଷ ଶ୍ରୀମନ୍ଦିରରୁ ବାହାରି ଆସି ତାଙ୍କର ଜନ୍ମସ୍ଥାନ ଜନକପୁରୀରେ ସାତଦିନ ଅବସ୍ଥାନ କରିବେ । ଜନକପୁରୀରେ ସାତଦିନ ଅବସ୍ଥାନ କାଳରେ ଶ୍ରୀ ମନ୍ଦିରରେ ଭଳି ସେଠାରେ ମଧ୍ୟ ଠାକୁରଙ୍କର ବିଭିନ୍ନ ନୀତି କରାଯାଏ । ତିନି ଠାକୁର ଗୁଣ୍ଡିଚା ମନ୍ଦିର ପ୍ରବେଶ ଠାରୁ ପତ୍ୟାବର୍ତ୍ତନ ବା ବାହୁଡା ଯାତ୍ରା ପର୍ଯ୍ୟନ୍ତ ମନ୍ଦିରରେ ଯେଉଁ ପ୍ରସାଦ ହୁଏ ତାହାକୁ ଆଡପ ଅବଢ଼ା କୁହାଯାଏ ।

ଅଷ୍ଟମୀ ଦିନ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ତିନିରଥଙ୍କୁ ଦକ୍ଷିଣାଭିମୁଖୀ କରାଇ ବୁଲାଇ ଦିଆଯାଏ । ନବମୀ ଦିନ ଗୁଣ୍ଡିଚା ମନ୍ଦିରରେ ଶ୍ରଜୀଉମାନଙ୍କର ପ୍ରସିଦ୍ଧ ନବମୀ ଦର୍ଶନ ଅନୁଷ୍ଠିତ ହୁଏ । ଆଡପରେ ନବମୀ ସନ୍ଧ୍ୟା ଦର୍ଶନ ପରେ ପ୍ରଭୁ ବାହୁଡା ପାଇଁ ପ୍ରସ୍ତୁତ ହୁଅନ୍ତି । ଠାକୁରଙ୍କ ଠାରେ ବାହୁଡା ଓ ସେନାପଟା ପ୍ରଭୃତି ଲାଗେ । ପ୍ରଭୁଙ୍କ ନୀଳାଚଳ ବିଜେ ପାଇଁ ସବୁ ବନ୍ଦୋବସ୍ତ ହୁଏ । ଏହାପରେ ବାହୁଡା ଯାତ୍ରା ଆରମ୍ଭ ହୁଏ । ଆଷାଢ଼ ଶୁକ୍ଳ ଦଶମୀ ସକାଳେ ମନ୍ଦିରରେ ମଙ୍ଗଳ ଆରତୀ, ମଇଲମ, ତଡପ ଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ବେଶ, ଗୋପାଳବଲ୍ଲଭ, ସକାଳଧୂପ ପରେ ସେନାପଟା ଲାଗି ଓ ମଙ୍ଗଳାର୍ପଣ ଆଦ ନୀତିମାନ କରାଯାଏ । ଠାକୁରମାନେ ପହଣ୍ଡି ହୋଇ ଗୁଣ୍ଡିଚା ଘରର ଉତର ଦ୍ୱାର ଦେଇ ସ୍ୱ- ସ୍ୱ ରଥରେ ବିଜେ କରନ୍ତି ।

ପୁରୀର ଗଜପତି ରାଜା ତିନିରଥର ଛେରାପହଁରା କରିସାରିବା ପରେ ଚାରମାଳ ଫିଟା, ଅଶ୍ୱଯୋଚା, ଡୋରବନ୍ଧା, ରଥଟଣା ପାଇଁ ଅନ୍ୟାନ୍ୟ କାର୍ଯ୍ୟ ଶେଷ ହେବାପରେ ଘଂଟ, କାହାଳୀ, ମୃଦଙ୍ଗ ଧ୍ୱନି ସହିତ ଆରମ୍ଭ ହୁଏ ରଥଟଣା କାର୍ଯ୍ୟ । ଫେରିବା ବେଳେ ଶ୍ରୀ ଜଗନ୍ନାଥ ଭାଇ ଭଉଣୀଙ୍କୁ ଧରି ମାଉସୀମା ମନ୍ଦିରରେ ପୋଡ଼ପିଠା ଖାଇଥାନ୍ତି ।

ପୁରୀ ବଡଦାଣ୍ଡଟି ମାଳିନୀ ନଦୀ ଦ୍ୱାରା ଦୁଇଭାଗରେ ବିଭକ୍ତ ଥିଲା ଶ୍ରୀ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତୀ ତିନି ରଥରେ ଆସି ନଦୀ ନିକଟରେ ଓହ୍ଲାଇ ପାରି କରି ପୁଣି ଆରପଟେ ଥିବା ତିନିରଥରେ ବିଜେ କରାଯାଉଥିଲା । ଏହି ଅସୁବିଧା ଦେଖି ଦେବୀ ଅର୍ଦ୍ଧାଶନୀ ମାଳିନୀ ନଦୀର ମହାପ୍ରଳୟ ଜଳକୁ ଶୋଷଣ କରିଥିବାରୁ ତାଙ୍କୁ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶନୀ ଆଖ୍ୟା ଦିଆଯାଇଛି । ଏହି ଅର୍ଦ୍ଧାଶନୀ ମହାପ୍ରଳୟ କାଳରେ ବନ୍ୟାଜଳକୁ ଶୋଷଣ କରି କ୍ଷେତ୍ରକୁ ରକ୍ଷା କରିଥିଲେ । ପୁଣି ଦେବୀ ଯୋଗମାୟାଙ୍କ ସ୍ୱ-ଗାତ୍ରରୁ ରୂପ ନେଇଥିବା ହେତୁ ତାଙ୍କ ଭଗ୍ନୀଭାବେ ମାଉସୀ ମା କୁହାଯାଏ । ଦେବୀ ଅର୍ଦ୍ଧାଶନୀ ଅଖିଳ ଲୋକ ଜନନୀ ସୁଭଦ୍ରାଙ୍କ ଭଗ୍ନୀ ଭାବରେ ମାତୃଭଗ୍ନୀ ମାଉସୀ ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି । ପୂରାଣରୁ ଜଣାଯାଏ ଯେ ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ ଯିବା ସମୟରେ ମାତା କୈକେୟୀଙ୍କୁ କହିଥଲେ ତୁମର ମୋର ସମ୍ପର୍କ ଜନ୍ମ ଜନ୍ମାନ୍ତର ରହିବ । ତ୍ରେତୟା ଯୁଗର ଅବସାନ ପରେ ଦ୍ୱାପରରେ ତୁମେ ହେବ ଯଶୋଦା ମାତା ମୁଁ ନଟନାଗର । ତାପରେ କଳି ଆସିବ ମୁଁ ହେବି ଦାରୁବ୍ରହ୍ମ ଜଗନ୍ନାଥ, ଆଉ ତୁମେ ହେବ ମୋ ମାଉସୀ । ବାହୁଡା ଦଶମୀ ଦିନ ଶ୍ରୀଜଗନ୍ନାଥଙ୍କ ରଥ ଗଜପତିଙ୍କ ନଅର ପାଖରେ ପହଁଚିଯାଏ । ଚାହାଣି ମଣ୍ଡପରୁ ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ ରଥ ଉପରେ ଦର୍ଶନ କରନ୍ତି । ମହାଲକ୍ଷ୍ମୀ ଅଭିମାନରେ ରଥର କିଛି ଅଂଶ ଭାଙ୍ଗି ଆସିଥିବାରୁ ଗଜପତି ରାଜାଙ୍କ ମଧ୍ୟସ୍ଥିରେ ଚାହାଣି ମଣ୍ଡପରେ ଲକ୍ଷ୍ମୀ ନାରାୟଣ ଭେଟ ହୁଏ । ଏକାଦଶୀ ଦିନ ଠାକୁରମାନଙ୍କ ସୁନାବେଶ କରାଯାଏ । ଶ୍ରୀଜୀଉମାନଙ୍କର ସୁନାବେଶ ବର୍ଷକୁ ପ୍ରାୟ ପାଂଚଥର ଅନୁଷ୍ଠିତ ହୁଏ । ବିଜୟା ଦଶମୀ, ପୌଷ ପୂର୍ଣ୍ଣମୀ, ଦୋଳ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀରେ ରଥଉପରେ ଅନୁଷ୍ଠିତ ହୁଏ । ରଥ ଉପରେ ଏହି ବେଶକୁ ବଡ଼ତଡ଼ାଉ ବେଶ, ରାଜ ରାଜେଶ୍ୱର ବେଶ ମଧ୍ୟ କୁହାଯାଏ । ଏହା ପରଦିନ ଅଧରପଣା ଆଷାଢ ଶୁକ୍ଳ ଦ୍ୱାଦଶୀରେ ଅନୁଷ୍ଠିତ ହୁଏ ଓ ଅନ୍ୟାନ୍ୟ ନୀତି ସରିବା ପରେ ଚତୁର୍ଦ୍ଦଶୀରେ ନିଳାଦ୍ରୀ ବିଜେ ହୁଏ । ମହାଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ଗୁଣ୍ଡିଚା ଯାତ୍ରାରେ ମହାଲକ୍ଷ୍ମୀ ଅଭିମାନ କରି ଦ୍ୱାର ବନ୍ଦ କରିଦିଅନ୍ତି । ଦେବୀଙ୍କ ମାନଭଞ୍ଜନ ପାଇଁ ପାଟଶାଢ଼ୀ ଓ ରସଗୋଲା ଅର୍ପଣ ପରେ ଦ୍ୱାର ଖୋଲେ. ତାପରେ ପ୍ରଭୁ ରତ୍ନ ସିଂହାସନକୁ ପହଣ୍ଡି ବିଜେ କରନ୍ତି । ଶେଷ ହୁଏ ଜନ୍ମବେଦୀରୁ କର୍ମବେଦୀକୁ ପ୍ରତ୍ୟାବର୍ତ୍ତନର ଯାତ୍ରା ।

**ଜୟଶ୍ରୀ ପଟ୍ଟନାୟକ, ଗଙ୍ଗନଗର, ଭୁବନେଶ୍ୱର, ମୋ: ୭୯୭୮୧୧୦୪୭୪**








**ଜନ୍ମବେଦୀରେ ଲୀଳାଖେଳା ସାରି ରତ୍ନବେଦୀକୁ ବାହୁଡିବେ ମହାପ୍ରଭୁ । ନବଦିନାତ୍ମକ ଯାତ୍ରାର ଅନ୍ତିମ ଚରଣରେ ଭାଇ ଉଭଣୀଙ୍କୁ ସାଙ୍ଗରେ ଧରି ସମସ୍ତଙ୍କ ପ୍ରିୟ କାଳିଆ ଠାକୁର ବାହୁଡିବେ ଶ୍ରୀମନ୍ଦିରକୁ । ଭକ୍ତମାନେ ପୁଣି ବଡଦାଣ୍ଡରେ ଅପେକ୍ଷା କରି ରହିବେ ଆଗାମୀ ରଥଯାତ୍ରାକୁ ।**

## ଦାରୁଦିଅଁ ଖାଇବେ ପୋଢ଼ପିଠା

**ଓ**ଡିଆ ଘରର ଅଳଙ୍କାର ଓ ଓଡିଆ ଘରର ଖାଦ୍ୟ ବିଶ୍ୱରେ ବିରଳ । ଓଡିଆ ଜାତିର ଜାତୀୟ ଦେବତା ଜଗନ୍ନାଥ ବି ଅଳଙ୍କାର ଓ ଖାଦ୍ୟ ପ୍ରିୟ । ପ୍ରତିଦିନ ଷାଠିଏ ପଉଟି ଭୋଗ ତାଙ୍କ ପାଇଁ ପ୍ରସ୍ତୁତ ହୁଏ । ଉଭୟ ଅନ୍ନ ଓ ଶୁଖିଲା ଭୋଗ ତାଙ୍କ ପାଇଁ ପ୍ରସ୍ତୁତ ହୁଏ । ଯାହାକୁ କି ମହାପ୍ରସାଦ କୁହାଯାଏ । ପିଠା ଖାଇବା ପାଇଁ ମହାପ୍ରଭୁଙ୍କର ବିଶେଷ ରୁଚି ଥିବାରୁ ପ୍ରତିଦିନ ପିଠା ଭୋଗ କରାଯାଏ । ତେବେ ରଥଯାତ୍ରାରେ ମହାପ୍ରଭୁଙ୍କ ପାଖେ ଭୋଗ ଲାଗିଥାଏ ପୋଡପିଠା । ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଘରେ ପୋଡପିଠା ପ୍ରସ୍ତୁତ କରାଯାଏ । ଏହା ଏକ ପାରମ୍ପରିକ ଓଡିଆ ପିଠା । ପ୍ରତ୍ୟେକ ଓଡିଆ ଘରେ ବିଭିନ୍ନ ପର୍ବପର୍ବାଣୀରେ ଏହି ପୋଡ ପିଠା ତିଆରି ହୁଏ । ଶ୍ରୀମନ୍ଦିର କୋଠଭୋଗରେ ଲାଗି ହେଉଥିବା ପୋଡପିଠା ଏହାଠୁ ଭିନ୍ନ । ଶ୍ରୀମନ୍ଦିର ଭାଷାରେ ଏହାକୁ କୁହାଯାଇଥାଏ 'ହାତପୋଡା ଅମାଲୁ' । ମହାପ୍ରଭୁଙ୍କର ଅତ୍ୟନ୍ତ ପ୍ରିୟ ଏହି ପୋଡପିଠା । ମହାପ୍ରଭୁଙ୍କ ସନ୍ଧ୍ୟା ଧୂପରେ ସାତ ମୂର୍ତ୍ତି ହାତପୋଡା ଅମାଲୁ ଭୋଗ ଲାଗିଥାଏ । ଦିବ୍ୟ ମହକ ଯୁକ୍ତ ଏହି ପୋଡପିଠା ଖୁବ୍ ସ୍ୱାଦପୂର୍ଣ୍ଣ । ବାହୁଡା ଦିନ ଦାରୁଦିଅଁ ରଥାରୂଢ ହେବା ପରେ ନୀଳାଚଳ ଅଭିମୁଖେ ଯାତ୍ରା କରନ୍ତି । କିଛି ବାଟ ଗଡିବା ପରେ ରଥ ବଳଗଣ୍ଡି ଠାରେ ଅଟକିଯାଏ । ସେହି ସ୍ଥାନ ହେଉଛି ମାଉସୀ ମା' ମନ୍ଦିର । ଖାଦ୍ୟପ୍ରିୟ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ପ୍ରକାର ସୁବାସିତ ଦ୍ରବ୍ୟର ମିଶ୍ରଣ କରି ଏହି ପୋଡ଼ପିଠା ପ୍ରସ୍ତୁତ କରିଥାନ୍ତି ସ୍ନେହମୟୀ ମାଉସୀ । ମହାପ୍ରଭୁଙ୍କର ମାଉସୀ ହେଉଛନ୍ତି ଅର୍ଦ୍ଧାସିନୀ ଦେବୀ ।

ବହୁ ବର୍ଷ ପୂର୍ବରୁ ବଡଦାଣ୍ଡ ମାଳିନୀ ନଦୀ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇଥିଲା । ସେତେବେଳେ ଶ୍ରୀମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ଗୁଣ୍ଡିଚା ଯାତ୍ରାରେ ଯିବାକୁ ରଥଯାତ୍ରା ସମୟରେ ଛଅଟି ରଥ ନିର୍ମାଣ ହେଉଥିଲା । ଶ୍ରୀମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ତିନୋଟି ରଥରେ ଆସି ନଦୀ ନିକଟରେ ଓହ୍ଲାଉଥିଲେ । ତାଙ୍କୁ ନଦୀ ପାର କରାଯାଇ ପୁନଶ୍ଚ ଆରପଟେ ତିନି ରଥରେ ବିଜେ କରାଯାଉଥିଲା । ମହାପ୍ରଭୁ ନଦୀ ପାର ହୋଇ ଯିବା ପରେ ସେହି ରଥରେ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଉଥିଲେ । ଏହି ନବ ଦିନାତ୍ମକ ଯାତ୍ରା ମଧ୍ୟରୁ ରଥ ଅଦଳବଦଳରେ ଛଅରୁ ସାତ ଦିନ ବିତୁଥିଲା । ଏହି ଅସୁବିଧା ଦେଖି ମହାପ୍ରଭୁଙ୍କ ମାଉସୀ ମାଳିନୀ ନଦୀକୁ ଶୋଷି ଦେଇଥିଲେ । ଯେଉଁଥିପାଇଁ ତାଙ୍କୁ କୁହାଯାଏ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶିନୀ । ଚତୁର୍ଦ୍ଧାମୂର୍ତ୍ତିଙ୍କ ଅସୁବିଧା ଦୂର ପାଇଁ ମାଉସୀ ନଦୀ ଜଳ ଶୋଷି ନେଇଥିବାରୁ ମହାପ୍ରଭୁ ଜଗନ୍ନାଥ ମାଉସୀ କଥା ରକ୍ଷା କରି ବାହୁଡିବା ବେଳେ ମାଉସୀମା ମନ୍ଦିରରେ ପୋଡପିଠା ଖାଇ ଯାଇଥାନ୍ତି ବୋଲି କିମ୍ବଦନ୍ତୀ ରହିଛି । ମାଦଳା ପାଞ୍ଜି ମୁତାବକ ବୀର ନରସିଂହଦେବ ରାଜାଙ୍କ ରାଜତ୍ୱ କାଳରେ ବାଙ୍କି ମୁହାଣ ପୋତା ହୋଇଥିଲା । ନଦୀ ପୋତାଯିବାରୁ ଛଅ ରଥ ବଦଳରେ ତିନି ରଥ କରାଯାଇଥିଲା । କେତେକ ଗବେଷକଙ୍କ ମତରେ ଗଙ୍ଗ ସମ୍ରାଟ ଅନଙ୍ଗ ଭୀମଦେବଙ୍କ ପୁତ୍ର ପ୍ରଥମ ଭାନୁଦେବଙ୍କ ଶାସନ କାଳରେ ମାଧବାଚାର୍ଯ୍ୟ ଶ୍ରୀକ୍ଷେତ୍ର ଆଗମନ କରିଥିଲେ । ରଥଯାତ୍ରା ସମୟରେ ଦୁଇ ପ୍ରକାର ରଥ ବ୍ୟବସ୍ଥା ଶାସ୍ତ୍ର ବିରେଧୀ ବୋଲି ମତ ଦେବାରୁ ପ୍ରଥମ ଭାନୁଦେବ ମାଳିନୀ ନଦୀକୁ ପୋତି ବଡଦାଣ୍ଡରେ ମିଶାଇ ଦେଇଥିଲେ । ତେବେ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମଝି ଭାଗରେ ମାଉସୀ ମା' ମନ୍ଦିର ଅବସ୍ଥିତ । କେଶରୀ ବଂଶ ରାଜାଙ୍କ ରାଜତ୍ୱ ସମୟରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ହେରା ପଞ୍ଚମୀ ଠାରୁ ପୋଡପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଏହି ଦିନ ଇଟାରେ ଚୁଲି ନିର୍ମାଣ କରାଯାଏ । ଛେନା, ଅଟା, ଚିନି, ଅଳେଇଚ, ଲବଙ୍ଗ, ପେସ୍ତା ବାଦାମ, କିସ୍‌ମିସ୍ ଏବଂ ଘିଅ ମିଶାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ । ଚୁଲିରେ ପାଣି ହାଣ୍ଡି ବସାଯାଇ ଗରମ କରାଯାଏ । ହାଣ୍ଡି ଉପରେ ପଡିଥିବା ଜାଲିରେ ଏକ ଖଲି ପତ୍ର ପକାଯାଇ ଏହି ଅଟା ମିଶ୍ରଣକୁ ରଖାଯାଏ ଓ ତା ଉପରେ ଏକ ଖଲି ପତ୍ର ରଖାଯାଏ । ଗରମ ପାଣିରୁ ନିର୍ଗତ ବାମ୍ଫରେ ସାତରୁ ଆଠ ଘଣ୍ଟା ଏହି ମିଶ୍ରଣ ସିଝିଥାଏ । ଏହା ସଂପୂର୍ଣ୍ଣ ସିଝି ପାଗ ହୋଇଯିବା ପରେ ତାହାକୁ ଓହ୍ଲାଇ ଥଣ୍ଡା କରାଯାଏ । ଥଣ୍ଡା ହେବା ପରେ ତାହାକୁ ସାଇଜ୍ କରି କଟାଯାଇ ଦେଶୀ ଗୁଆଘିଅରେ ଛଣା ଯାଇଥାଏ । ତତ୍ପରେ ଏହା ନୈବେଦ୍ୟ ଉପଯୋଗୀ ହୋଇଥାଏ । ତିନୋଟ ମାଟି କୁଡୁଆରେ ଏହା ରଖା ଯାଇଥାଏ । ବାହୁଡା ଦିନ ପ୍ରତି ରଥ ମାଉସୀମା' ମନ୍ଦିର ନିକଟରେ ଅଟକିଥାଏ । ପୂଜାପଣ୍ଡା ସାମନ୍ତ ଆସି ମାଉସୀ ମା'ଙ୍କ ନିକଟରେ ପୋଡପିଠା ଭୋଗ କରିବା ପରେ ରଥାରୁଢ ଠାକୁରଙ୍କୁ ସମର୍ପଣ କରିଥାନ୍ତି । ଏହାକୁ ସର୍ପମଣୋହି ଭୋଗ କୁହାଯାଏ । ମାଉସୀ ଅର୍ଦ୍ଧଶୋଷିନୀଦେବୀଙ୍କ ପ୍ରସ୍ତୁତ ସ୍ୱାଦିଷ୍ଟ ପୋଡପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥାନ୍ତି ମହାପ୍ରଭୁ । ବହୁ କଥା ଓ ଗାଥାକୁ ନେଇ ଏହି ପୋଡପିଠା ଭୋଗ ପରମ୍ପରା ଉଜ୍ଜୀବିତ । ପୋଡପିଠା ଭୋଗରୁ କାଣିଚାଏ ପାଇବାକୁ ଭକ୍ତ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି ।





ପ୍ରେମାନନ୍ଦ ପାଣିଗ୍ରାହୀ
ମୋ-୯୪୩୭୭୨୯୩୮୪



## ଶଙ୍ଖ ମାହାତ୍ମ୍ୟ

**ଶ**ଙ୍ଖ ଏକପ୍ରକାର ସାମୁଦ୍ରିକ ଜୀବର ଦେହାବଶେଷରୁ ପ୍ରାପ୍ତ ପବିତ୍ର ବସ୍ତୁ । ଭାରତୀୟ ହିନ୍ଦୁ ସନାତନ ଧର୍ମରେ ଅଧ୍ୟାତ୍ମିକ ଦୃଷ୍ଟିକୋଣରୁ ଶଙ୍ଖର ମହତ୍ତ୍ୱ ଅତି ଉଚ୍ଚ ସ୍ଥାନ ଲାଭ କରିଛି । ପ୍ରାୟତଃ ସମସ୍ତ ହିନ୍ଦୁ ଦେବାଦେବୀଙ୍କ ମନ୍ଦିରରେ, ପୂଜାସ୍ଥଳୀରେ, ଭାଗବତଟୁଙ୍ଗି, ମଠ ଓ ଶକ୍ତିପୀଠରେ ଏହାର ଉପସ୍ଥିତି ଦେଖିବାକୁ ମିଳେ । ବିବାହ, ଜନ୍ମୋତ୍ସବ, ପୂଜାପାର୍ବଣ ଆଦି ଯାବତୀୟ ମାଙ୍ଗଳିକ କାର୍ଯ୍ୟରେ ଶଙ୍ଖ ବାଦନର ବ୍ୟବସ୍ଥା କରାଯାଇଥାଏ । ଏହାର କାରଣ ହେଉଛି ପ୍ରାୟତଃ ସନାତନ ଧର୍ମର ଅଧିକାଂଶ ଦେବାଦେବୀ ଆୟୁଧ ରୂପରେ ଶଙ୍ଖ ଧାରଣ କରିଛନ୍ତି । ସ୍ୱୟଂ ଭଗବାନ ବିଷ୍ଣୁ 'ପାଞ୍ଚଜନ୍ୟ' ନାମକ ଶଙ୍ଖର ଅଧିକାରୀ ଥିଲେ ବୋଲି ପୁରାଣଶାସ୍ତ୍ରରୁ ଜଣାଯାଏ । ସମୁଦ୍ର ମନ୍ଥନ ସମୟରେ ଦେବାସୁର ମିଳିତ ଭାବରେ ଯେଉଁ ଅମୃତ ଓ ରତ୍ନାଦି ପ୍ରାପ୍ତ କରିବା ପାଇଁ ପ୍ରୟାସ କରିଥିଲେ ସେହି ସମୟରେ ପାଞ୍ଚଜନ୍ୟ ନାମକ ଜୈବିକ ଶଙ୍ଖ ସମୁଦ୍ରରୁ ବାହାରିଥିଲା । ଯାହାର ଅଦ୍ଭୁତ ସ୍ୱର, ରୂପ ଓ ଗୁଣ ପ୍ରତି ଆକୃଷ୍ଟ ହୋଇ ସ୍ୱୟଂ ଭଗବାନ ବିଷ୍ଣୁ ତାହାକୁ ନିଜର ଆୟୁଧ ରୂପେ ଗ୍ରହଣ କରିଥିଲେ । ସେହି ସମୟରୁ ଶ୍ରୀ ବିଷ୍ଣୁଙ୍କର ଚତୁର୍ଭୁଜଧାରୀ ଅବୟବରେ ଶଙ୍ଖ ଶୋଭାପାଇଆସୁଛି ।

ମହାଭାରତ ଯୁଦ୍ଧ ସମୟରେ ବିପକ୍ଷକୁ ସନ୍ଦେଶ ସଂପ୍ରେକ୍ଷଣ ତଥା ଉଭୟପକ୍ଷକୁ ଯୁଦ୍ଧ ପାଇଁ ତତ୍ପର ହେବା ଉଦ୍ଦେଶ୍ୟରେ ଶଙ୍ଖ ଧ୍ୱନି ଉଚ୍ଚାରଣ କରାଯାଉଥିଲା । କେବଳ ସେତିକି ନୁହେଁ ଯୁଦ୍ଧରେ ବିଜୟଲାଭ କରିଥିବା ଯୋଦ୍ଧା ଶଙ୍ଖ ବାଦନ କରି ବିଜୟପ୍ରାପ୍ତିର ସୂଚନା ଏବଂ ଯୁଦ୍ଧ ସମାପ୍ତିର ସୂଚନା ଶତ୍ରୁପକ୍ଷକୁ ଦେଉଥିଲେ । ମହାଭାରତ ଯୁଦ୍ଧରେ ପାଣ୍ଡବ ଯୋଦ୍ଧାମାନଙ୍କ ମଧ୍ୟରେ ଅର୍ଜୁନ 'ଦେବଦତ୍ତ', ଭୀମ 'ପୌଣ୍ଡ୍ର', ଯୁଧିଷ୍ଠିର 'ଅନନ୍ତବିଜୟ', ନକୁଳ 'ସୁଘୋଷ' ତଥା ସହଦେବ 'ମଣିପୁଷ୍ପକ' ନାମକ ଶଙ୍ଖ ଧାରଣ କରିଥିବା ବର୍ଣ୍ଣନା ରହିଛି । ତେଣୁ ଅତୀତରେ ଶଙ୍ଖ ଯୁଦ୍ଧ ଓ ବିରତ୍ୱର ବାର୍ତ୍ତା ପ୍ରଚାରରେ ମଧ୍ୟ ସହାୟକ ହୋଇଥିଲା ।

ଶଙ୍ଖ ଯେ କେବଳ ପୂଜାରେ ବ୍ୟବହୃତ ହେଉଥିବା ପବିତ୍ର ବସ୍ତୁ ତାହା ନୁହେଁ, ଏହାକୁ ଆୟୁର୍ବେଦୀୟ ଚିକିତ୍ସାରେ ମଧ୍ୟ ସ୍ୱାସ୍ଥ୍ୟ ଲାଭର ସାଧନ ରୂପେ ସ୍ୱୀକାର କରାଯାଇଛି । ଆୟୁର୍ବେଦରେ ଶଙ୍ଖ ଭସ୍ମରୁ ଔଷଧ ପ୍ରସ୍ତୁତ କରାଯାଇ ବିଭିନ୍ନ ପ୍ରକାରର ଉଦରଗତ ରୋଗ, ସ୍ତ୍ରୀରୋଗ, ନେତ୍ରରୋଗ ଆଦିର ଉପଚାର କରାଯିବାର ବିଧି ରହିଛି । ସେହିଭଳି ଭୌଗୋଳିକ ସୀମା ସରହଦ ତଥା ଶାସ୍ତ୍ରୀୟ ସିଦ୍ଧାନ୍ତ ଅନୁସାରେ ପୁରୀର ପରିସୀମା ହେଉଛି ଦକ୍ଷିଣାବର୍ତ୍ତୁକ ଶଙ୍ଖ ସଦୃଶ । ଦକ୍ଷିଣାବର୍ତ୍ତୁକ ଶଙ୍ଖର ଆକୃତି ହେଉଛି ଭୌମାକୃତି ଅର୍ଥାତ୍ ତ୍ରିକୋଣାକାର । ବାଙ୍କିମୁହାଣ ନଦୀ, ମିଟିଆଣି ନଦୀ, ମଙ୍ଗଳା ନଦୀ ଓ ତୀର୍ଥରାଜ ମହୋଦଧି ପରିବେଷ୍ଟିତ ଦ୍ୱୀପାଞ୍ଚଳ ହିଁ ଶଙ୍ଖ କ୍ଷେତ୍ର ନାମରେ ଅଭିହିତ । ଏହିଥିରୁ ଜଣାଯାଏ ଯେ ଭଗବାନ ବିଷ୍ଣୁଙ୍କର ଆୟୁଧ ରୂପେ ମାନ୍ୟତା ପ୍ରାପ୍ତ ଶଙ୍ଖ ଉଭୟ ଉପଚାର ଓ ଉପାସନାର ଏକ ପ୍ରମୁଖ ସାଧନ । ତେଣୁ ଶାସ୍ତ୍ରରେ ଏହା ୧୪ଗୋଟି ରତ୍ନ ମଧ୍ୟରେ ସ୍ଥାନ ପାଇଛି ।

(ଡାକ୍ତର ଦୀନବନ୍ଧୁ ମହାରଣା)



## ପୁରୀ ମଙ୍ଗଳାଘାଟ ପାଟଣା ଗ୍ରାମ ରାମ ଚରିତ ମାନସ ମନ୍ଦିର ଭୂମି ପୂଜନ ସମାରୋହ

# ସଂସ୍କାରଧର୍ମୀ କାର୍ଯ୍ୟର ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ପୁରୀର ମଙ୍ଗଳାଘାଟ ଠାରେ ଆୟୋଜିତ ରାମ ଚରିତ ମାନସ ମନ୍ଦିର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତିଯେ ସଂସ୍କୃତି ଓ ସଂସ୍କାରଧର୍ମୀ କାର୍ଯ୍ୟ ଓ ଏହାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜ ଅଧ୍ୟକ୍ଷତା କରି ଏହି ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରିଥିଲେ। ସୂଚନା ଯୋଗ୍ୟଯେ ରାଘବ ପରିବାର ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେଯେ, ଏହି ପାଟଣା ଗ୍ରାମରେ ଭଗବାନ ଶ୍ରୀରାମ ଚରିତ ମାନସ ଭବ୍ୟ ମନ୍ଦିର ହେବା ଏକ ସୌଭାଗ୍ୟର ବିଷୟ ଏବଂ ଏହି ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ କରିବାକୁ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜଙ୍କ ଆଗମନ ଆମ ପାଇଁ ଆଶୀର୍ବାଦ। ଏଠାରେ ରାମ ଚରିତ ମାନସ ମନ୍ଦିର ପ୍ରତିଷ୍ଠା ହିନ୍ଦୁ ପରମ୍ପରାର ଏକ ଅନନ୍ୟ ନିଦର୍ଶନ। ଆଗାମୀ ୧୦ ବର୍ଷ ଅର୍ଥାତ ୨୦୩୬ ମସିହା ପର୍ଯ୍ୟନ୍ତ ଆମର ଭିଜନ ଡକୁମେଣ୍ଟ "୩୬ ପାଇଁ ୩୬" ପ୍ରସ୍ତୁତ ଅଛି ଏବଂ ସରକାର ସେଇ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ଜୀଙ୍କର ସମାଜର ୪ଟି ବର୍ଗ- ଅନ୍ନଦାତା, ଗରିବ, ମହିଳା ଓ ଯୁବାଙ୍କ ବିକାଶକୁ ପ୍ରାଧାନ୍ୟ ଦେଇ ସମସ୍ତ ଯୋଜନାକୁ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଭାବରେ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ବିକଶିତ ଭାରତକୁ ସାକାର କରିବ। ରାଜ୍ୟରେ ସମସ୍ତ ଜନହିତକର ଯୋଜନା ଲୋକଙ୍କ ପର୍ଯ୍ୟନ୍ତ ପହଁଚୁଛି ଏବଂ ଓଡ଼ିଶା ବିକାଶର ଶିଖର ଛୁଇଁବ। ଭୂମି ପୂଜନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ସେହି ସ୍ଥାନରେ ଏକ ନିମ୍ବ ଗଛ ଲଗାଇଥିଲେ ଏବଂ ଭୂମି ପୂଜନ ଯଜ୍ଞରେ ନିର୍ମାଣ ପ୍ରସ୍ତରର ଶୁଭ ଦେଇଥିଲେ। ଏହି ଅବସରରେ ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଶ୍ରୀ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଶ୍ରୀମତୀ ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭୂମି ପୂଜନ କଲେ ପଦ୍ମବିଭୂଷଣ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜ

## ରାୟଗଡା ଜିଲ୍ଲାକୁ ଆବେଦନକାରୀଙ୍କ ପ୍ରବେଶ କଟକଣାକୁ ବିରୋଧ

# ଆବେଦନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନକୁ ହାଇକୋର୍ଟଙ୍କ ନା

କଟକ,(ସବ୍ୟୁ): ରାୟଗଡ଼ା ଜିଲ୍ଲାକୁ ଆବେଦନକାରୀଙ୍କ ପ୍ରବେଶ ଉପରେ ଦୁଇମାସ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଥିଲାବେଳେ ଏହାକୁ ବିରୋଧ କରି ରୁଜୁ ମାମଲାରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି ଓ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରାୟଗଡ଼ା ପ୍ରଶାସନ ଆବେଦନକାରୀଙ୍କ ବିରୋଧରେ କୌଣସି ପ୍ରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ସମାଜସେବୀ ପ୍ରଫୁଲ୍ଲ କୁମାର ସାମନ୍ତରା ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୮ ତାରିଖ ପରକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ରାୟଗଡ଼ା ଜିଲ୍ଲା ପ୍ରଶାସନ ଗତ ଜୁନ୍ ୪ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରି ଆବେଦନକାରୀଙ୍କ ରାୟଗଡ଼ା ଜିଲ୍ଲାକୁ ପ୍ରବେଶ ତଥା ସେଠାରେ ଉପସ୍ଥିତି ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇଥିଲେ। ଏହି କଟକଣା ଆସନ୍ତା ଅଗଷ୍ଟ ୪ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏପରିକି ଏହି ସମୟ ମଧ୍ୟରେ ଆବେଦନକାରୀମାନେ ରାୟଗଡ଼ା ଜିଲ୍ଲାରେ ନା ଧାରଣା କିମ୍ବା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା କିଛି ବି କରିପାରିବେ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଏହାର କାରଣ ସମ୍ପର୍କରେ କିଛି ବି ଉଲ୍ଲେଖ କରାଯାଇନଥିଲା। ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ସେମାନେ ଜୁନ୍ ୫ ତାରିଖରେ ରାୟଗଡ଼ାରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ଡାକରା ପାଇଁ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରିବେଶର ସୁରକ୍ଷା ପାଇଁ ଯଦିଓ ସେମାନେ କାର୍ଯ୍ୟ କରନ୍ତି କିନ୍ତୁ ସମାଜର କ୍ଷତି ପହଞ୍ଚାଇଲା ଭଳି କିଛି କରିନାହାନ୍ତି ବା କରିବାର କୌଣସି ଅଭିପ୍ସା ମଧ୍ୟ ସେମାନଙ୍କର ନାହିଁ । ଉକ୍ତ ସଭାରେ ସେମାନେ କୌଣସି ଶିଳ୍ପ ସଂସ୍ଥାକୁ ବିରୋଧ ମଧ୍ୟ କହିନାହାନ୍ତି । କିନ୍ତୁ ରାୟଗଡ଼ା ଜିଲ୍ଲା ପ୍ରଶାସନ ଅଯଥାରେ ସେମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇ ସେମାନଙ୍କର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ନେଇ ରାୟଗଡ଼ା ଜିଲ୍ଲା ପ୍ରଶାସନକୁ ଏହା ଉପରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେବାସହ ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟର ବରିଷ୍ଠ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ଏବଂ ଆଇନଜୀବୀ ଇଶ୍ୱର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ହିରଣ୍ୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ କଲା ଶିଳ୍ପାଞ୍ଚଳ ପୁଲିସ

# ୪ ହଜାର ଟଙ୍କା ମାଗିବାରୁ ପିଟି ପିଟି ମାରି ଦେଲେ, ମାମୁଁ ଓ ଭଣଜା ସମେତ ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଗତ ୨୯ତାରିଖରେ ବନ୍ଧାପୋଖରୀ ନିକଟରୁ ଉଦ୍ଧାର ହୋଇଥିବା ଜଟଣୀ ବିକାଶ ନଗର ଅଂଚଳର ହିରଣ୍ୟ ମୃତଦେହ ଘଟଣାରୁ ପରଦା ଉଠାଇଛି ଶିଳ୍ପାଂଚଳ ପୁଲିସ। ବାକି ୪ହଜାର ଟଙ୍କା ମାଗିବାରୁ ହିରଣ୍ୟକୁ ପିଟି ପିଟି ହତ୍ୟା କରାଯାଇଥିବା ଏସପି ସାଗରିକା ନାଥ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ ଦୁଇ ଭାଇଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଜଟଣୀ ଥାନା ପଦନପୁର ଗ୍ରାମର ଭୀମରାଜ ମହାନ୍ତି (୩୮), ତାର ଭାଇ ସୁରେଶ ମହାନ୍ତି (୩୬) ଏବଂ ଭଣଜା ସଦରଥାନା ଅନ୍ତର୍ଗତ ଦଧିମାଛଗାଡିଆର ବିକ୍ରମ ଦାସ (୨୮)।ଗିରଫମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଗତ ୨୮ ତାରିଖ ଅପରାହ୍ନରେ ମୃତକ ହିରଣ୍ୟ ତାର ଦୁଇ ସାଙ୍ଗ ରାମ ଓ ବାବୁଙ୍କ ସହ ରାଜାବଜାର ଅଂଚଳରେ ବୁଲୁଥିବା ସମୟରେ ଭୀମ ସହ ଦେଖା ହୋଇଥିଲା। ସେଠାରେ ହିରଣ୍ୟ ବାକିଥିବା ଚାରି ହଜାର ଟଙ୍କା ଭୀମା କୁ ମାଗିବାରୁ ଆରମ୍ଭ ହୋଇଥିଲା ବଚସା। ପରେ ହିରଣ୍ୟ ଓ ତାର ସାଙ୍ଗ ଦୁଇଜଣ ମଦପିଇ ପୁଣି ଭୀମ କୁ ଗାଳି କରିଥିଲେ। ଏପରିକି ଟଙ୍କା ନଦେଲେ ଆକ୍ରମଣ କରିବାକୁ ଧମକ ଦେଇଥିଲେ। ଭୀମ ର ଏକ ଟାଟାଏସିଇ ଗାଡିକୁ ହିରଣ୍ୟ ଛଡାଇନେଇଥିବାବେଳେ ଟଙ୍କା ଫେରାଇଲେ ଦେବ ବୋଲି କହିଥିଲା। ଏନେଇ ଭୀମ ତାର ଭାଇ ସୁରେଶ କୁ ଜଣାଇଥିଲା। ସନ୍ଧ୍ୟାରେ ଭୀମ ଘରେ ଥିବା ସମୟରେ ଟାଟାଏସିଇ ଧରି ହିରଣ୍ୟ ସେଠାରେ ପହଁଚି ଗହଳୀ କରିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୁରେଶ ଓ ଭୀମ ହିରଣ୍ୟ କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। କାଠ ଫାଳିଆ ମାଡ଼ରେ ହିରଣ୍ୟ ର ମୃତ୍ୟୁ ଘଟିଥିଲା। ମୃତଦେହ କୁ ଉଭୟ ଦୁଇଭାଇ ଦଧିମାଛଗାଡିର ଭଣଜା ବିକ୍ରମ ସହାୟତାରେ ଫୋପାଡିବାକୁ ଯୋଜନା କରି ବନ୍ଧାପୋଖରୀ ନିକଟରେ ସୁରେଶ ର ଅଟୋରେ ଆଣି ଫୋପାଡି ଅଟୋକୁ ଦଧିମାଛଗଡିଆରେ ଲଚାଇ ରଖିଥିଲେ। ଶିଳ୍ପାଂଚଳ ପୋଲିସ୍ ୨୯ତାରିଖ ଦିନ ମୃତଦେହ ଜବତ କରିବା ସହ ଅନୁସନ୍ଧାନ କରିଥିଲେ। ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ ରେ ତିନୋଟି ଟିମ୍ ଏହି ଘଟଣାର ଅନୁସନ୍ଧାନ କରିଥିଲେ। ଘଟଣାର ୫ଦିନ ପରେ ପୋଲିସ ଏହାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଦୁଇଭାଇଙ୍କ ସମେତ ତାଙ୍କ ଭଣଜାକୁ ମିଶାଇ ତିନିଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡ ରେ ବ୍ୟବହୃତ ଯାତ୍ରୀବାହୀ ଅଟୋ (ଓଆର ୦୨ବିଏଚ୍-୩୭୦୭), ଟାଟାଏସିଇ, (ଓଆର୦୨ବିଇ-୫୬୧୧) ଓଲା ସ୍କୁଟର ସମତେ ଏକ ମୋଟର ସାଇକେଲ, କାଠ ଫାଳିଆ ଏବଂ ମୋବାଇଲ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଖୋର୍ଦ୍ଧା ଏସ୍‌ପିସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାରରଞ୍ଜନ ପ୍ରଧାନ, ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଆଦର୍ଶଥାନା ଅଧିକାରୀ ସଞ୍ଜୟ ନାୟକ, ଶିଳ୍ପାଂଚଳ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ, କନେଷ୍ଟବଳ ପ୍ରଦୀପ ହରିଚନ୍ଦନ, ସମ୍ବିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


## ରେଜିଷ୍ଟ୍ରାର ଜମି ପଞ୍ଜିକରଣ ବନ୍ଦ କରିପାରିବେ ନାହିଁ : ହାଇକୋର୍ଟ


# ପ୍ରଶାସନିକ କ୍ଷେତ୍ରରେ ରେଜିଷ୍ଟ୍ରାରମାନେ ସବ୍ ରେଜିଷ୍ଟ୍ରାରଙ୍କ ଉପରେ ନିୟନ୍ତ୍ରଣ ରଖିପାରିବେ

କଟକ(ସବ୍ୟୁ) : ଯଦି ସମସ୍ତ ସମ୍ପତ୍ତିର ଡକ୍ୟୁମେଣ୍ଟ ଠିକ୍ ଥିବ ଏବଂ ସବ୍-ରେଜିଷ୍ଟ୍ରାର ଉକ୍ତ ଜମିର ପଞ୍ଜିକରଣ ପାଇଁ ନିଷ୍ପତ୍ତି ନେଇଥିବେ ସେ କ୍ଷେତ୍ରରେ ଜିଲ୍ଲା ରେଜିଷ୍ଟ୍ରାର ସବ୍-ରେଜିଷ୍ଟ୍ରାରଙ୍କ ନିଷ୍ପତ୍ତି ବିରୋଧରେ ଯାଇ ଜମିର ପଞ୍ଜିକରଣ ପାଇଁ ମନା କରିପାରିବେ ନାହିଁ । ଜଣେ ରେଜିଷ୍ଟ୍ରାର କେବଳ ପ୍ରଶାସନିକ କ୍ଷେତ୍ରରେ ସବ୍-ରେଜିଷ୍ଟ୍ରାରଙ୍କ ଉପରେ ନିୟନ୍ତ୍ରଣ ରଖିପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ମତ ଦେଇଛନ୍ତି । ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କ ଆଦେଶକୁ ଚାଲେଞ୍ଜ କରି ହାଇକୋର୍ଟକୁ ଆସିଥିବା ସବିତା ଅଗ୍ରୱାଲଙ୍କ ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ରାୟ ଦେଇଛନ୍ତି। ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼ରେ କିଛି ଜମି ଆବେନଦନକାରୀ ଜଣେ ବ୍ୟକ୍ତିଙ୍କ ନିକଟରୁ କିଣିଥିଲେ। ଏହି ଜମି ଦାଖଲ-ଖାରଜ ପାଇଁ ଆବେଦକାରୀ ବୌଦ୍ଧ ଉପ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲାବେଳେ ଏହି ଜମିର ପ୍ଲଟ୍ ପଞ୍ଜିକରଣକୁ ବନ୍ଦ ପାଇଁ ସବ୍ ରେଜିଷ୍ଟ୍ରାରଙ୍କୁ ଜିଲ୍ଲା ରେଜିଷ୍ଟ୍ରାର ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି ପରିପ୍ରେକ୍ଷୀରେ କହିଛନ୍ତି ଯେ, ରେଜିଷ୍ଟ୍ରିସନ୍ ଆଇନର ଧାରା ୬୮ରେ ଜଣେ ରେଜିଷ୍ଟ୍ରାରଙ୍କର ସବ୍ ରେଜିଷ୍ଟ୍ରାରଙ୍କ ଉପରେ ନିୟନ୍ତ୍ରଣ ରଖିବାର କ୍ଷମତା ଦିଆଯାଇଛି। ତେବେ ଏହି ଧାରାରେ ଜଣେ ରେଜିଷ୍ଟ୍ରାର, ସବ୍-ରେଜିଷ୍ଟ୍ରାର ଜମି ପଞ୍ଜିକରଣ ପାଇଁ ଦେଇଥିବା ଆଦେଶକୁ ବନ୍ଦ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛି। ତେଣୁ ଏହି ଆଧାରରେ ବୌଦ୍ଧ ରେଜିଷ୍ଟ୍ରାରଙ୍କ ଆଦେଶ ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ମତ ଦେବାସହ ଜମି ପଞ୍ଜିକରଣ ବନ୍ଦ ପାଇଁ ଦେଇଥିବା ଆଦେଶକୁ ରଦ୍ଦ କରି ଦେଇଛନ୍ତି।

## ସେଣ୍ଟ ଜାଭିୟର୍ସ ପାଣ୍ଡା କବସ ପ୍ଲେ ସ୍କୁଲର ଦନ୍ତ ଚିକିତ୍ସା ଶିବିର

କଟକ, (ସବ୍ୟୁ) : ସେଣ୍ଟ ଜାଭିୟର୍ସ ପାଣ୍ଡା କବସ ପ୍ଲେ ସ୍କୁଲର ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଶିବିରରେ କୁନି କୁନି ପିଲାମାନେ କିପରି ନିଜ ଦାନ୍ତର ଯତ୍ନ ନେବେ ସେ ସଂକ୍ରାନ୍ତରେ ଡେଣ୍ଟାଲ ସର୍ଜନ ଡ଼ାକ୍ତର ଅନୁସୟା ପତି ଅତି ସରଳ ଉପାୟ ପିଲା ଓ ସେମାନଙ୍କ ଅଭିଭାବକ ମାନଙ୍କୁ ବତାଇ ଦେଇଥିଲେ। ଦନ୍ତ ପରୀକ୍ଷା ପରେ ଦନ୍ତ ଚିକିତ୍ସା କାର୍ଡ ପିଲାମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଚିକିତ୍ସା ଶିବିରକୁ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ ଉଦ୍ଘାଟନ କରି ବିଦ୍ୟାଳୟର ପ୍ରବନ୍ଧକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏଥିରେ ସହଯୋଗ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତା ଙ୍କୁ ପ୍ରବନ୍ଧକ ଧନ୍ୟବାଦ୍ ଦେଇଥିଲେ।

# ମିଳିତ ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ସୋଆ ଏବଂ ଇଗ୍ନୁ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ




ଭୁବନେଶ୍ୱର, (ସବ୍ୟୁ): କୃଷି ବିଜ୍ଞାନ କ୍ଷେତ୍ରରେ ମିଳିତ ଭାବରେ ଦୂରଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ୭ଟି ଶିକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ଇନ୍ଦିରା ଗାନ୍ଧି ନ୍ୟାସ୍‌ନାଲ୍ ଓପନ୍ ୟୁନିଭର୍ସିଟି (ଇଗ୍ନୁ) ମଧ୍ୟରେ ଏକ ବୁଝମଣା ସ୍ୱାକ୍ଷରିତ ହୋଇଯାଇଛି। ସୋଆରେ ଇଗ୍ନୁ ପକ୍ଷରୁ ଏକ ଲର୍ଣ୍ଣର ସପୋର୍ଟ ସେଂଟର (ଏଲ୍‌ଏସ୍‌ସି) ଆରମ୍ଭ କରାଯାଇ ଏହି ଶିକ୍ଷା କାର୍ଯ୍ୟକ୍ରମ ସମ୍ପାଦନ କରାଯିବ ବୋଲି ବୁଝାମଣାରେ ଦର୍ଶାଯାଇଛି। ସମାଜରେ ଶିକ୍ଷାର ସୁଯୋଗକୁ ବିସ୍ତୃତ କରିବା ଲକ୍ଷ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି।

ବୁଝାମଣା ଅନୁଯାୟୀ ଏହି ଏଲ୍‌ଏସ୍‌ସି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ରେ ଆରମ୍ଭ କରାଯିବାର ଯୋଜନା ରହିଥିବା ବେଳେ ପ୍ରାଥମିକ ସ୍ତରରେ ଅର୍ଗାନିକ ଫାର୍ମିଂ, ବି କିପିଙ୍ଗ୍ ଓ ପୋଲ୍‌ଟ୍ରି ଫାର୍ମିଂରେ ସାର୍ଟିଫିକେଟ ପ୍ରୋଗ୍ରାମ ପ୍ରଦାନ କରାଯିବ। ସେହିପରି ହର୍ଟିକଲ୍‌ଚର୍ ଏବଂ ଡାଇରୀ ଟେକ୍ନୋଲଜିରେ ଡିପ୍ଲୋମା ପ୍ରୋଗ୍ରାମ୍ ଏବଂ ଏଗ୍ରିବିଜିନେସ ଓ ଏଗ୍ରିକଲ୍‌ଚରାଲ୍ ପଲିସିରେ ପୋଷ୍ଟ ଗ୍ରାଜୁଏଟ୍ ସାର୍ଟିଫିକେଟରେ ପାଠ୍ୟକ୍ରମ ରହିବ। ଆଗାମୀ ଦିନରେ ଏହି ପାଠ୍ୟକ୍ରମଗୁଡ଼ିକ ବୃଦ୍ଧି ପାଇବାର ଯୋଜନା ରହିଛି।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଇଗ୍ନୁର ନିର୍ଦ୍ଦେଶକ (ଆର୍‌ଏସ୍‌ଡି) ଡକ୍ଟର ମନୋରମା ସିଂ ବୁଝାମଣାରେ ସ୍ୱାକ୍ଷର କରିଥିଲେ। ବୁଝାମଣା ଅନୁଯାୟୀ ସୋଆ ପକ୍ଷରୁ ଏହି କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନ, କ୍ଲାସ ରୁମ୍, ଲାବୋରେଟୋରୀ ଏବଂ କମ୍ପ୍ୟୁଟର ସୁବିଧା ପ୍ରଦାନ କରାଯିବ। ସେହିପରି ଇଗ୍ନୁ ଶିକ୍ଷାର୍ଥୀମାନଙ୍କୁ ସୋଆରେ ଲାଇବ୍ରେରୀର ସୁବିଧା ମଧ୍ୟ ପ୍ରଦାନ କରାଯିବା ସହ ଆବଶ୍ୟକୀୟ ସରଞ୍ଜାମ ଏବଂ କମ୍ପ୍ୟୁଟର, ପ୍ରିଂଟର, ସ୍କାନର ଏବଂ ଇନ୍‌ଟରନେଟ ସୁବିଧା ପ୍ରଦାନ କରାଯିବ। ଏହି ଅବସରରେ ଏଠାରେ ଗୁରୁବାର ସୋଆର କୁଳପତି ପ୍ରଫେସର ନନ୍ଦ ଏବଂ ଇଗ୍ନୁର ଭୁବନେଶ୍ୱର ସ୍ଥିତ ଆଂଚଳିକ କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ପାଣିଗ୍ରାହୀ ସ୍ୱାକ୍ଷରିତ ବୁଝାମଣା ପତ୍ର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ଇଗ୍ନୁର ଭୁବନେଶ୍ୱର ସ୍ଥିତ ଆଂଚଳିକ କେନ୍ଦ୍ରର ଉପନିର୍ଦ୍ଦେଶକ ଡକ୍ଟର ବିମଳ ଚନ୍ଦ୍ର ନନ୍ଦ ଏବଂ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଖୁଣ୍ଟି ଚୋରି ଘଟଣାରେ ୩ ଗିରଫ

ଟାଙ୍ଗୀ-ଚୌଦ୍ୱାର, (ସ.ବ୍ୟୁ.) : ବିଶ୍ୱନାଥ ପ୍ରୋଜେକ୍ଟସ୍ ଲିମିଟେଡ ପକ୍ଷରୁ ବିଶ୍ୱନାହାକାଣୀ ଠାରୁ ମଣିଆ ଗ୍ରୀଡ଼ ପର୍ଯ୍ୟନ୍ତ ୧୩୨/୩୩ କେଭି ଇଲେକ୍ଟ୍ରି ପୋଲ କାମ ଚାଲିଥିବା ବେଳେ କେହି ଦୁର୍ବୃ ଡବ୍ଲୁପିବି ଆଇରନ୍ ଇଲେକ୍ଟ୍ରି ପୋଲ ଚୋରି କରିଥିବା ନେଇ କମ୍ପାନୀର ସାଇଟ୍ ଇଞ୍ଜିନିୟର ପ୍ରଶାନ୍ତ କୁମାର ପ୍ରଧାନ ଟାଙ୍ଗୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ବିଶ୍ୱନାଥ ପ୍ରୋଜେକ୍ଟସ ପକ୍ଷରୁ କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଟିପିସିଓଡିଏଲର ୩୩/୧୧କେଭି ଇଲେକ୍ଟ୍ରି ଲାଇନ୍ ସହ ଡବ୍ଲୁପିବି ପୋଲ କାମ କରାଯାଉଥିବା ବେଳେ ଟାଙ୍ଗୀ ଥାନା ଅନ୍ତର୍ଗତ ବିଶ୍ୱନାହାକାଣୀ ପିଏସ୍‌ଏସ୍ ଠାରୁ ମଣିଆ ଗ୍ରୀଡ଼ ପର୍ଯ୍ୟନ୍ତ ୧୩୨/୩୩କେଭି ଇଲେକ୍ଟ୍ରି ଲାଇନ୍ ପାଇଁ ଡବ୍ଲୁପିବି ପୋଲ ଆସିଥିଲା । ପ୍ରତ୍ୟେକ ଦିନ ଇଂଜିନିୟର ଶ୍ରୀ ପ୍ରଧାନ ଏଠାକୁ ଆସୁଥିବା ବେଳେ କେହି ଦୁର୍ବୃ ୧୩ମିଟରର ୭ଟି ଡବ୍ଲୁପିବି ଆଇରନ୍ ଇଲେକ୍ଟ୍ରି ପୋଲ ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ ।

# ରଥଯାତ୍ରାରେ ଆଦାନୀ-ଇସ୍କନର ଅଦ୍ୱିତୀୟ ସେବା




ଭୁବନେଶ୍ୱର, (ସବ୍ୟୁ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଭକ୍ତି, ବିଶ୍ୱାସ ଏବଂ ଆଧ୍ୟାତ୍ମିକତାର ଏକ ମହାନ ସଙ୍ଗମ, ଯାହା ସମଗ୍ର ବିଶ୍ୱରୁ ଭକ୍ତମାନଙ୍କୁ ଓଡ଼ିଶାର ପବିତ୍ର ଭୂମିକୁ ଆକର୍ଷିତ କରିଥାଏ । ପ୍ରତିବର୍ଷ କୋଟି କୋଟି ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରଥ ଟାଣିବା ପାଇଁ ପୁରୀକୁ ଆସିଥାନ୍ତି । ଏହି ରଥଯାତ୍ରାକୁ ସଫଳ କରିବା ପାଇଁ ଯେଉଁମାନେ ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି, ସେମାନେ ହେଉଛନ୍ତି ଓଡ଼ିଶା ପୋଲିସ, ଅର୍ଦ୍ଧସାମରିକ ବାହିନୀ, ରେଳ କର୍ମଚାରୀ, ପ୍ରଶାସନିକ ଅଧିକାରୀ ଏବଂ ହଜାର ହଜାର ସ୍ୱେଚ୍ଛାସେବୀ । ଚଳିତ ବର୍ଷ ରଥଯାତ୍ରାରେ ଏକ ଅନନ୍ୟ ଉଦାହରଣ ଦେଖିବାକୁ ମିଳିଥିଲା । ଆଦାନୀ ଗ୍ରୁପ ଓ ଇସ୍କନ ସହଭାଗିତାରେ ପୁରୀରେ ଚାଲିଥିବା ପ୍ରସାଦ ସେବା କେବଳ ସାଧାରଣ ଭକ୍ତମାନଙ୍କୁ ନୁହେଁ ବରଂ ରଥଯାତ୍ରାକୁ ସୁଗମ ଓ ସୁରକ୍ଷିତ କରିବାରେ ନିୟୋଜିତ ସୁରକ୍ଷାକର୍ମୀ, ସଫେଇ କର୍ମଚାରୀ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀମାନଙ୍କୁ ସମ୍ମାନର ସହ ଖାଦ୍ୟ ପରିବେଷଣ କରୁଛି । ଏହି ସ୍ୱତନ୍ତ୍ର ସେବା ଅଧିନରେ ଓଡ଼ିଶା ସ୍ୱିଫ୍ଟ ଆକ୍ସନ ଫୋର୍ସ, ଇଣ୍ଡିଆ ରିଜର୍ଭ ବାଟାଲିୟନ, ଶ୍ରୀମନ୍ଦିର ସୁରକ୍ଷା ବାହିନୀ, ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ଏବଂ ସ୍ଥାନୀୟ ପୋଲିସ ବାହିନୀର ଯବାନମାନଙ୍କର ଭକ୍ତି ଓ ସମର୍ପଣ ଭାବ ସହିତ ପ୍ରସ୍ତୁତ ପ୍ରସାଦ ପରିବେଷଣ କରାଯାଉଛି । ଏହି ପ୍ରସାଦରେ ଡାଲମା, ଭାତ, ଟମାଟୋ ଖଟା ଏବଂ ମିଠା ଭଳି ଶୁଦ୍ଧ ଏବଂ ପୁଷ୍ଟିକର ଖାଦ୍ୟ ଅର୍ନ୍ତଭୁକ୍ତ ରହିଛି । ଗତ କିଛିଦିନ ମଧ୍ୟରେ, ପୂର୍ବତଟ ରେଳବାଇ ଅଧିକାରୀ ଏବଂ କର୍ମଚାରୀ ଏବଂ ଅନେକ ସରକାରୀ ବିଭାଗର କର୍ମଚାରୀମାନେ ଏହି ରୋଷଶାଳାରୁ ପ୍ରସାଦ ସେବନ କରିଥିଲେ । ପ୍ରସାଦ ଗ୍ରହଣ କରି ଯବାନମାନେ ଭାବବିହ୍ୱଳ ହୋଇପଡ଼ିଥିଲେ । ଆଦାନୀ ଗ୍ରୁପ ଓ ଇସ୍କନର ଏହି ପଦକ୍ଷେପ ପଛରେ ମୂଳ ଧାରଣା ହେଉଛି- ସେବା ହେଉଛି ସାଧନା । ଏହା କେବଳ ଏକ ରୋଷେଇ ଘର ନୁହେଁ ବରଂ ମହାପ୍ରଭୁଙ୍କ ସେବାରେ ପରୋକ୍ଷ ଭାବରେ ଉତ୍ସର୍ଗୀକୃତ ହଜାର ହଜାର କର୍ମଯୋଗୀଙ୍କ ପ୍ରତି କୃତଜ୍ଞତାର ଅଭିବ୍ୟକ୍ତି ।

# ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ନିମନ୍ତେ କଟକରୁ ଗଲା ୧୫୦ଫୁଟର ତୁଳସୀମାଳ



କଟକ, (ସବ୍ୟୁ):କୋଟି ଓଡିଆଙ୍କ ମଉଡମଣି ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କର ସେବା କରିବା ସମସ୍ତଙ୍କ ଭାଗ୍ୟରେ ମିଳେ ନାହିଁ । ଗୁଣ୍ଡିଚା ଭଳି ବାହୁଡ଼ାରେ ମଧ୍ୟ ମହାପ୍ରଭୂଙ୍କ ସେବା କରିବାର ସୁଯୋଗ କଟକରେ ଥିବା ଭକ୍ତ ପ୍ରିୟରଞ୍ଜନ ରଥଙ୍କୁ ମିଳିଛି। କଟକ ସହର, ତ୍ରୀଶୁଳିଆର ପଞ୍ଚୁପାଳ, ଗୋଠପୁର ଓ ପାଗାରୁ ମହାପ୍ରଭୂଙ୍କ ନିମନ୍ତେ ଭକ୍ତଙ୍କ ଠାରୁ ତୁଳସୀ, ପଦ୍ମ ଓ ଗେଣ୍ଡୁ ଯୋଗାଡ କରି ମହାପ୍ରଭୂଙ୍କ ପାଇଁ ମାଳ ପ୍ରସ୍ତୁତି କରିଛନ୍ତି । ପବିତ୍ର ବାହୁଡ଼ା ପାଇଁ ତୁଳସୀ ମାଳ ୧୫୦ ଫୁଟ୍, ଗେଣ୍ଡୁଫୁଲ ମାଳ ୧୨୦ଫୁଟ୍, ପଦ୍ମ ମାଳ ୧୪୦ଫୁଟର ତିଆରି କରି ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀଅଙ୍ଗରେ ଲାଗି ହେବା ପାଇଁ ଶ୍ରୀକ୍ଷେତ୍ରକୁ ପଠାଗଲା । ପ୍ରତି ମାସରେ ମହାପ୍ରଭୂଙ୍କ ପାଇଁ ତୁଳସୀ ସେବା ୧୨ ଦିନ ହୋଇଥାଏ । ଢେଙ୍କାନାଳ ଏକଘରିଆ ଗ୍ରାମର ମହାପ୍ରଭୂଙ୍କ ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିବା ଦୀନ ହୀନ ଚିଣ୍ଟୁ ଚାକର ବାବାଙ୍କୁ ଏହି ସେବା ଦିନ ମାନଙ୍କରେ କଟକରୁ ପ୍ରିୟରଞ୍ଜନ ରଥ ଓ ପ୍ରତାପ ଚନ୍ଦ୍ର ବାରିକ ମହାପ୍ରଭୁଙ୍କୁ ଭଲ ପାଉଥିବା ଭକ୍ତଙ୍କ ଠାରୁ ତୁଳସୀ ଫୁଲ ଯୋଗାଡ କରି ଦିଅନ୍ତି ।

# ୧୬ ନଂ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା, ୨ଗୁରୁତର

ଖୋର୍ଦ୍ଧା, (ସବ୍ୟୁ) : ୧୬ନମ୍ବର ଜାତୀୟ ରାଜପଥ ଫଚ ପାଇକ ଛକ ରେ ମର୍ମନ୍ତୁଦ ସଡକ ଦୁର୍ଘଟଣା।ଦୁଇ କାର ପିଟି ହୋଇ ଦୁର୍ଘଟଣାଗ୍ରସ୍ତ। ସୁନିଶ୍ଚିତ ମୃତ୍ୟୁମୁଖରୁ ବତିଥିବା ବେଳେ ଦୁଇ ଜଣ କାର ଚାଳକ ଗୁରୁତର ଆହତ ହୋଇଛନ୍ତି। ଶିଳ୍ପାଂଚଳ ପୋଲିସ ପହଁଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛି। କାର କୁ ଜବତ କରି ତଦନ୍ତ ଚଳାଇଛି। ପ୍ରତକ୍ଷ୍ୟଦର୍ଶୀ ଙ୍କ ସୂଚନା ପ୍ରକାରେ ଜଟଣୀ ବାଇପାସ ପଟୁ ଆସୁଥିବା ଏକ ହୋଣ୍ଡାସିଟି କାର୍ ସର୍ଭିସ ରୋଡରୁ ରାଜପଥ ଉପରକୁ ଉଠିବା ବେଳେ ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଅଲଟୋ (ନଂ-ଓଡି.୦୨-ସିଜି-୮୪୧୭)ଦୃତ ଗତି ରେ ଆସି ଧକ୍କା ଦେଇ ୩ ରାଉଣ୍ଡ ପଲଟି ମାରି ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଅନ୍ୟ କାର ଚାଳକ ଭାରସ୍ୟାମ ହରାଇ ଡିଭାଇଡର ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାର ଭିତର ବେଲୁନ ଯୋଗୁ ଉଭୟ କାର ଚାଳକ ଏକ ବଡ ଧରଣର ଅନଟଣ ରୁ ବର୍ତିଥିବାବେଳେ ଗୁରୁତର ଆହତ ହୋଇଥିଲେ। ଖବରପାଇ ଶିଳ୍ପାଂଚଳ ପୋଲିସ ପହଁଚି ଆହତ ଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା।

## ବେଦାନ୍ତ ବିକଶିତ ଭାରତ ପାଇଁ

# ଆତ୍ମନିର୍ଭର ଆଲୁମିନିୟମ କ୍ଷେତ୍ର ନିର୍ମାଣ ଉଦ୍ଦେଶ୍ୟରେ ଭାରତର ଆଲୁମିନିୟମ ଦର୍ଶନ ଡକ୍ୟୁମେଣ୍ଟକୁ ସ୍ୱାଗତ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ମାନ୍ୟବର କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ଜି. କିଶନ ରେଡୀଙ୍କ ଦ୍ୱାରା ଉନ୍ମୋଚିତ ଜାତୀୟ ଆଲୁମିନିୟମ ଦୃଷ୍ଟିକୋଣ ଡକ୍ୟୁମେଂଟକୁ ବେଦାନ୍ତ ସ୍ୱାଗତ କରିଛି। ଏଥିରେ ଆଲୁମିନିୟମ ଭବିଷ୍ୟତକୁ ସୂଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ଭାରତକୁ ବିଶ୍ୱରେ ଏକ ଆଲୁମିନିୟମ ହବରେ ପରିଣତ ଲାଗି ଏକ ରୋଡମ୍ୟାପ ରୂପରେଖ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖକ ରାଯାଇଥିବା ବିଷୟ ଗୁଡ଼ିକ ଯେପରିକି ଆଲୁମିନିୟମ ଉତ୍ପାଦନରେ ଆତ୍ମନିର୍ଭରତା ବୃଦ୍ଧି, କଂଚାମାଲ ସଂଗ୍ରହରେ ସଫଳତା ହାସଲ କରିବା, କମ କାର୍ବନ ଯୁକ୍ତ ଉତ୍ପାଦ ପ୍ରସ୍ତୁତି ତଥା ମୂଲ୍ୟଯୁକ୍ତ ଉତ୍ପାଦ ସୃଷ୍ଟି କେବଳ ଘରୋଇ ଚାହିଦା ପୂରଣ ପାଇଁ ନୁହେଁ ବରଂ ୨୦୪୭ ସୁଦ୍ଧା ବିଶ୍ୱ ଆଲୁମିନିମୟ ବଜାରରେ ୧୦% ଅଂଶ ଦାବି କରିବା ଲାଗି ରୋଡମ୍ୟାପ ପ୍ରଦାନ କରେ ଓ ସକ୍ଷମ ବିକଶିତ ଭାରତରେ ଆତ୍ମନିର୍ଭରତା ବୃଦ୍ଧିକୁ ନେଇ ରହିଛି। ଆଲୁମିନିୟମର ରଣନୈତିକ ଏବଂ ଜାତୀୟ ଗୁରୁତ୍ୱକୁ ସ୍ୱୀକାର କରି, ଡକ୍ୟୁମେଂଟଟି ସୂଚାଏ ଯେ କିପରି ବିଶ୍ୱର ବିକଶିତ ଅର୍ଥନୀତିଗୁଡ଼ିକ ଆଲୁମିନିୟମକୁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଧାତୁ ଭାବରେ ବିବେଚନା କରନ୍ତି, ଯାହା ନବୀକରଣୀୟ ଶକ୍ତି, ବୈଦ୍ୟୁତିକ ଗତିଶୀଳତା, ସବୁଜ ଭିତିଭୂମି, ପ୍ରତିରକ୍ଷା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଏକ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିବ।

୨୦୪୭ ସୁଦ୍ଧା ଦେଶର ତୃତୀୟ ବୃହତମ ଅର୍ଥନୀତି ଓ ବିକଶିତ ରାଷ୍ଟ୍ର ହେବା ଦିଗରେ ଆଲୁମିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୪୭ ସୁଦ୍ଧା ଭାରତରେ ଆଲୁମିନିୟମ ଚାହିଦା ଛଅଗୁଣ ବୃଦ୍ଧି ପାଇବ ଓ ଏହି ଚାହିଦା ପୂରଣ ଲାଗି ଭାରତକୁ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଉତ୍ପାଦନକୁ ବର୍ତ୍ତମାନର ୪.୫ ନିୟୁତ ଟନ ଏମଟିପିଏରୁ ପ୍ରାୟ ୩୭ ଏମଟିପିଏ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପଡ଼ିବ ଓ ଯାହା ପାଇଁ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଅତିରିକ୍ତ ନିବେଶ କରିବା ଆବଶ୍ୟକ। ଭିଜନ ଡକ୍ୟୁମେଂଟ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଆଜି ଆଲୁମିନିୟମ ଶିଳ୍ପ କେବଳ ଧାତୁର ଉପଯୋଗି ଯୋଗାଣକାରୀ ନୁହେଁ ଏହା ୩୦ ଟ୍ରିଲିୟନ ଡଲାର ଅର୍ଥନୀତି, ନେଟ ଶୂନ୍ୟ ଲକ୍ଷ୍ୟ ଓ ଉତ୍ପାଦନ ପ୍ରତିଯୋଗିତା ଆଡ଼କୁ ଭାରତର ଯାତ୍ରାରେ ସହାୟକ ହେବ। ଏହି ଡକ୍ୟୁମେଂଟ ପୁନଃନିର୍ମାଣ କରେ ଯେ ଆଲୁମିନିୟମ ହେଉଛି ଭବିଷ୍ୟତର ଧାତୁ, ଭାରତର ଶକ୍ତି ସ୍ୱାଧୀନତା, ନେଟଶୂନ୍ୟ ମହତ୍ୱକାଂକ୍ଷା ଓ ବିଶ୍ୱପ୍ରତିଯୋଗିତାମୂଳକତା ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ନିଜର ସମ୍ବଳକୁ ଅନଲକ କରିପାରିବା ତେବେ ଆମେ ମୂଲ୍ୟଯୁକ୍ତ ଉତ୍ପାଦ ସୃଷ୍ଟି କରିପାରିବା।

# ପଞ୍ଚମୁଖୀ ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଜୟଦେବ ବିହାର ଲେନ୍-ନଂ-୫ ଠାରେ ପଞ୍ଚମୁଖୀ ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଅଖଣ୍ଡ ଦୀପ ସ୍ଥାପନ, ଘଣ୍ଟ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ବିଗ୍ରହସ୍ନାନ, ଷୋଡ଼ଶ ଉପ·ର ପୂଜା, ଅଗ୍ନିସ୍ଥାପନ, ମଣ୍ଡଳପୂଜା, ହୋମ, ହନୁମାନ ·ଳିଶା ପଠନ, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଜୟଦେବ ବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ମନୋଜ୍ଞ ଉତ୍ସବରେ ବୃନ୍ଦାବନରୁ ଆସିଥିବା ଆଜନ୍ମ ବ୍ରହ୍ମ·ରୀ ବାବା ବନମାଳି ଦାସ ଓ ମୁଖ୍ୟ ପୂଜକ ଧୀରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ପୂଜକ ବିଜୟ ଦାଶ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ତଥା ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡଃ ଶକ୍ତିରାଜ ଜାମଲା, ସମାଜସେବୀ ଯୁଧିଷ୍ଠିର ସାହୁ ଓ ମନୋଜ ରଥ, ବିଭୂଦତ୍ତ ରାଉତ, ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ଦାସ,



କୋଷାଧ୍ୟକ୍ଷ ଲୋପାମୁଦ୍ରା ମହାପାତ୍ର, ମାନସ ରଞ୍ଜନ ରଥ, ରାଜଶ୍ରୀ ରଥ, ଆର୍କିଟେକ ଶୁଭଶ୍ରୀ ରଥ, ବାପି ଖଟେଇ, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମର ସଭାପତି ସିଦ୍ଧାର୍ଥ ମିଶ୍ର ଓ ସାଂଗଠନିକ ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ଚନ୍ଦ୍ରିକା ନାୟକ, ସଙ୍ଗୀତଜ୍ଞ ସାଇସ୍ମିତା ରଥ, ଉର୍ମିଳା ରାଉତ, ମିନାକ୍ଷୀ ଷଡଙ୍ଗୀ, ଶଶିକଳା ଦାସ, କିଶୋର ମହାପାତ୍ର, ଦୁଃଶାସନ ସାହୁ, ନକୁଳ ଚରଣ ଲେଙ୍କା, ଦଶରଥ ଦାସ, ଭକ୍ତ ସୀତାରାମ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ପଣା ବଣ୍ଟନ କରାଯିବା ସହିତ ପ୍ରସାଦ ସେବନ କରାଯାଇଥିଲା। ତୁଳସୀ ଭଜନ ସନ୍ଧ୍ୟା ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ଆଶ ମୁକୁଳ ବାରିକଙ୍କ ନେତୃତ୍ୱରେ କଣ୍ଠଶିଳ୍ପୀ ଗୋପାଳକୃଷ୍ଣ, ଇତିଶ୍ରୀ, ସୁଜାତା ଓ ସ୍ନେହାଶ୍ରୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ନିରଞ୍ଜନ, ସନ୍ଦୀପ କୁମାର, ଚିତ୍ତରଞ୍ଜନ ଓ ଅନିଲ୍ କୁମାର ସହାୟତା କରିଥିଲେ।

# ରାଜ୍ୟ ସଂଖ୍ୟାଲଘୁ କଂଗ୍ରେସର ସାଂଗଠନିକ ବୈଠକ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ରାଜ୍ୟ ସଂଖ୍ୟା ଲଘୁ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଜିଆ-ଉଲ୍-ହକ୍‌ଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ସାଂଗଠନିକ ବୈଠକ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶାରେ ସଂଖ୍ୟା ଲଘୁ ସଂପ୍ରଦାୟ ଲୋକମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାରକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ଆଗାମୀ ଦିନରେ କଂଗ୍ରେସ ଦଳ ସଂଖ୍ୟାଲଘୁ ସଂପ୍ରଦାୟ ସହିତ ସବୁ ପ୍ରକାର ପରିସ୍ଥିତିରେ ଦୃଢ଼ ଭାବେ ଠିଆ ହେବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ ।




ସଂଖ୍ୟା ଲଘୁ ସଂପ୍ରଦାୟର ଲୋକମାନଙ୍କୁ ଭୟଭିତ କରିବା ପାଇଁ ବିଜେପି ସରକାର ବିଭିନ୍ନ ସମୟରେ ଏନ୍. ଆର.ସି., ସି.ଏ.ଏ. ଏବଂ ଓ୍ୱାକ୍‌ଫ୍ ସଂଶୋଧନ ବିଲ୍ ଇତ୍ୟାଦି ବିଭିନ୍ନ ପ୍ରକାର ଭ୍ରାନ୍ତିକର ଆଇନମାନ ଆଣି ଦେଶରେ ଘୃଣା ଓ ବିଭେଦ ଭାବ ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛନ୍ତି । କିନ୍ତୁ ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀ ଦୃଢ଼ ଭାବେ ସଂଖ୍ୟାଲଘୁ ସଂପ୍ରଦାୟ ସହିତ ଅଛନ୍ତି ଓ ଆଗାମୀ ଦିନରେ ସଂଖ୍ୟାଲଘୁ ସଂପ୍ରଦାୟକୁ କ୍ଷତି ହେଲା ପରି କୋଉଁସି ଆଇନ ସଂସଦରେ ପାରିତ ନ କରିଦେବାକୁ ଶପଥ ଗ୍ରହଣ କରିଛନ୍ତି ବୋଲି ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ।

ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ଜିଆ-ଉଲ-ହକ୍ ଆଗାମୀ ଦିନରେ ସଂଖ୍ୟାଲଘୁ କଂଗ୍ରେସକୁ ବୁଥ୍ ସ୍ତରରେ ସକ୍ରୀୟ କରି କଂଗ୍ରେସ ଦଳର ହାତମୁଠାକୁ ଟାଣ କରିବା ପାଇଁ ସମସ୍ତ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ରାଜ୍ୟ ଅଲ୍ପସଂଖ୍ୟକ ପ୍ରଭାରୀ ଅବଦୁଲ୍ କାଲାମ ଖାନ୍ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ କଂଗ୍ରେସ ଦଳର କେନ୍ଦ୍ରୀୟ ନେତୃତ୍ୱ ସର୍ବଦା ତଳ ସ୍ତରରେ କାମ କରୁଥିବା କର୍ମୀମାନଙ୍କ ସହିତ ଦୃଢ଼ ଭାବେ ଠିଆ ହୋଇଛନ୍ତି ।ବୈଠକରେ ବିଧାୟକ ରମେଶ ଜେନା, ଦାସରଥି ଗମାଙ୍ଗୋ, ପୂର୍ବତନ ବିଧାୟକ ଯାକବ ପ୍ରଧାନ, ଏମ୍.ଡି ଆକବର ଅଲ୍ଲି, ବିଶ୍ୱଜିତ ଦାସ, ଡ. ଲିଆକତ ଅଲ୍ଲି, ଡ. ହମିଦ୍ ହୁସେନ, ଏମ୍.ଡି ଆକବର ଖାନ୍, ସମ୍‌ସିଦା ତୟାବ, ଇଜାଜ ଅକ୍‌ତର, ଇମ୍‌ରାନ ଅଲ୍ଲି ଖାନ୍, ସେକ୍ କମର ଅଲ୍ଲି ଓ ସମସ୍ତ ଜିଲ୍ଲାର ସଂଖ୍ୟାଲଘୁ ବିଭାଗର ଅଧ୍ୟକ୍ଷମାନେ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ । ପରିଶେଷରେ ଭୁବନେଶ୍ୱର ସଂଖ୍ୟାଲଘୁ କଂଗ୍ରେସ ଅଧ୍ୟକ୍ଷ ସେକ୍ ତକ୍‌ୱିମ୍ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ଅଧିକାର ଓ ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଏକତା ଟ୍ରଷ୍ଟ ତରଫରୁ ଶିଶୁ ଅଧିକାର ଓ ଜୀବନ




କୌଶଳ ଶିକ୍ଷାକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିଶୁ କଲ୍ୟାଣ କମିଟି, ସଦ୍ୟସ୍ୟା ଶ୍ରୀମତୀ କାନ୍ତା ମହାନ୍ତି, ଜୁଭେନାଇଲ ଜୁଷ୍ଟିସର ପୂର୍ବତନ ସଦସ୍ୟ ଶ୍ରୀଯୁକ୍ତ ଅଶୋକ ବେହେରା ଉପସ୍ଥିତ ରହି ବିଦ୍ୟାଳୟର ପିଲା ମାନଙ୍କୁ ଶିଶୁ ମାନଙ୍କର ଶିକ୍ଷା ଅଧିକାର, ସୁରକ୍ଷା, ପ୍ରେମ ଓ ସମ୍ମାନର ଅଧିକାର ଉପରେ ବିସ୍ତୃତ ଆଲୋଚନା କରିଥିଲେ ଯାହା ଶିଶୁଙ୍କ ଶାରୀରିକ, ମାନସିକ ଓ ଆତ୍ମିକ ବିଶ୍ୱାସ ପାଇଁ ଅତ୍ୟନ୍ତ ଆବଶ୍ୟକ। ଶିଶୁଙ୍କ ଜୀବନ କୌଶଳ ଶିକ୍ଷା ବିଷୟରେ ଏକତାର ଅଧକ୍ଷା ଙ୍କ ଦୀପ୍ତିରେଖା ପଟ୍ଟନାୟକ ପିଲା ମାନଙ୍କୁ ତାଙ୍କର ବ୍ୟବହାରିକ ଜୀବନରେ ସଠିକ ନିଷ୍ପତି ନେବା, ଦୁଃସମୟରେ ଧୈର୍ଯ୍ୟ ଧରିବା, ଅନ୍ୟମାନଙ୍କ ସହିତ ଭଲ ସମ୍ପର୍କ ଗଢିବା ଓ ନିଜ ଆତ୍ମ ବିଶ୍ୱାସ ବଢାଇବା ବିଷୟରେ ଆଲୋଚନା କରି ଥିଲେ। ଏହି କାର୍ଯ୍ୟକ୍ରମରେ ଏକତା ଟ୍ରଷ୍ଟର ଟ୍ରଷ୍ଟି ରବି ମହାରଣା ସଭାପତିତ୍ୱ କରିବା ସହିତ ପରିଚାଳନା କରି ଥିଲେ। ଏହି କର୍ମଶାଳାରେ ଧଉଳି ଚାରୁ କଳା ମହାବିଦ୍ୟାଳୟ ସମ୍ପାଦକ ରବି ଶଙ୍କର ଦାସ ଏକତା ଫାଉଣ୍ଡେସନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଜଣାଇବା ସହ ଏଭଳି କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀଙ୍କ ସୃଜନଶୀଳ ଭାବନାର ବିକାଶରେ ସହାୟକ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।ଏହି ଅବସରରେ ମହାବିଦ୍ୟାଳୟର ଅଧାପକ ରାମଶଙ୍କର ସାହୁ,ଭୂପତି ଭୂଷଣ ପଣ୍ଡା,ୟାନିତା ପ୍ରିୟଦର୍ଶିନୀ ଓ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ମାମଲା

# ସେସନ୍ସ କୋର୍ଟରେ ଜାମିନ ଆବେଦନ କଲେ ଜଗନ୍ନାଥ

ଭୁବନେଶ୍ୱର, (ସବ୍ୟୁ) : ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ମାରିବା ମାମଲାରେ କମିଶନରେଟ୍ ପୋଲିସ୍ ଷଷ୍ଠ ଅଭିଯୁକ୍ତ ଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଯିବା ପରେ ତାଙ୍କୁ ୧୪ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ଜଗନ୍ନାଥ ପ୍ରଧାନ ତାଙ୍କ ଓକିଲ ଚିତ୍ତ ରଞ୍ଜନ ଦାଶ ମଧ୍ୟମରେ ଭୁବନେଶ୍ୱର ସେସନ୍ସ କୋର୍ଟରେ ଜାମିନ୍ ଆବେଦନ କରିଛନ୍ତି। ସୋମବାର ଜାମିନ ଆବେଦନ ଶୁଣାଣି ହେବା ସହ ରାୟ ପ୍ରକାଶ ପାଇବ ବୋଲି ଓକିଲ ଶ୍ରୀ ଦାଶ କହିଥିଲେ। ଘଟଣା ସମୟରେ ଜଗନ୍ନାଥ ପ୍ରଧାନ ସେଠାରେ ଉପସ୍ଥିତ ନଥିଲେ। ତାଙ୍କ ବିରୋଧରେ କୌଣସି ପ୍ରମାଣ ନଥିବାରୁ ସେ ଜାମିନ ପାଇବା ପାଇଁ ଯୋଗ୍ୟ ବୋଲି ଜାମିନ ପିଟିସନ୍‌ରେ ଦର୍ଶାଯାଇଥିବା ଓକିଲ କହିଛନ୍ତି।

## ଚିଟ୍‌ଫଣ୍ଡ ପ୍ରସଙ୍ଗକୁ ନେଇ ରାଜ୍ୟ ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀ

# ବିଜେପି ସରକାରଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଟଙ୍କା ଫେରିପାଇବେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବାପରେ ଚିଟଫଣ୍ଡ ସଂସ୍ଥାରେ କ୍ଷତିଗ୍ରସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ମାତ୍ର ୧ ବର୍ଷ ମଧ୍ୟରେ ୧ ଲକ୍ଷ୍ୟ ୨୬ ହଜାର ୧୩୭ ଜଣ ଯୋଗ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଇଛି। ଆସନ୍ତା ୩-୪ ମାସ ମଧ୍ୟରେ ୫ ଲକ୍ଷ ଯୋଗ୍ୟ ଜମାକାରୀକାରୀଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ଫେରସ୍ତ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ବିଜେପି ସରକାରଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଚିଟ୍‌ଫଣ୍ଡରେ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀମାନେ ଟଙ୍କା ଫେରିପାଇବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମନମୋହନ ସାମଲ କହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ବିଜେଡି ସରକାରଙ୍କ ଉପରେ ବିଶ୍ୱାସ ଓ ଭରସା ରଖି ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ଓଡ଼ିଶାର ଜନସାଧାରଣ ସେମାନଙ୍କ କଷ୍ଟ ଅର୍ଜିତ ଟଙ୍କା ଜମା କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଜନସାଧାରଣଙ୍କ ଭରଷା ସହ ଖେଳିଥିଲା ବିଜେଡି ସରକାର। ୧୭୪ଟି ଚିଟଫଣ୍ଡ କମ୍ପାନୀ ଓଡ଼ିଶାର




ଜନସାଧାରଣଙ୍କ ଟଙ୍କା ହରିଲୁଟ୍ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବିଜେଡି ସରକାରର ଅନେକ ମନ୍ତ୍ରୀ, ସାଂସଦ, ବିଧାୟକମାନେ ପ୍ରାୟୋଜିତ ଭାବେ ଚିଟଫଣ୍ଡ ନାଁରେ ଲୋକଙ୍କ ଟଙ୍କା ଆତ୍ମସାତ କରିଥିଲେ । ଏହି ମାମଲାରେ ଅଭିଯୁକ୍ତ ହୋଇ ବିଜେଡିର ବହୁ ନେତା ଓ ମନ୍ତ୍ରୀ ବିଗତ ଦିନରେ ଜେଲ୍ ଯାଇଛନ୍ତି। ଚିଟଫଣ୍ଡ ସଂସ୍ଥାରେ ଟଙ୍କା ଲଗାଇ ଲକ୍ଷଲକ୍ଷ ଯୋଗ୍ୟ ଜମାକାରୀ ଅନିୟମିତତା ମଧ୍ୟରେ ଦିନ କାଟୁଥିଲେ। ଫଳରେ ସାଧାରଣ ଲୋକଙ୍କ ବିଶ୍ୱାସ ସରକାରଙ୍କ ଉପରୁ ଉଠିଯାଇଥିଲା। ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲା। ଏହାପରେ କର୍ପସ ଫଣ୍ଡ ଓ କମିଶନ ଗଠନ ହୋଇଥିଲା, ମାତ୍ର କ୍ରିୟାନ୍ୱୟନ ହୋଇପାରି ନଥିଲା। ଏପରିକି ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇ ନଥିଲା। କାରଣ ବିଜେଡି ସରକାରଙ୍କ ଉଦ୍ଦେଶ୍ୟ ଠିକ୍ ନଥିଲା। ସରକାରଙ୍କ ଦାୟିତ୍ୱ ହେଉଛି ଲୋକଙ୍କ ବିଶ୍ୱାସନିୟତା ରକ୍ଷା କରିବା । ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପାଇଁ ତୁରନ୍ତ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ଚିଟ୍‌ଫଣ୍ଡ କ୍ଷତିଗସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯିବ । ସମସ୍ତ କ୍ଷତିଗସ୍ତ ଯୋଗ୍ୟ ଜମାକାରୀ କପି ରି ଟଙ୍କା ପାଇବେ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ସାମାନ୍ୟ ପ୍ରମାଣ ଦେଖାଇଲେ ଯେପରି ଜମାକାରୀ ଟଙ୍କା ଫେରସ୍ତ ପାଇପାରିବେ ସେଭଳି ବିଧି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ କଂଟାବାଞ୍ଜୀ ବିଧାୟକ ଲକ୍ଷ୍ମଣ ବାଗ, ରାଜ୍ୟ ବିଜେପି ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିବାହ ଶୋଭାଯାତ୍ରାରେ ଅଘଟଣ

## ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଲା ଡିଜେ : ଜଣେ ମୃତ, ୫ ଗୁରୁତର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କଦଳୀପାଳ ଗ୍ରାମରେ ବିବାହ ଶୋଭାଯାତ୍ରାରେ ଅଘଟଣ ଘଟି ଜନୈକ ବ୍ୟକ୍ତିରଜୀବନ ଚାଲିଯାଇଛି। ଶୋଭାଯାତ୍ରାରେ ଡିଜେ ଗାଡି ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ୍ୟୁ ବରଣ କରିଥିବା ବଳେ ୫ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି। କାମାକ୍ଷାନଗର ଉପଖଣ୍ଡର ତୁମୁସିଙ୍ଗା ଥାନା ଅନ୍ତର୍ଗତ କଦଳୀ ପାଳ ଗ୍ରାମରେ ଏକ ବିବାହ ଶୋଭାଯାତ୍ରା ବେଳେ ଏକ ଦୁଃଖଦ ଘଟଣା ଘଟିଛି। ଢେଙ୍କାନାଳରୁ ବର ପକ୍ଷ କଦଳୀପାଳ ଗ୍ରାମକୁ ଆସିଥିବା ବେଳେ ଆସିଥିବା ଡ଼ିଜେ ସାଉଣ୍ଡର ତାର ୧୧ କେଭି ତାରରେ ଲାଗଯାଇଥିଲା। ଫଳରେ ଡିଜେ ଗାଡିରେ ବିଦ୍ୟୁତ ଚାର୍ଜ ହୋଇଯିବାରୁ ୫ ଜଣ ଲୋକ ଜଳି ଯାଇଥିଲେ । ପ୍ରଥମେ ସେମାନଙ୍କୁ ଅଳାଁବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଢ଼େଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।ସେଠି ଢ଼େଙ୍କାନାଳ ଟାଉନ୍ କୁଞ୍ଜକାନ୍ତ ଗୁଡ଼ିଆ ନାଳି ଅଞ୍ଚଳର ମଣ୍ଟୁ ଦେହୁରୀ ୩୦ ବର୍ଷକୁ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି।ଅନ୍ୟ ୪ ଜଣଙ୍କ ମଧ୍ୟରେ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳର ବାସ୍ତବ ପୁର ଗ୍ରାମର ମନୋଜ ବେହେରା, ଭୁବନ ଗୋରୋଡ଼ିଆ ଅଞ୍ଚଳର ସୁସିଲ ସାହୁ,ଢେଙ୍କାନାଳ କଣ୍ଟାନାଳି ଗ୍ରାମର ସାଜନ ନାଏକ କଦଳୀ ପାଳ ଗ୍ରାମର ସୁନିଲ୍ ପଲେଇ,କନ୍ତିଓ କାଟେଣୀ ଗ୍ରାମର ନିଶିକାନ୍ତ ଦଳେଇ ବୋଲି ଜଣାପଡିଛି। ସମସ୍ତେ ଗୁରୁତର ଆହତ ହୋଇ ଢେଙ୍କାନାଳ ମେଡ଼ିକାଲରେ ଚିକିତ୍ସା ଚାଲିଥିବା ସୂଚନା ମିଳିଛି ।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ

ଭଞ୍ଜନଗର,(ସବ୍ୟୁ) : କୁରୁଳାଇ ଗୋପାଳ ସ୍ୱାଇଁ (୪୫) ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଆଉ ଜଣେ ଅଭିଯୁକ୍ତଙ୍କ ନାମ ଏତଲାରେ ଭୂଲ ଲେଖାଥିବା ଦର୍ଶାଇ ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ବ୍ୟକ୍ତି ସେ ନୁହନ୍ତି ବୋଲି ଦୃଢ ଯୁକ୍ତି ବାଢିବା ପରେ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ଆଉ ଜଣେ ଅଭିଯୁକ୍ତ ଏବେବି ଫେରାର ରହିଥିବା ଜଣାପଡିଛି।ସରକାରୀ ଓକିଲ ଉଷାକାନ୍ତ ପଟ୍ଟନାୟକଙ୍କ ସୂଚନା ପ୍ରକାରେ ଗତ ୨୦୧୪ ମସିହା ଜୁଲାଇ ୧୫ ତାରିଖରେ କୁରୁଳାଇ ଗ୍ରାମର ଗୋପାଳ ସ୍ୱାଇଁ ନିଜ ଘର ବାରଣ୍ଡାରେ ହାଲିଆ ହୋଇ ବସିଥିବାବେଳେ ସେହି ଗ୍ରାମର ରବୀନ୍ଦ୍ର ଦଳବେହେରା(୩୦), ଶରତ ନାୟକ(୪୩) ଓ ଦେବାଶୀଷ ସେଠୀ(୩୩) ସେଠାରେ ପହଞ୍ଚି ଗୋପାଳ ଧରିଥିବା ୮୫୦ ଟଙ୍କା ତାଠାରୁ ଛଡାଇ ନେଇଯାଇଥିଲେ। ଆଉ ଗୋପାଳ ସେହି ଟଙ୍କା ସେମାନଙ୍କୁ ମାଗିବାରୁ ସେମାନେ ଧମକ ଚମକ ଦେଇଥିଲେ। ଏହାକୁ ନେଇ ଗୋପାଳ ଓ ସେହି ୩ଜଣ ଅଭିଯୁକ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଆଉ ଏହି ୩ଜଣ ଗୋପାଳକୁ ଜୀବନରୁ ମାରିଦେବାକୁ ଧମକ ଦେଇ ସେଠାରୁ ପଳାଇଥିଲେ। ଅନ୍ୟପକ୍ଷରେ ଗୋପାଳ ପେଶାରେ ଜଣେ ଗାଈଗୋରୁ ଓ ପୋଢ ବେପାରୀ ହୋଇଥିବାରୁ ସେ ଏହି ଘଟଣାର ୨ ଦିନ ପରେ ଅର୍ଥାତ ୧୭/୦୭/୨୦୧୪ ତାରିଖ ଦିନ ପୋଢ ଧରି ଗ୍ରାମର ସୁରେନ୍ଦ୍ର ନାୟକଙ୍କ ସହ ମିଶି ହିଞ୍ଜିଳିକାଟୁ ହାଟକୁ ଯାଉଥିଲା। ନେଟେଙ୍ଗା ବ୍ରିଜ ନିକଟରେ ଛପି ରହିଥିବା ଉପରୋକ୍ତ ୩ ଅଭିଯୁକ୍ତ ଠେଙ୍ଗାରେ ଗୋପାଳକୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଗୋପାଳଙ୍କ ମୃତ୍ୟୁ ଘଟିଥିଲା । ଆଉ ପାଖରେ ଥିବା ସୁରେନ୍ଦ୍ର ଏକଥା ଦେଖି ଘଟଣାସ୍ଥଳରୁ ଦୌଡି ଆସି ଏକଥା ଗାଁରେ କହିବାସହ ଗୋପାଳଙ୍କ ଘରେ ସୂଚନା ଦେଇଥିଲା । ସୂଚନାପାଇ ଗୋପାଳଙ୍କ ପୁଅ ନିରଞ୍ଜନ ଏନେଇ ଗାଙ୍ଗପୁର ଥାନାରେ ରିପୋର୍ଟ ଦେଇଥିଲେ। ପୁଲିସ ରିପୋର୍ଟ ଆଧାରରେ ୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣକୁ ଧରି କୋର୍ଟଚାଲଣ କରିଥିବାବେଳେ ଅନ୍ୟଜଣେ ଏଯାଏଁ ଫେରାର ରହିଛି।ଉକ୍ତ ମାମଲା ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଜଜ କୋର୍ଟରେ ପହଞ୍ଚିବାପରେ ମାନ୍ୟବର ଏଡିଜେ ଶେଖ ମହମ୍ମଦ କ୍ୱାଇସ ମୋଟ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ନିଜର ରାୟ ଗୁରୁବାର ଶୁଣାଇଛନ୍ତି। ଏହି ହତ୍ୟା ଘଟଣାରେ ସଂପୃକ୍ତ ଅଭିଯୁକ୍ତ ରବିନ୍ଦ୍ର ଦଳବେହେରାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବାସହ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଆଉ ୧୦ ହଜାର ଟଙ୍କା ଜୋରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଆଉ ଏକବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ।ତେବେ ଏହି ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଶରତ ସ୍ୱାଇଁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ମୃତ ଗୋପାଳଙ୍କ ପୁଅ ନିରଞ୍ଜନ ଗାଙ୍ଗପୁର ଥାନାରେ ଦେଇଥିବା ଏତଲାରେ ଶରତ ସ୍ୱାଇଁଙ୍କ ବଦଳରେ ଶରତ ନାୟକ ବୋଲି ଉଲ୍ଲେଖ କରିଥିବାରୁ ହତ୍ୟାକାଣ୍ଡରେ ସଂପୃକ୍ତ ଶରତ ନାୟକ ଏ ନୁହଁନ୍ତି ବୋଲି ପ୍ରତିପକ୍ଷ ଓକିଲ ରବି ଦାସ ଯୁକ୍ତି ବାଢିଥିଲେ । ଆଉ ନାମ ଭୁଲ ରହିଥିବାର ଅଭିଯୁକ୍ତ ଶରତ ସ୍ୱାଇଁ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସରକାରୀ ଓକିଲ ଉଷାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ଘଟଣାରେ ଏବେସୁଦ୍ଧା ଫେରାର ରହିଥିବା ଦେବାଶିଷ ଧରା ପଡିନଥିବାରୁ ଏଡିଜେ କୋର୍ଟ ସଂପୃକ୍ତ ଅଭିଯୁକ୍ତଙ୍କୁ ଏଯାଏଁ ବିଚାରକୁ ନେଇ ନଥିବା ସରକାରୀ ଓକିଲ ଉଷାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ବନମହୋତ୍ସବ ସପ୍ତାହ ପାଳନ



ବୁଗୁଡା,(ସବ୍ୟୁ): ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପକ୍ଷରୁ ସ୍ୱପରିସରରେ ୭୬ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର, ବନପାଳ କ୍ଷୀରୋଦ କୁମାର ଗୌଡ, ସିଆରସିସି କିରଣ ବାଳା ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଛାତ୍ରଙ୍କୁ ବନମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କେ ଆଲୋକପାତ କରିବା ସହ ବୃକ୍ଷ ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏ ଅବସରରେ ସ୍କୁଲ ହତା ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଏନସିସି ଶିକ୍ଷକ ପ୍ରଶାନ୍ତ କୁମାର ଗୌଡଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

ସେହିପରି ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ବନମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ବିଚାରପତି ସୁଧାଶ୍ରୀ ସୁରଝାଲିଆ , ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର , ଓକିଲ ବିଭୁଦତ୍ତ ନାୟକ, ସାଇ ସନ୍ତୋଷିନୀ ପ୍ରଧାନ, ଭକ୍ତରାମ ଦାସ, ପ୍ରଭାତ କୁମାର ଜେନାଙ୍କ ସମେତ ଅଦାଲତ କର୍ମଚାରୀ ଓ ବନ କର୍ମଚାରୀମାନେ ଯୋଗ ଦେଇଥିଲେ।

## ବିଜେପିର ମିଶ୍ରଣ ପର୍ବ: ମିଶିଲେ ବିଜେଡ଼ିର ଶତାଧିକ ନେତା ଓ କର୍ମୀ



ବାରିପଦା, (ସବ୍ୟୁ): ବଢୁଛି ବିଜେପିର ଶକ୍ତି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟର ମୋହନ ମାଝିଙ୍କ କାର୍ଯ୍ୟ ଶୈଳୀ ଓ ବିଜେପି ଦଳର ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ୨୫୦ରୁ ଉର୍ଦ୍ଧ ନେତା ଓ କର୍ମୀ ଶୁକ୍ରବାର ଦିନ ବିଜେଡ଼ି ଦଳ ଛାଡ଼ି ବିଜେପିରେ ମିଶିଛନ୍ତି। ଏନେଇ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଶାମାଖୁଣ୍ଟା ବ୍ଲକର ରଙ୍ଗାମାଟିଆ କଲ୍ୟାଣ ମଣ୍ଡପ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେପିର ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ନିହାର ମୋଦିଙ୍କ ସଭାପତିତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସମର୍ଥିତ ସାତ ଜଣ ସରପଞ୍ଚ ଓ ସାତ ଜଣ ପଞ୍ଚାୟତ ସମିତି ମେମ୍ବର ସହ ବହୁ ପୂର୍ବତନ ସରପଞ୍ଚ, ନାଏବ ସରପଞ୍ଚ, ପିଏସ୍ ମେମ୍ବର ଏବଂ ଅନେକ ସଙ୍ଗଠନର ନେତା ଓ କର୍ମୀ, ସମାଜସେବୀ ପ୍ରମୁଖ ନିଜର ଶହ ଶହ କର୍ମୀଙ୍କ ସହ ଆସି ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି। ଏହାଦ୍ୱାରା ବିଜେପି ଶାମାଖୁଣ୍ଟାରେ ଅଧିକ ଶକ୍ତିଶାଳୀ ହେବା ସହ ନିଜ ଦଳକୁ ସୁଦୃଢ଼ କରିପାରିଛି। ସଦସ୍ୟତା ଗ୍ରହଣ କରିଥିବା ପ୍ରମୁଖ ନେତା ମାନଙ୍କ ଭିତରେ କୁଚିଳାଘାଟିର ସରପଞ୍ଚ ଗୌରମହନ ସିଂ, କଳାପଥର ସରପଞ୍ଚ ଶ୍ୟାମସୁନ୍ଦର ସିଂ, ବାଲିଡିହା ସରପଞ୍ଚ ଶକୁନ୍ତଳା ବିଶ୍ୱାଳ, ଖଣ୍ଡିଆ ସରପଞ୍ଚ ସୁନାମଣି ସିଂ, ସିନ୍ଦୁରଗୌରା ସରପଞ୍ଚ ଆକାଶ ସିଂ, ଗୁଣ୍ଡିହୁଡ଼ି ପିଏସ୍ ମେମ୍ବର ବରୁଣ ମହାନ୍ତ, ଶିଶିରବଣୀ ପିଏସ ମେମ୍ବର ମନୋଜ ଦାସ, କେନ୍ଦୁଆ ପିଏସ ମେମ୍ବର ବାଇଧର ସିଂ, ପାଇକବସା ପିଏସ ମେମ୍ବର୍ ଲଳିତା ମୁଣ୍ଡା, ଭାଲୁକି ପିଏସ ମେମ୍ବର ଲକ୍ଷ୍ମୀ ମହାନ୍ତ ସହ ବାଲିଡିହା ପାଣିପଞ୍ଚାୟତର ସେକ୍ରେଟାରୀ ଓ ପ୍ରେସିଡେଣ୍ଟ, ଭାଲୁକି, ଶାମାଖୁଣ୍ଟା, ପାଇକବସା, ସିନ୍ଦୁରଗୋରା, କଳା ପଥର, ଖାଣ୍ଡିଆ, ବାଲିଡିହା ଓ ସିରିସବଣୀ ଆଦି ଅଞ୍ଚଳର ଅନେକ ପୂର୍ବତନ ସରପଞ୍ଚ, ନାଏକ ସରପଞ୍ଚ, ପିଏସ୍ ମେମ୍ବର ଏବଂ ଅନେକ ସଙ୍ଗଠନର ନେତା ଓ କର୍ମୀ, ସମାଜସେବୀ ପ୍ରମୁଖ ଦଳୀୟ ଟୋପି ଓ ଉତ୍ତୋରିଓ ପିନ୍ଧି ଆନୁଷ୍ଠାନିକ ଭାବେ ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି। ଏହି ଅବସରରେ ସିନ୍ଦୁରଗୌରା ସରପଞ୍ଚ ଆକାଶ ସିଂ ଙ୍କୁ ବିଜେପି ଦଳ ଶାମାଖୁଣ୍ଟା ବ୍ଲକର ସାଧାରଣ ସମ୍ପାଦକ ପଦ ନ୍ୟସ୍ତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ପୂର୍ବସଂଗଠନ ସଭାପତି ଓ ସ୍ଥାନୀୟ ବିଧାୟିକା ସହ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଗୁଦା ମୁର୍ମୁ, ଜିଲ୍ଲା ସମ୍ପାଦକ ପ୍ରବୀଣ ପାତ୍ରଙ୍କ ସହ ଅନେକ ବିଜେପି ଦଳର ବରିଷ୍ଠ ନେତା ଉପସ୍ଥିତ ଥିଲେ।

## ଦନ୍ତା ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କରଞ୍ଜିଆ, (ସବ୍ୟୁ) : ମୟୂରଭଂଜ ଜିଲ୍ଲା କରଞ୍ଜିଆ ବନ ଖଣ୍ଡ ଅନ୍ତର୍ଗତ କରଞ୍ଜିଆ ରେଞ୍ଜର ସିଙ୍ଗ ସେକସନ କାଶିଆବେ ଗ୍ରାମର ପରେଶ ଚନ୍ଦ୍ର ଗିରି (୭୦)ଙ୍କ ଗୁରୁବାର ରାତିରେ ଏକ ଗୋଠ ଛଡା ଦନ୍ତା ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ପରେଶ ଗୁରୁବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏରେ ନିଜ ଘରେ ଖାଇସାରିଲା ପରେ ଶୋଇଥିଲେ। ଏହି ସମୟରେ ନିକଟ ଇନ୍ଦୁପୁର ଗ୍ରାମରେ ଉକ୍ତ ଦନ୍ତା ହାତୀଟି ଦୁଇଟି ଘର ଭାଙ୍ଗି ଥିବାର ଖବର ବନବିଭାଗ ଠାରେ ପହଞ୍ଚିଥିଲା।ସିଙ୍ଗ ସେକସନର କର୍ମଚାରୀମାନେ ଇନ୍ଦୁପୁର ଗ୍ରାମକୁ ଯାଇ ହାତୀଟିକୁ ଘଉଡାଇବା ଚେଷ୍ଟା କରିଥିଲେ। ଏହି ସମୟରେ ହାତୀଟି ପରେଶ ଗିରିଙ୍କ ଘରକୁ ଯାଇଥିଲା ଓ ତାଂକ ନିଜ ଘରଭିତରେ ହାତୀ ଦଳି ଦେଇଥିଲା।ସିଙ୍ଗ ସେକସନର କର୍ମଚାରୀମାନେ ଇନ୍ଦୁପୁର ଗ୍ରାମକୁ ଯାଇ ହାତୀଟିକୁ ଘଉଡାଇବା ଚେଷ୍ଟା କରିଥିଲେ। ଏହି ସମୟରେ ହାତୀଟି ପରେଶ ଗିରିଙ୍କ ଘରକୁ ଯାଇଥିଲା ଓ ତାଂକ ନିଜ ଘରଭିତରେ ହାତୀ ଦଳି ଦେଇଥିଲା। ହାତୀଟି ଆକ୍ରମଣ କରିଥିବାର ବନ ବିଭାଗ ଖବର ପାଇବା ମାତ୍ରେ ଘଟଣାସ୍ଥଳକୁ ଯାଇ ବୃଦ୍ଧଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନାରେ ପରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ପରେଶଙ୍କ ଏଠାରେ ପୋଷ୍ଟମର୍ଟମ କରାଯାଇ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବନ ବିଭାଗ ତରଫରୁ ପାରମ୍ଭିକ କ୍ଷତିପୂରଣର ବ୍ୟବସ୍ଥା କରାଯାଇଛି।

## ମୁନିସିପେଣ୍ଟ ସିଏଚସି : ଲେପ୍ରୋସ୍କୋପରେ ହେଲା ପରିବାର ନିୟୋଜନ ବନ୍ଧ୍ୟାକରଣ

ଛତ୍ରପୁର (ସବ୍ୟୁ): : ଗଞ୍ଜାମ ଜିଲ୍ଲା ରେ ପ୍ରଥମ ଥର ପାଇଁ ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର(ସିଏଚସି) ସ୍ତରରେ ଲେପ୍ରୋସ୍କୋପି ଦାରା ପରିବାର ନିୟୋଜନ ବନ୍ଧ୍ୟା କରଣ ଅସ୍ତ୍ରୋପଚାର ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସାସ୍ତ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ତରୀୟ ସତନ୍ତ୍ର ଡ଼ାକ୍ତର ଟିମ ସହ ମୁନିଶିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ା ସାଧୀନ ରଥ ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାର ଉଦ୍ଘାଟନି କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ, ଆଇନଜୀବି ପଦ୍ମ ଚରଣ ସାହୁ, ପୂର୍ବତନ ସମିତି ସଭ୍ୟ ଏନ ଦୁର୍ଯ୍ୟୋଧନ ରେଡ୍ଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ.କିଶୋର ରେଡ୍ଡୀ, ଯୁବ ନେତା ବାନୋଜ ନାହାକ, ପ୍ରତାପ ସେନାପତି ଯୋଗ ଦେଇ ଏହାର ଉଦଘାଟନ କରିଥିଲେ ।୧୦୦ ରୁ ଉର୍ଦ୍ଧ ଗ୍ରାମବାସୀ, ଆଶା କର୍ମୀ ଉପସ୍ଥିତ ଥିଲେ । ଡାକ୍ତର ମୁକ୍ତିକାନ୍ତ ନାୟକ ଅସ୍ତ୍ରୋପଚାର କରିଥିଲେ । ୬୦ ରୁ ଉର୍ଦ୍ଧ ଅସ୍ତ୍ରୋପଚାର ନିମନ୍ତେ ପଞ୍ଜୀକୃତ କରିଥିଲେ। ଶେଷରେ ପୋଟଲାମପୁର୍ ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ବି ପି ଏ ମ ସିମଞ୍ଚଳ ପ୍ରଧାନ ସମଗ୍ର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ଚ୍ୟାନେଲ ମୁଖ୍ୟଙ୍କ ନାମରେ ମାମଲା

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ଅଧିନ ଲକ୍ଷ୍ମୀସାଗର ଥାନାରେ ଜନୈକ ଚ୍ୟାନେଲ ମୁଖ୍ୟ ବୋଲାଉଥିବା ସୁଧାଂଶୁଙ୍କ ନାମରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଛି । ଜନୈକ ବରିଷ୍ଠ କଂଗ୍ରେସ ନେତା ମାନସ ରଞ୍ଜନ ଚୌଧୁରୀଙ୍କ ନାମରେ ଆପତ୍ତି ଜନକ ଉକ୍ତି ସହ ଚେନେଲରେ ଅସତ୍ୟ ଓ କପୋଳକଳ୍ପିତ ଖବର ପରିବେଷଣ କରୁଥିବା ଅଭିଯୋଗ ହେଉଥିଲା । ବ୍ଲାକମେଲ କରୁଥିବା ଓ ଟଙ୍କା ମାଗିବା ଭଳି ଅଭିଯୋଗ ମଧ୍ୟ ହୋଇଥିଲା । ଏନେଇ ଶ୍ରୀ ଚୌଧୁରୀ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଏନେଇ ପୋଲିସ ଅଧିକ ତଦନ୍ତ କରୁଛି ।

## ଜୁଲାଇ ମାସ ଜନ ଶୁଣାଣି ଶିବିର ସମ୍ପର୍କିତ କାର୍ଯ୍ୟସୂଚୀ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲାପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ମାସର ପ୍ରଥମ ସୋମବାର ତଥା ୭ତାରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୫ଘଟିକା ସମୟ ପର୍ଯ୍ୟନ୍ତ ଶୁଣାଣି ହେବ, ସେହିପରି ଜୁଲାଇ ମାସର ଦ୍ୱିତୀୟ ସୋମବାର ତଥା ୧୪ତାରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରାଇରଙ୍ଗପୁରରେ, ସେହିପରି ଜୁଲାଇ ମାସ ତୃତୀୟ ସୋମବାର ତଥା ୨୧ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁଣାଣି ହେବ ଏବଂ ଜୁଲାଇ ମାସର ଚତୁର୍ଥ ସୋମବାର ତଥା ୨୮ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ । ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଲାଇନ୍ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଓ ବ୍ଲକସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଗୁଡିକ ଉପସ୍ଥିତ ରହି ଜଣାଇ ପାରିବେ। ଆବେଦନକାରି ମାନେ ଅନ ଲାଇନରେ ମଧ ଜନଶୁଣାଣି ପୋର୍ଟାଲ ଜରିଆରେ ଅଭିଯୋଗ ପତ୍ର ଦାଖଲ କରିପାରିବେ।

## ଶଶୁର ଘର ଆଗରେ ଜ୍ୱାଇଁର ଆତ୍ମହତ୍ୟା ଉଦ୍ୟମ



ବ୍ରହ୍ମପୁର,(ସବ୍ୟୁ) : ଶୁକ୍ରବାର ଏକ ଅଭାବନୀୟ ଘଟଣାର ଦୃଶ୍ୟ ସୋସିଆଲ ମିଡିଆ ମର୍ଡ ଭାଇରଲ ହୋଇଛି। ଜଣେ ଯୁବକ ତାଙ୍କ ଶଶୁର ଘର ଦାଣ୍ଡରେ ନିଜ ବେକ କାଟି ଗୁରୁତର ହୋଜ ବାଇକରେ ଯାଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆହତ ଯୁବକ ଜଣଙ୍କ ନିମଖଣ୍ଡି ଥାନା ଅନ୍ତର୍ଗତ ଖାରବେଳ ନଗରର ଅଶୋକ କୁମାର ପାଣିଗ୍ରାହୀ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ପୋଲିସ କହିଛି। ସେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି। ଗତ ମଇ ମାସରେ ବେଆଇନ ବନ୍ଧୁକ ରଖିଥିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିକଟରେ ସେ ଜାମିନରେ ଆସିଛନ୍ତି। ଶୁକ୍ରବାର ସକାଳେ ଅଶୋକ ନିଜ ଶଶୁର ଘରକୁ ଯାଇ ଝିଅକୁ ମିଶିବା ପାଇଁ ଚାହିଁଥିଲେ। ହେଲେ ତାଙ୍କୁ ସେହି ସୁଯୋଗ ଦିଆଯାଇନଥିଲା। ଯାହାଫଳରେ ସେ ମାନସିକ ସ୍ତରରେ ବିଚଳିତ ହୋଇ ସେ ଧରିଥିବା ବ୍ଲେଡ଼ରେ ନିଜ ବେକ କାଟିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣିବାକୁ ପାଇଛି। ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

## ଜେଲରୋଡ ସ୍ଥିତ ହନୁମାନ ମନ୍ଦିର କାର୍ଯ୍ୟ ଶୁଭାରମ୍ଭ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସବ-ଜେଲ ରେ ନୂତନ କରି ଦାୟିତ୍ୱ ଗ୍ରହଣ କରିଥିବା ଜେଲ ସୁପେରିଟେଣ୍ଡେଣ୍ଟ- ପ୍ରସନ୍ନ କୁମାର ସାହୁଙ୍କ କରକମଳ ରେ ଛତ୍ରପୁର ବିଧାୟକ ଙ୍କ ଦ୍ୱାରା ଦିଆଯାଇଥିବା ଅନୁଦାନ ରାଶି ରେ ନୂତନ ମନ୍ଦିର କାର୍ଯ୍ୟ ଶୁଭ ଦିଆଯାଇଛି। ଏହି ଅବସରରେ ଜେଲ ଫାର୍ମାସିଷ୍ଟ ମାଥୁ କିସକୁ, ମନ୍ଦିର କମିଟି ସଦଶ୍ୟ ଦେବାଶିଷ ପଟନାୟକ, ରାମକୃଷ୍ଣ ମହାପାତ୍ର, ମନ୍ଦିର ପୂଜକ ତାରିଣୀ ଚରଣ ପଣ୍ଡା, କମିଟି ସଦସ୍ୟ ଅରୁଣ ପଣ୍ଡା, ସୁରୀ ରେଡ୍ଡୀ ସମସ୍ତେ ଉପସ୍ଥିତ ରହି ମନ୍ଦିର କାର୍ଯ୍ୟ ପାଇଁ ପୂଜାର୍ଚନା ସହିତ ଶୁଭ ଦିଆଯାଇଥିଲା । ମୁଖ୍ୟ ପଣ୍ଡିତ ସରୋଜ ଶତପଥୀ ଓ ସ୍ଥପତି ପଣ୍ଡିତ ଶ୍ରୀ ବିଜୟ କୁମାର ତ୍ରିପାଠୀ ଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନ ରେ ଏହି ମନ୍ଦିର କାର୍ଯ୍ୟ ସମ୍ପୂର୍ଣ ହେବ ବୋଲି କମିଟି ସଂଯୋଜକ କମଳ ପଣ୍ଡା ସୂଚନା ଦେଇଥିଲେ ।ଏହି ନୂତନ ମନ୍ଦିର ତିଆରି ପାଇଁ ଅଞ୍ଚଳ ବାସୀଙ୍କୁ ସାହାର୍ଯ୍ୟ ସହଯୋଗ କରିବା ପାଇଁ କମିଟି ତରଫରୁ ଅନୁରୋଧ କରାଯାଇଥିଲା ।

## କଂଗ୍ରେସ ଭବନରେ ମିଶ୍ରଣ ପର୍ବ




ଭୁବନେଶ୍ୱର,(ସବ୍ୟୁ): ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶୁକ୍ରବାର ପିସିସି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲାର ସୋରଡ଼ା ଏବଂ ବେଲଗୁଣ୍ଠ ବ୍ଲକର ୨୦୦ ରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ କହିଲେ ଯେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନେତୃତ୍ୱ ଜନନାୟକ ତଥା ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଜୀ ଆଦର୍ଶ ଓ ସଂଗ୍ରାମ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ସୋରଡ଼ା ବିଧାନ ସଭାର ସରପଞ୍ଚ ଗୌଡ଼ଗୋଠ ଗ୍ରାମ ପଞ୍ଚାୟତର ସରୋଜ ମଲ୍ଲିକ, ସମିତିସଭ୍ୟ ଗୌଡ଼ଗୋଠ ଗ୍ରାମପଞ୍ଚାୟତର କାମେଶ୍ୱର ମଲ୍ଲିକ, ପୂର୍ବତନ ନାୟକ ସରପଞ୍ଚ ଗୌଡ଼ଗୋଠ ଗ୍ରାମପଞ୍ଚାୟତର ଶ୍ୟାମ ମଲ୍ଲିକ, ନାୟବ ସରପଞ୍ଚ ଗୌଡ଼ଗୋଠ କାମଦାସ ସବର, ବାଳକୃଷ୍ଣ ମଲ୍ଲିକ ସମିତି ସଭ୍ୟ ବଡ଼ଗୋଛାର ସାଲିମା ଗ୍ରାମ ଖ୍ରିଷ୍ଟିଆନ କମ୍ୟୁନିଟି ଲିଡର ଗୋଛା ନିରଞ୍ଜନ ନାୟକ, କୁଇ ସମାଜ ଯୁବ ସଭାପତି, ବନମାଳି ମଲ୍ଲିକ, ପୂର୍ବତନ ୱାର୍ଡମେମ୍ବର ଦିଲିପ ରଣଷଣ୍ଡ, ଅନଙ୍ଗବଡ଼ ସେଠ ଚର୍ଚ୍ଚ କାଉନସିଲ ମେମ୍ବର, ସାଲିମା ଗୋଛା, ମେରିକୋଟ ଗ୍ରାମ ପଞ୍ଚାୟତ ଯୁବ ସଭାପତି, ଜିତେନ୍ଦ୍ର କୁମାର, ମେମ୍ବର ଗୌଡ଼ଗୋଠ ଗ୍ରାମ ପଞ୍ଚାୟତର ଅରବିନ୍ଦ ମଲ୍ଲିକ ୱାର୍ଡ, ପାଣ ଖୀଷ୍ଟିଆ କମ୍ୟୁନିଟି ସଭାପତି ଡାନିୟଲ ନାୟକ, ସୋରା ସମାଜ, ଯୁବ ସଭାପତି ଗୌଡ଼ଗୋଠ ଗ୍ରାମପଞ୍ଚାୟତର ପୂର୍ଣ୍ଣ ଶବର, ସେହିପରି ବେଲଗୁଣ୍ଠା ର ପୂର୍ବତନ ସାଂସଦ ପ୍ରତିନିଧି ନିକୁଞ୍ଜ ବିହାରୀ ଖଣ୍ଡୁଆଳ, ପୂର୍ବତନ ସମିତିସଭ୍ୟ ନାଟେଙ୍ଗା ଗ୍ରାମପଞ୍ଚାୟତର ଦେବେନ୍ଦ୍ରେ କୁମାର ଗୌଡ଼, ସରପଞ୍ଚ ନାଟେଙ୍ଗା ଗ୍ରାମପଞ୍ଚାୟତର ସୁପ୍ରଭା ଗୌଡ଼, ସମିତି ସଭ୍ୟ ନାଟେଙ୍ଗା ଗ୍ରାମପଞ୍ଚାୟତର ରାଜୀବ ଲୋଚନ ନାୟକ, ନାଏବ ସରପଞ୍ଚ ନାଟେଙ୍ଗା ଗ୍ରାମପଞ୍ଚାୟତର ଅକ୍ଷୟ କୁମାର ଗୌଡ଼ ପ୍ରମୁଖ ଶତାଧିକ ବିଜେଡ଼ି କର୍ମୀ ଆଜି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି।

ଆଜିର ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦାସରଥି ଗମାଙ୍ଗୋ, ଗଞ୍ଜାମ ଜିଲ୍ଲା (ପଶ୍ଚିମ) ସଂଯୋଜକ ଦେବକାନ୍ତ ଶର୍ମା, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ପ୍ରଧାନ, ସୋରଡ଼ା ବିଧାୟକ ପ୍ରାର୍ଥୀ ହରେକୃଷ୍ଣ ରଥ, ବିଧାୟକ ପ୍ରାର୍ଥୀ ଖଲ୍ଲିକୋଟ ଚିତ୍ରସେନ ବେହେରା ଓ ଭଞ୍ଜନଗରର କୁଲୁ ଭୁୟାଁ ପ୍ରମୁଖ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

## ଦକ୍ଷିଣ ଓଡ଼ିଶାରେ ଟିପିଏସଓଡିଏଲର ସପ୍ତମ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



ବ୍ରହ୍ମପୁର, (ସବ୍ୟୁ): : ବିଦ୍ୟୁତ ସେବାକୁ ଗ୍ରାହକ କୈନ୍ଦ୍ରିକ କରିବା ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ ମାଲକାନଗିରିରେ ଏକ ନୂତନ ଗ୍ରାହକ ସେବା କେନ୍ଦ୍ର (ସିଆରସି) ଉଦଘାଟିତ ହୋଇଛି। ଯାହା ଫଳରେ ଜନଜାତି ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମାଲକାନଗିରି ଜିଲ୍ଲାର ଉପଭୋକ୍ତାମାନେ ଗୁଣାତ୍ମକ ସେବା ପାଇପାରିବେ।କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ନୂତନ ସିଆରସିକୁ ଉଦଘାଟନ କରିଥିଲେ।

ମୁଖ୍ୟତଃ ଆଦିବାସୀ ବହୁଳ ମାଲକାନଗିରି ଜିଲ୍ଲାରେ ଜଙ୍ଗଲ ଘେରା ପାହାଡିଆ ଭୂମି ଯୋଗୁଁ ଅନେକ ଆହ୍ୱାନ ରହିଛି। ଏସବୁକୁ ଦୃଷ୍ଟିରେ ରଖି ଟିପିଏସଓଡିଏଲ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଗ୍ରାହକ ସେବା କେନ୍ଦ୍ର ସ୍ଥାପନ କରିଛି । ଏଥିରେ ବିଲିଂ କାଉଣ୍ଟର, ଅଭିଯୋଗ ପ୍ରତିକାର କାଉଣ୍ଟର, ଏବଂ ଉପଭୋକ୍ତାଙ୍କ ପାଇଁ ସମସ୍ତ ମୌଳିକ ସୁବିଧା ରହିଛି। ଏହି ଅବସରରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ମାଲକାନଗିରି ଏକ ସଂସ୍କୃତି ସମୃଦ୍ଧ ଜିଲ୍ଲା। ଏଠାକାର ବାସିନ୍ଦାଙ୍କ ଜୀବନ ଶୈଳୀକୁ ଉନ୍ନତ କରିବା ପାଇଁ ସେମାନଙ୍କ ନିକଟରେ ଗ୍ରାହକ ସେବା ପହଞ୍ଚାଇବା ହେଉଛି ଆମର ଲକ୍ଷ୍ୟ। ଆମର ଗ୍ରାହକ ସେବା କେନ୍ଦ୍ର ମାଧ୍ୟମରେ ପ୍ରତ୍ୟେକ ଲୋକଙ୍କ ନିକଟରେ ଉତ୍ତମ ମାନର ସେବା ପହଞ୍ଚିବ ଏବଂ ଏହା ସେମାନଙ୍କୁ ସଶକ୍ତ କରିବାରେ ସହାୟକ ହେବ।ଏହି ନୂତନ ସିଆରସି ପ୍ରାୟ ୫,୭୦୦ ବର୍ଗକିମି ପରିବ୍ୟାପ୍ତ ଅଞ୍ଚଳରେ ୧ ଲକ୍ଷ ୧୬ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ସେବା ଯୋଗାଇବ। ବାଲିମେଳା, କାଳିମେଳା, ମାଥିଲି ଏବଂ ସୀମାନ୍ତ ମୋଟୁ ଅଞ୍ଚଳରେ ଗୁଣାତ୍ମକ ଗ୍ରାହକ ସେବା ମିଳିପାରିବ। ଏହା ଟିପିଏସଓଡିଏଲର ସପ୍ତମ ଗ୍ରାହକ ସେବା କେନ୍ଦ୍ର। ପୂର୍ବରୁ ବ୍ରହ୍ମପୁର ( ସମ୍ପୂର୍ଣ୍ଣ ଭାବେ ମହିଳା କର୍ମଚାରୀଙ୍କ ଦାରା ପରିଚାଳିତ), ରାୟଗଡ଼ା, ପାରଳାଖେମୁଣ୍ଡି, ଜୟପୁର, ଆସିକା ଏବଂ ହିଞ୍ଜିଳିକାଟୁରେ ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ସମାବେଶୀ ତଥା ଗୋଷ୍ଠୀ କୈନ୍ଦ୍ରିକ ବିଦ୍ୟୁତ ସେବା ଯୋଗାଇବା ନେଇ ଟିପିଏସଓଡିଏଲର ମିଶନରେ ଏହା ସହାୟକ ହେଉଅଛି।

## ୧୧ରେ ଭୁବନେଶ୍ୱର ଚାଲ

# ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଂଯୋଜକ ନଟବର ବାରିକଙ୍କ ସଭାପତିତ୍ୱରେଆସନ୍ତା ୧୧ ତାରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ସମାବେଶ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଅଛି ।

ପ୍ରାରମ୍ଭରେ ବର୍ଷିୟାନ କଂଗ୍ରେସ ନେତା ପୂର୍ବତନ ସରପଞ୍ଚ ମୁରଲୀଧର ରଥଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାରେ ରାଜ୍ୟ ସରକାରଙ୍କ ବିଫଳତା ଆଦି ପ୍ରତିବାଦରେ ଆସନ୍ତା ଜୁଲାଇ ମାସ ୧୧ ତାରିଖ ଦିନ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱରର ବରମୁଣ୍ଡା ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ କେ ସି ବେନୁଗୋପାଳ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉପସ୍ଥିତ ନେତୃମଣ୍ଡଳୀଙ୍କ ସହଯୋଗ କାମନା କରିଥିଲେ ।

ବୈଠକରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ଜଗତସିଂହପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ବରିଷ୍ଠ କଂଗ୍ରେସ ନେତା ରୋହିତ କୁମାର ସେଠୀ, ଅଭୟ କୁମାର ମହାନ୍ତି, ମାନସ କୁମାର ରଥ, ବିକ୍ରମ ପରିଡ଼ା, ବିରେନ କୁମାର ଦଳେଇ, ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, କେଦାର ବିଶ୍ୱାଳ, ସୌମ୍ୟଜିତ ଦାଶ, ଦିପ୍ତିରାଣୀ ପ୍ରଧାନ, ରୁପଶ୍ରୀ ରାଗିଣୀ ଦାସ, ସମିର ଖୁଣ୍ଟିଆ, ମନୋରଞ୍ଜନ ଜେନା, ୟମତିୟାତ ଅହମ୍ମଦ ଖାଁ, ସୁବ୍ରତ କୁମାର ରାଇଁ, ଉମେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବାକୁ ନିଜ ନିଜ ମତାମତ ପ୍ରଦାନ କରିଥିଲେ ।

# ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ ଶୋଇଲେ ମେଡିକାଲ ବାରଣ୍ଡାରେ



ରାଜକନିକା,(ସବ୍ୟୁ) : ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ ବେଡ଼ ନପାଇ ଶୋଇଲେ ମେଡିକାଲ ବାରଣ୍ଡାରେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅପରିବେଶ ସାଙ୍ଗକୁ ଡାକ୍ତର ନର୍ସଙ୍କ ସହ ସାଧାରଣ ଲୋକେ ଜୋତା ଚପଲ ପିନ୍ଧି ରୋଗୀଙ୍କ ପାଖରେ ଚଳ ପ୍ରଚଳ କରିବା ସାଙ୍ଗକୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ଏମିତି ପରିବେଶରେ ରୋଗୀ ସୋଇଥିବା ବେଳେ ଡ଼ାଇରିଆ ରୋଗୀଙ୍କୁ ତୁରନ୍ତ ସେବା ଯୋଗେଇ ଦେବା ପାଇଁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ତେଣୁ ଏନେଇ ଆଜି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରୁ ଡ଼ାଇରିଆ ନିରାକାରଣ ସୁରକ୍ଷା ସପ୍ତାହରେ ଆସିଥିବା ଡାକ୍ତର ପ୍ରଦୀପ କୁମାର ଦାସଙ୍କୁ ପଚାରି ବାରୁ ସେ କିଛିଟା ତ୍ରୁଟି ଅଛି ବୋଲି କହିଥିବା ବେଳେ କିନ୍ତୁ ବାସ୍ତବରେ ରାଜକନିକାରେ କେତେ ଜଣ ଡାକ୍ତର ନିଯୁକ୍ତି ଅଛନ୍ତି ଓ ପ୍ରତ୍ୟେକ ଦିନ କେତେ ଜଣ ଡାକ୍ତର ଦାୟିତ୍ୱରେ ରହୁଛନ୍ତି ଏବଂ ପୂର୍ବରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡ଼ାଇରିଆ ରୋଗୀଙ୍କୁ ନେଇ କଣ ପଦକ୍ଷେପ ନିଆଯାଇଛି, ତାହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ପଚାରିବାରୁ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି ।

ତେବେ ରାଜକନିକା ବ୍ଲକଅଧୀନରେ ୨୯ଟି ପଞ୍ଚାୟତ ଥିବାବେଳେ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସଂଖ୍ୟାକୁ ମାତ୍ର ୧୬ ବିଶିଷ୍ଟ ବେଡ଼ ତାହା ସମୁଦ୍ରକୁ ଶଙ୍ଖେ ମନେ ହେଉଥିବା ବେଳେ ପର୍ଯ୍ୟାପ୍ତ ପରିମାଣରେ ଡାକ୍ତର ନାହାନ୍ତି । ତେବେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବେଡ଼ ଯୋଗାଇବା ସହିତ ନୂତନ ଡାକ୍ତର ନିଯୁକ୍ତି ପାଇଁ ସାଧାରଣରେ ଦାବି ହେଉଛି ।

## କଲେଜ ଛାତ୍ରୀଙ୍କ ମିଳୁନି ପତ୍ତା

ମାହାଙ୍ଗା ,(ସବ୍ୟୁ) :ମାହାଙ୍ଗା ବ୍ଲକ ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରୀ ମହାବିଦ୍ୟାଳୟର ୩ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ରୀ ସୋନମ୍ ସୋନାଲୀ ରାଉତ ୧୯ ବର୍ଷଙ୍କର କୌଣସି ପତ୍ତା ମିଳୁନଥିବା ଅଭିଯୋଗ ଥାନାରେ ହୋଇଛି । ସୋନାଲୀଙ୍କର ଘର ପୋତାମରାଇ ପଂଚାୟତ ଅଲିଆରା ଗ୍ରାମରେ । ସେ ଘରୁ ଦିନ ୧୦ ଘଟିକା ସମୟରେ କଲେଜ ଯିବାକୁ କହି କେଉଁ ଆଡେ ଚାଲି ଯାଇଛନ୍ତି । ଖୋଜା ଖୋଜି ପରେ ଘରର ଲୋକେ ତାଙ୍କର ପତ୍ତା ମିଳୁନଥିବାର ତା. ୩୦.୦୬.୨୦୨୫ ରିଖରେ ଭଦ୍ରେଶ୍ୱର ଥାନାରେ ଝିଅର ବାପା ରମାକାନ୍ତ ରାଉତ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗୋଟିଏ ପୁଅ ସହିତ ତାଙ୍କ ଝିଅ ବାଇକ୍ ଯୋଗେ ବସି ପଳାଇଯାଇଛି । ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ସନ୍ଧାନ ପାଇବା ନେଇ ପରିବାର ଲୋକେ ବିଫଳ ହୋଇଛନ୍ତି । ଅଭିଯୋଗ ପାଇବା ପରେ ଭଦ୍ରେଶ୍ୱର ଥାନା ପୋଲିସ ଘଟଣାର ତଦନ୍ତ ଜାରୀ ରଖିଥିଲେ ମଧ୍ୟ କୌଣସି ସଫଳତା ପାଇ ପାରି ନାହିଁ । ତୁରନ୍ତ ପୋଲିସ ସୋନମ୍ ସୋନାଲୀକୁ ଖୋଜି ବାହାର କରିବାକୁ ତାଙ୍କର ପିତା ରମାକାନ୍ତ ରାଉତ ଆକୁଳ ନିବେଦନ କରିଛନ୍ତି ।

## ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ପାଇବାରେ ଅହେତୁକ ବିଳମ୍ବ

କୁଆଁପାଳ,(ସବ୍ୟୁ) :ମାହାଙ୍ଗା ବ୍ଲକ ଅଂଚଳରେ ଆୟୁଷ୍ମାନ ଭାରତ ଯୋଜନାରେ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ମିଳିବା ଅହେତୁକ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହିତାଧିକାରୀଙ୍କ ନିକଟକୁ ଆଶା କର୍ମୀଙ୍କ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ ସମସ୍ତ ହିତାଧିକାରୀଙ୍କ ନିକଟରେ ଏଯାବତ ପହଂଚି ପାରି ନାହିଁ । ମାହାଙ୍ଗା ବ୍ଲକରେ ୧ ଲକ୍ଷ ୨୭ ହଜାର କାର୍ଡ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବାବେଳେ ଆଜି ସୁଦ୍ଧା ୯୩ ହଜାର ସ୍ୱାସ୍ଥ୍ୟକାର୍ଡ ବଂଟନ କରାଯାଇଥିବା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ପୂର୍ବ ସରକାର ସମୟରେ ଗରିବ ହିତାଧିକାରୀମାନଙ୍କୁ ବିଏସକେୱାଇ ଯୋଜନାରେ ସରକାରୀ ଖୁଚୁରା ବିକ୍ରେତାଙ୍କ ମାଧ୍ୟମରେ ପ୍ରଦାନ କରାଯାଉଥିଲା ।ଯାହାକି ହିତାଧିକାରୀଙ୍କ ନିକଟରେ ସୂଚାର ରୂପେ ପହଂଚି ପାରୁଥିଲା । ତେବେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ଦାୟିତ୍ୱରେ ଥିବା ଅଧିକାରୀ ଗୋଟିଏ ଅଂଚଳର ସ୍ୱାସ୍ଥ୍ୟକାର୍ଡକୁ ଅନ୍ୟ ଅଂଚଳକୁ ପଠାଇବା ଯୋଗୁ ଅନେକ ହିତାଧିକାରୀ ଏହି କାର୍ଡ ପାଇବାରୁ ବଂଚିତ ହୋଇଛନ୍ତି । ଏପରି ଅବ୍ୟବସ୍ଥା ଦେଖାଦେଇଛି ବ୍ଲକ ସଦର ମହକୁମା ଜଳେଶ୍ୱରପୁର ପଂଚାୟତ କାହ୍ନପୁର ଗ୍ରାମରେ । ପଠାଯାଇଥିବା ଭୂଲ କାର୍ଡ ଗୁଡିକୁ ଆଶାକର୍ମୀ ଫେରାଇବାର ମାସାଧିକ କାଳ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଅନେକ ହିତାଧିକାରୀ ସ୍ୱାସ୍ଥ୍ୟକାର୍ଡ ପାଇ ପାରିନାହାନ୍ତି । ହିତାଧିକାରୀ ଜନସେବା କେନ୍ଦ୍ରରେ ନିଜ ନାମରେ ସ୍ୱାସ୍ଥ୍ୟକାର୍ଡ ସରକାରଙ୍କ ପକ୍ଷରୁ ଜାରୀ ହୋଇଥିଲେ ମଧ୍ୟ ଏହି କାର୍ଡ ଗୁଡିକ ସିଧାସଳଖ ଲୋକଙ୍କ ହାତକୁ ଆସି ପାରୁନାହିଁ । ଫଳରେ ସରକାରଙ୍କ ସୁସ୍ଥ ଓଡିଶା ,ବିକଶିତ ଓଡିଶାର ଲକ୍ଷ୍ୟ ସାଧନାରେ ବାଧକ ସାଜିଛି । ଏପରିକି ରାସନ କାର୍ଡ ଧାରୀ ଗରିବ ହିତାଧିକାରୀମାନେ ସ୍ୱାସ୍ଥ୍ୟକାର୍ଡ ପାଉନଥିବାରୁ ବିଭିନ୍ନ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ସରକାରଙ୍କ ମାଗଣା ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଥିବାବେଳେ ନିଜ ଅର୍ଥରେ ଚିକତ୍ସିତ ହେଉଥିବାରୁ ଏହା ସାଧାରଣରେ ଅସନ୍ତୋଷର କାରଣ ହୋଇଛି । ସ୍ୱାସ୍ଥ୍ୟବିଭାଗ ଉଚ୍ଚ କର୍ତୃପକ୍ଷ ମାହାଙ୍ଗା ବ୍ଲକ ଅଂଚଳର ସ୍ୱାସ୍ଥ୍ୟକାର୍ଡରୁ ବଂଚିତ ହିତାଧିକାରୀଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦେବା ପାଇଁ ସାଧାରଣରେ ଦାବୀ ହୋଇଛି ।

## ଜାତୀୟ ରାଜପଥ କାମରେ ପାଉଁଶ : ଚାଷୀଙ୍କ ରାସ୍ତାରୋକ



ଯାଜପୁର ,(ସବ୍ୟୁ) : ବହୁ ପ୍ରତୀକ୍ଷିତ କୁଆଖିଆ-ସାତଭାୟା ୨୦ ନମ୍ବର ।ତୀୟ ରାଜପଥ ନିର୍ମାଣକୁ ନେଇ ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। ଯାଜପୁର ସଦର ଥାନା ବୁଢ଼ାଘାଟ ନିକଟର ସ୍ଥାନୀୟ ଲୋକ ଏବଂ ଶତାଧିକ ଚାଷୀ ଏକାଠି ହୋଇ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଦାବୀ କରି ହୋହାଲ୍ଲା କରିଥିଲେ।

ଖବର ପାଇ ପୁଲିସ୍ ପହଞ୍ଚିବାରୁ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଚାଷୀ କହିବା ଅନୁଯାୟୀ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ନିର୍ମାଣକାରୀ ଠିକାସଂସ୍ଥା ମନଇଚ୍ଛା କାମ କରୁଛି। ରାସ୍ତାକାମରେ ପାଉଁଶଗୁଣ୍ଡ ବ୍ୟବହାର କରାଯାଉଥିବାରୁ ବର୍ଷା ହେଲେ ସେସବୁ ଚାଷଜମିକୁ ମାଡ଼ିଯାଉଛି। ଫଳରେ ଚାଷୀ ନିଜ କ୍ଷେତ୍ରରେ ଚାଷକାମ କରିପାରୁନାହାଁନ୍ତି। ବିଲରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ସେଠାରେ ଥିବା ନାଳକୁ ମଧ୍ୟ ରାସ୍ତା ନିର୍ମାଣ ଆଳରେ ପୋତି ଦିଆଯାଇଛି। ଫଳରେ ଚାଷଜମିରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଛି। ଏହାଦ୍ୱାରା ଅବଦଲପୁର, ତ୍ରିଲୋଚନପୁର, ସିହପୁର, ଜଳହରା, ନୂଆପାଟଣା, ସୁନିନ୍ଦା, ମୁଗୁଡ଼ି ମୌଜାର ଶହଶହ ଚାଷୀ ପ୍ରଭାବିତ ହେଉଛନ୍ତି। ଠିକାସଂସ୍ଥା ପକ୍ଷରୁ ପାଉଁଶଗୁଣ୍ଡ ଗାଡ଼ି ଅଣାଯାଇଥିବା ବେଳେ ଲୋକମାନେ ବିରୋଧ କରିଥିଲେ। ପୁଲିସ୍ ଉପସ୍ଥିତରେ ରାସ୍ତା କାମ ଆରମ୍ଭ କରାଯିବାରୁ ଚାଷୀମାନେ ବିରୋଧ କରିଥିଲେ। ପରବର୍ତ୍ତୀ ସ୍ଥିତି ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ସ୍ଥିର ହୋଇଛି। ପ୍ରକାଶ ଥାଉକି ଏ ନେଇ ଚାଷୀ ସମୂହ ଗତ ଜୁନ୍ ମାସ ୯ ତାରିଖରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିରେ କିଛି ସୁଫଳ ନମିଳିବାରୁ ଚାଷୀସମୂହ ଉକ୍ତ ପନ୍ଥା ଅବଲମ୍ବ କରିଅଛନ୍ତି।

ଯଦି ଚାଷ ଜମିର ସୁରକ୍ଷା ପାଇଁ ପଦକ୍ଷେପ ନିଆନଯାଏ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଆନ୍ଦୋନରେ ଚାଷୀ ବିଜୟ କୁମାର ରାଉତ, ଚିତ୍ତରଂଜନ ନାୟକ, ଗୋପାଳ ନାୟକ, ଚନ୍ଦ୍ରମଣୀ ନାୟକ, ବିଶ୍ୱଜିତ ନାୟକ, ଅନାଦି ନାୟକ, ସୁଶାନ୍ତ ନାୟକ, ମାନସ ନାୟକପ୍ରମୁଖ ଶତାଧିକ ଚାଷୀ ଉକ୍ତ ପ୍ରତିବାଦ ଅଂଶଗ୍ରହଣ କରିଥିଲେ।

## ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଚୋରି

ସାଲେପୁର,(ସବ୍ୟୁ) : ବ୍ୟାଙ୍କ ସମ୍ମୁଖରୁ ବ୍ୟାଙ୍କ କର୍ମଚାରୀଙ୍କ ବାଇକ ଚୋରି ସିସିଟିଭିରେ ଚୋରୀର ଦୃଶ୍ୟ କଏଦ। ଏଭଳି ଘଟଣା ଘଟିଛି କଟକ ଜିଲ୍ଲାର ସାଲେପୁର ବ୍ଲକ ଅଧିନ ଜଗତପୁର ଥାନା ଅନ୍ତର୍ଗତ ପାଗା ଫାଣ୍ଡି ଅଧିନ ପାଗା ମଧୁବଜାରରେ । ସୂଚନା ମୁତାବକ କଟକ ଜିଲ୍ଲାର ଜଗତପୁର ଥାନା ଅନ୍ତର୍ଗତ ପାଗା ଫାଣ୍ଡି ଅଧିନ ପାଗା ମଧୁବଜାରରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ ଅବସ୍ଥିତ । ବ୍ୟାଙ୍କ ଅଫ ଇଣ୍ଡିଆର ଏକ ହିରୋହୁଣ୍ଡା ବାଇକ ବ୍ୟାଙ୍କ ସମ୍ମୁଖରେ ଥୁଆ ହୋଇଥିଲା । ଦୁଇଜଣ ଯୁବକ ଏକ ସ୍କୁଟିରେ ଆସି ଭଦ୍ର ଲୋକ ଭଳି ଠିଆ ହୋଇ ପାରିପାର୍ଶ୍ୱିକ ପରିସ୍ଥିତି ପରଖି ବ୍ୟାଙ୍କ ସମ୍ମୁଖରେ ଥୁଆ ହୋଇଥିବା ବ୍ୟାଙ୍କର ହିରୋହୁଣ୍ଡା ବାଇକର ତାଲା ଖୋଲି ଆରାମରେ ବାଇକ ଚୋରି କରି ପଳାଇବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଜଗତପୁର ଥାନାରେ ଏ ସମ୍ବଧରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି।

## ବନ ମହୋତ୍ସବ ସପ୍ତାହ

ବିଂଝାରପୁର ,(ସବ୍ୟୁ) :ବିଞ୍ଝାରପୁର ବ୍ଲକ ବିତନା ସ୍ଥିତ ଯୁଣଭଦ୍ରା ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ -୨୦୨୫ ଅବସରରେ ଓ ଯୁବ ରେଡକ୍ରସ ଆନୁକୁଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଯୁବ ରେଡକ୍ରସର ଅଧିକାରୀ ଅଧ୍ୟାପକ ରବି ନାରାୟଣ ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଥମେ ବୃକ୍ଷ ରୋପଣ ଆରମ୍ଭ କରିଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ, ବିଜୟକୁମାର ଜେନା, ଦେବାଶିଷ ଖମାରୀ, ଅଧ୍ୟାପିକା ସରୋଜିନୀ ମଲ୍ଲିକ, ଡେମୋନଷ୍ଟେଟର ସୂରଜିତ ଦେବତା , ଅଜୟ କୁମାର କାଣ୍ଡି, ହିମାଂଶୁ ଭୂଷଣ ନାୟକ ଓ ପ୍ରତାପ ଚନ୍ଦ୍ର ଦାଶ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ ପାଳିତ

କେନ୍ଦ୍ରାପଡା, (ସବ୍ୟୁ) : ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଶ୍ୟାମସୁନ୍ଦରପୁର ନୋଡାଲ ହାଇସ୍କୁଲ ପରିସର ରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ମାନ୍ୟବର ଜିଲ୍ଲା ଦୌରାଜଜ ଲୁନା ମହାନ୍ତିଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ଜଜ ବିଜୟ କୁମାର ପାତ୍ର, ଦେବାଶିଷ ପଣ୍ଡା, ପ୍ରଜ୍ଞା ପରମିତା ରାଉଳ,ବିଷ୍ଣୁଦେବ ଜେନା, ଶୁଭ ଗୌତମ ମିଶ୍ର, ଋତୁପର୍ଣ୍ଣା ମିଶ୍ର, ଚିନ୍ମୟୀ ଜେନା, ସୁଜିତ କୁମାର ଦାସ ପ୍ରମୁଖଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଜିଲ୍ଲା ବନ ଅଧିକାରୀ ନରେଶ କୁମାର ଟୁଡୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ଔଷଧିୟ ଗଛ ରୋପଣ କରାଯିବା ସହିତ ସେହି ପରିସର ରେ ଔଷଧୀୟ ବୃକ୍ଷର ଏକ ବଗିଚା କରାଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ପରିଚାଳନା କରିଥରବା ବେଳେ ସମସ୍ତ ବିଚାରପତି ଓ କର୍ମଚାରୀ ସହଯୋଗ କରିଥିଲେ ।

## କର୍ତ୍ତବ୍ୟରତ ପୋଲିସ ହାବିଲଦାରଙ୍କୁ ମାଡ଼

ଡେରାବିଶ, (ସବ୍ୟୁ) : ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥର ଡେରାବିଶ ଥାନା ଅଧୀନ ଛତା ଛକରେ ଗତକାଲି ସକାଳେ କେତେଜଣ ଦୁର୍ବୃର୍ତ୍ତ ଜଣେ କର୍ତବ୍ୟରତ ହାବିଲଦାରଙ୍କୁ ମାଡ଼ ମାରିଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି । ଡେରାବିଶ ଥାନା ଅଧୀନ ଛତା ବିଟ୍ ହାଉସ୍ ଦାୟିତ୍ୱରେ ଥିବା ହବିଲଦାର ସୁବାସ ଚନ୍ଦ୍ର ଜେନାଙ୍କ ଅଭିଯୋଗ ଅନୁଯାୟୀ ବୁଧବାର ସକାଳ ୭ଟା ୪୦ ମିନିଟ୍ ସମୟରେ ଛତାଛକ ସ୍ଥିତ ବଟମହାପୁରୁଷଙ୍କ ପୀଠକୁ ଯିବା ରାସ୍ତା ନିକଟ ଜାତୀୟ ରାଜପଥ ଉପରେ ଏକ ତେଲ ଟ୍ୟାଙ୍କର ଖରାପ ହୋଇଯିବାରୁ କିଛି ସମୟ ପାଇଁ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । କେତେଜଣ ଲୋକଙ୍କ ସହାୟତାରେ ଉକ୍ତ ଟ୍ୟାଙ୍କରକୁ ଠେଲି ସାଇଡ୍ କଲାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହି ସମୟରେ ଏକ କାର (ଓଡ଼ି-୦୪-ଜେ-୬୫୭୫)ରୁ ହଠାତ୍ ନିକଟସ୍ଥ ଲକ୍ଷ୍ମୀନାରାୟଣପୁର ଅଂଚଳର ଗୋଲେଖ ସାହୁ, ସତ୍ୟଜିତ ସାହୁ ଓ ରବି ଓଝାଇ ଜଣେ ଟ୍ରକ ଡ୍ରାଇଭରକୁ ବିନା କାରଣରେ ମାଡ଼ ମାରିଥିଲେ । ଏହା ଦେଖି ହାବିଲଦାର ଶ୍ରୀ ଜେନା ଉକ୍ତ ଟ୍ରକ ଡ୍ରାଇଭରକୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରିବାକୁ ଚେଷ୍ଟା କରିବାକରୁ ଯୁବକମାନେ ତାଙ୍କୁ ମାଡ଼ ମାରିଥିଲେ । ସେଠାରେ ଉପସ୍ଥିତ ଥିବା ଅନ୍ୟ ଲୋକମାନେ ପୋଲିସ୍ କର୍ମଚାରୀ ଶ୍ରୀ ଜେନାଙ୍କୁ ମାଡ଼ ମାରିବାକୁ ବାରଣ କରିବା ସତେବ ମଧ୍ୟ ସେମାନେ କିଛି ନ ଶୁଣି ଶ୍ରୀ ଜେନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ । ପରେ ସେଠାରେ ଏହି ଯୁବକମାନଙ୍କ ଅନ୍ୟ ଦୁଇ ସହଯୋଗୀ ପହଂଚି ଶ୍ରୀ ଜେନାଙ୍କୁ ମଧ୍ୟ ଧମକ ଚମକ ଦେଇଥିଲେ । ହାବିଲଦାର ଶ୍ରୀ ଜେନାଙ୍କ ଠାରୁ ଅଭିଯୋଗ ପାଇବା ପରେ ଡେରାବିଶ ଥାନାରେ ୧୦୮/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ।

## ବ୍ୟାସନଗର ଉନ୍ନତି ପାଇଁ ଶପଥ ନେଲେ ୨୦ କାଉନସିଲର

# ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବି : ସୁବାସ




ବ୍ୟାସନଗର, (ଜିପ୍ର): ବ୍ୟାସନଗର ଉନ୍ନତି ପାଇଁ ପରିଷଦର ବିଜେଡ଼ିର ୧୬ ଓ କଂଗ୍ରେସର ୪ କାଉନସିଲର ଶପଥ ନେଇଛନ୍ତି । ଅପରପକ୍ଷରେ ସହରର ଉନ୍ନତି ପାଇଁ ସମସ୍ତଙ୍କୁ ସାଙ୍ଗରେ ନେଇ କାର୍ଯ୍ୟ କରିବି ବୋଲି ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଗଣମାଧ୍ୟମକୁ କହିଛନ୍ତି । ବ୍ୟାସନଗର ପାଇଁ ଅନେକ କାର୍ଯ୍ୟ କରିବାର ଅଛି, ସେଥିପାଇଁ ସମସ୍ତଙ୍କ ସହଯୋଗର ବି ଆବଶ୍ୟକତା ରହିଛି । ସେଥିପାଇଁ ଆମେ ଦଳକୁ ଗୁରୁତ୍ୱ ନଦେଇ ବିକାଶକୁ ଗୁରୁତ୍ୱ ଦେଇ ୨୦ କାଉନସିଲର ଏକାଠି ହୋଇଛୁ । କିନ୍ତୁ ବିକାଶରେ ନିର୍ବାହୀ ଅଧିକାରୀ ପ୍ରତିବନ୍ଧକ ସାଜୁଛନ୍ତି । ୪କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟାକୁ ଆଗେଇ ନେବା ବଦଳରେ ଅଧିକାରୀ ବିଭିନ୍ନ ଆଳ ଦେଖାଇ ଛୁଟିରେ ଚାଲିଯିବା ଘଟଣା କେବେ ହେଲେ ଗ୍ରହଣୀୟ ନୁହେଁ । ଆଶା କରୁଛୁ ନିର୍ବାହୀ ଅଧିକାରୀ ସହର ବିକାଶ ପାଇଁ ପୌର ଆଇନ ମତେ କାର୍ଯ୍ୟ କରିବାକୁ ପୌରାଧ୍ୟକ୍ଷ ଶ୍ରୀ ବଳ ନିବେଦନ କରିଛନ୍ତି । ଅସନ୍ତୁଷ୍ଟ ଥିବା କାଉନସିଲର ମାନଙ୍କୁ ତାଙ୍କ ୱାର୍ଡ଼ର ଉନ୍ନୟନ ସଂପର୍କରେ ଆଲୋଚନା କରିବାକୁ ସେ ନିବେଦନ କରିଛନ୍ତି । କୌଣସି ୱାର୍ଡ଼କୁ ହତାଦାର କରାଯିବାର ସମ୍ଭାବନା ନାହିଁ ବୋଲି ଶ୍ରୀ ବଳସ୍ପଷ୍ଟ କରିଛନ୍ତି । ଆଜି ପୌର କାର୍ଯ୍ୟାଳୟରେ ପୌରାଧ୍ୟକ୍ଷା ଶ୍ରୀବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୨୫/୨୬ ପାଇଁ ବଜେଟ ଉପସ୍ଥାପନ ହୋଇଥିଲା । ବୈଠକରେ ଉପସ୍ଥିତ କାଉନସିଲର ଅରୁନ୍ଧତି ପରିଡ଼ା, ବିଜୟ ଜେନା, କୁନି ହାଁସଦା, ସରୋଜୀନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରୀୟଦର୍ଶନୀ ପରିଡ଼ା, ଅଶୋକ ଦାସ, ସରିତା ଜେନା, ବୁଢୁନି ଦରାଇ, ସିଦ୍ଧାର୍ଥ ଶଙ୍କର ସାମଲ, ସନ୍ତୋଷ ବରାଳ, ଶିବାନନ୍ଦ ନାୟକ, ଅନ୍ନପୁର୍ଣ୍ଣା ତରାଇ, ଉର୍ମିଳା ପରିଡ଼ା, କୁମୁଦୁନି ରାଉତ, ପାର୍ଥସାରଥୀ ନାୟକ, ଦିଲୀପ ସେଠୀ ଏବଂ ରବିନ୍ଦ୍ର ରାଉତ ପ୍ରମୂଖ ସେମାନଙ୍କ ୱାର୍ଡ଼ର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଆବଶ୍ୟକତା ଦୃଷ୍ଟିରେ ପ୍ରସ୍ତାବ ରଖିଥିଲେ । ପ୍ରସ୍ତାବ ବଜେଟ ପାଇଁ ଅନୁଦାନ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ପଠାଯିବ । ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ୱାଟକୋ ଇଂଜିନିୟର ବିଚିତ୍ରାନନ୍ଦ ପୁହାଣଙ୍କ ଉପସ୍ଥିତିରେ ବୈଠକରେ ଉପସ୍ଥିତ ରହିଥିଲେ ।

## ହାଇୱା ଚଢ଼ିଯିବାରୁ ମାଲିକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : କଟକ-ଚାନ୍ଦବାଲି ରାସ୍ତାର ଖଇରା ପୋଲ ନିକଟରେ ହାଇୱା ଚଢ଼ିଯିବାରୁ ମାଲିକର ମୃତ୍ୟୁ ହୋଇଥିବା ଜଣାଯାଇଛି । ଗୁରୁବାର ରାତିରେ ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ବଡ଼କ୍ଷୀର ଗ୍ରାମର ରାକେଶ କୁମାର ସ୍ୱାଇଁ (୨୭) ତାଙ୍କର ହାଇୱା ଟ୍ରକକୁ ଘରକୁ ଆଣୁଥିବା ବେଳେ ଅସାବଧାନତା ବଶତଃ ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି । ରାକେଶ ଏକ ସେକେଣ୍ଡହାଣ୍ଡ ହାଇୱା କିଣି ଗ୍ୟାରେଜରେ କାମ କରାଇ ନିଜ ବଡ଼କ୍ଷୀର ଗ୍ରାମକୁ ଆଣିବା ପାଇଁ ବ୍ୟବସ୍ଥା କରିଥିଲେ । ଗ୍ୟାରେଜରୁ ହାଇୱା ବାହାରିବା ବେଳେ ମାଲିକ ରାକେଶ ଏକ ବାଇକରେ ତା ଆଗରେ ଛିଡ଼ା ହୋଇଥିଲେ । ହଠାତ୍ ହାଇୱାଟି ଆସି ତା ଉପରେ ମାଡ଼ିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏଭଳି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ଜଗତପୁର ଥାନା ପୋଲିସ ହାଇୱାକୁ ଜବତ କରିଥିବା ବେଳେ ତଦନ୍ତ ଜାରି ରଖିଥିବା ଜଣାଯାଇଛି ।

## ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଶତବାର୍ଷିକ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ରାଜନଗର, (ସବ୍ୟୁ) : ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଶତବାର୍ଷିକ ଅବସରରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ଭାରତ ବର୍ଷ ଗଠନରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗୀତା ଆୟୋଜନ କରଯାଇଥିଲା । କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରି ଅଖଣ୍ଡ ଭାରତ ନିର୍ମାଣରେ ଡକ୍ଟର ମୁଖାର୍ଜୀଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତିଯୋଗିତାରେ ଶୁଭଶ୍ରୀ ବଳ ,ସ୍ୱର୍ଣଲତା ଦାସ , ଶ୍ରାବଣୀ ସ୍ୱାଇଁ ପ୍ରଥମ , ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନର ମୁଖ୍ୟ ଡକ୍ଟର ପ୍ରଣତୀ ନାୟକ , ଉଦ୍ଭିଦ ବିଜ୍ଞାନର ମୁଖ୍ୟ ରାଜଶ୍ରୀ ସାମନ୍ତ , ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ, ସଂଗ୍ରାମ କେସରୀ ବେହୁରା ବିଚାରକ ଭାବେ ଯୋଗ ଦେଇଥିଲେ ।

## ଲିଜ୍ ଆଳରେ ବିଛାଖଣ୍ଡିର ଏକାଧିକ ଖଣିରୁ ପୁଣି ଆଖିବୁଜା କଳାପଥର ଚୋରି

ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲର ବହୁ ଚର୍ଚ୍ଚିତ ବିଛାଖଣ୍ଡି ପାହାଡର ପଥର ଖଣିଗୁଡିକରୁ ଲିଜକୁ ଆଳକରି ପୁଣି ଆଖିବୁଜା କଳାପଥର ଚୋରି ଚାଲିଛି । ରାଜସ୍ୱ ବିଭାଗ (ତହସିଲରୁ) ଅଧିନରୁ କଳାପଥର ଖଣି ଗୁଡିକ ଖଣି ବିଭାଗକୁ ହସ୍ତାନ୍ତର ହେବାପରେ ଏବେ ଏହି କଳାପଥର ଖଣି ଗୁଡିକ ଯାଜପୁର ଜିଲ୍ଲା ଲଘୁ ଖଣି ଉପନିର୍ଦ୍ଦେଶଙ୍କ ଅଧିନରେ ରହିଛି । ବ୍ୟାପକ ଖଣିଚୋରି ଓ ରାଜସ୍ୱ ଆତ୍ମସାତ ନେଇ ବିଛାଖଣ୍ଡି ପାହାଡ ଉପରେ ଏନଜିଟି, ହାଇକୋର୍ଟ ଓ ଲୋକାୟୁକ୍ତଙ୍କ ଇଜିଲାସରେ ମାମଲା ଦାୟର ହେବାପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ରାଜ୍ୟ ଭିଜିଲାନ୍ସ (ଅର୍ଥନୈତିକ ଅପରାଧ ସେଲ) ଏହାର ତଦନ୍ତ କରି ଏଠାରୁ ହଜାର ହଜାର କୋଟି ଟଙ୍କାର ପଥର ଚୋରି ହୋଇଥିବା ତାଙ୍କ ରିପୋର୍ଟରେ ଦର୍ଶାଇ ଥିଲେ ଓ ଏହି ଚୋରି ପାଇଁ ତତ୍କାଳୀନ ଯାଜପୁର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଧର୍ମଶାଳା ତହସିଲର ଏକାଧିକ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଦାୟୀକରି ସେମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଦାଖଲ କରିଥିଲେ । ଏହି ଘଟଣା ପରେ ଏଠାରେ ସାମୁହିକଭାବେ ପଥର ଚୋରି ବନ୍ଦ ରହିଥିଲା । ତେବେ ଏବେ ପୁଣି ବିଛାଖଣ୍ଡିରୁ କଳାପଥର ଚୋରୀ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇ ଏବେ ତାହା କାର୍ଯ୍ୟକାରୀ ହୋଇଛି । ପ୍ରଥମେ ସମ୍ପୂର୍ଣ୍ଣ ବନ୍ଦଥିବା ଖଣିଗୁଡିକରୁ ଗୋଟିଏରୁ ଲିଜ ଆଳରେ ଖନନ ଆରମ୍ଭ ହୋଇଥିଲାବେଳେ ଏବେ ଆଉ ୪/୫ଟି ଖଣିରୁ ସମାନ ଢଙ୍ଗରେ ପଥର ଖନନ ଆରମ୍ଭ ହୋଇଛି । ତେବେ ଲିଜକୁ ଆଳକରି ମାଫିଆମାନେ ରାଜନୈତିକ ପୃଷ୍ଠପୋଷକତାରେ ରହି ଏବେ ସମଗ୍ର ଅଞ୍ଚଳରେ ଉତ୍ପାତ ଆରମ୍ଭ କରିବା ସହ ଖଣିଗୁଡିକରୁ ଆଖିବୁଜା ପଥର ଚୋରୀ କରୁଛନ୍ତି । ପଥର ଲୁଟିବା ପାଇଁ ଏବେ ଏଠାରେ ମାଫିଆଙ୍କ ମଧ୍ୟରେ ଏକପ୍ରକାର ପ୍ରତଯୋଗୀତା ଆରମ୍ଭ ହୋଇଯାଇଛି । ବେଆଇନ ଭାବେ ଖଣିରେ ଶକ୍ତିଶାଳୀ ବିସ୍ଫୋରଣ କରି ବଡବଡ ମେସିନ ଲଗାଇ ଶତାଧିକ ହାଇୱା ଟ୍ରକରେ ଦୈନିକ କିଏ କେତେ ପଥର ଲୁଟପାଟ କରିବ ତାହାହିଁ ମାଫିଆଙ୍କର ପ୍ରଥମ କାମ ହୋଇଛି । ଏହି ଘଟଣାକୁ ଜେନାପୁର ଥାନା ପୋଲିସ, ଧର୍ମଶାଳା ତହସିଲ କର୍ତ୍ତୃପକ୍ଷ ସ୍ୱଚକ୍ଷୁରେ ସବୁକିଛି ଦେଖିଥିଲା ବେଳେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ଏବେ ଦୈନିକ ଏଠାରୁ ୭ଶହରୁ ଦେଢ ହଜାର ଟ୍ରିପ ପର୍ଯ୍ୟନ୍ତ ପଥର ଚୋରୀ ହେଉଛି ଓ ସେ ବାବଦରେ ସରକାର ଦିନକୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଉଥିବା ଆଲୋଚନା ହେଉଛ । ସରକାରକୁ ଆସିବାପରେ ଧର୍ମଶାଳା ବିଧାୟକ ପଥର ଚୋରିକୁ ସମ୍ପୁର୍ଣ୍ଣ ବନ୍ଦ କରାଯିବ ଓ ଗତ ସରକାର ଅମଳରେ ଚୋରୀରେ ସଂପୃକ୍ତ ତଥା ସରକାରୀ ରାଜସ୍ୱ ଫାଙ୍କିଥିବା ସମସ୍ତ ମାଫିଆଙ୍କୁ ଜେଲ ପଠାଯିବ ବୋଲି ଦୃଢତାର ସହ ଘୋଷଣା କରାଥିଲେ । ତେବେ ବିଧାୟକଙ୍କ ଏହି ଘୋଷଣା ଏବେ କାର୍ଯ୍ୟକାରୀ ହେଉନଥିବା ପରିଲକ୍ଷିତ ହୋଇଛି । ପୂର୍ବ ସରକାର ସମୟରେ ଯେଉଁମାନେ କଳା ପଥର ଲୁଟୁଥିଲେ ଓ କୋଟି କୋଟି ଟଙ୍କାର ସରକାରୀ ରାଜସ୍ୱ ଫାଙ୍କିଥିଲେ ଏବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବପରି ପଥର ଚୋରିରେ ସାମିଲ ଥିବା ଦେଖାଯାଇଛି । ତେବେ ବିଧାୟକଙ୍କ ଘୋଷଣା ପରେ ଏବେ ଏପରି ବ୍ୟାପକ ପଥର ଚୋରୀ ଓ କୋଟିକୋଟି ଟଙ୍କାର ରାଜସ୍ୱ ଆତ୍ମସାତ ଚାଲିଥିଲେ ବି ପ୍ରଶାସନ କେଉଁ କାରଣରୁ ନିରବଦ୍ରଷ୍ଟା ସାଜିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପାରାଦୀପ ରିଫାଇନାରୀରେ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍



ପାରାଦୀପ, (ଜି .ପ୍ର ) : ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀରେ ଏକ ଲେଭେଲ - ଦୁଇ ମକ ଡ୍ରିଲ (ଅନ ସାଇଟ ଡିଜାଷ୍ଟର ଡ୍ରିଲ) ଆୟୋଜନ କରିଥିଲା ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା । ପାରାଦୀପ ରିଫାଇନାରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ମ୍ୟାନେଜରମେଣ୍ଟ ପ୍ଲାନ ଅନୁଯାୟୀ ଏହି ଡ୍ରିଲ କାର୍ଯ୍ୟକାରୀ କରାଯାଇଥିଲା । ମ୍ୟୁଚୁଆଲ ଏଡ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ ।

ପାରାଦୀପ ରିଫାଇନାରୀର ସାରୁ ୟୁନିଟରେ ଗାସ୍କେଟ ଫାଟିଯିବା ଯୋଗୁଁ ଯଦି ଏଚ ଟୁ ଏସ ଲିକେଜ ହୁଏ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ ଟି ଆଧାରିତ ଥିଲା । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଡ୍ରିଲ ପରେ ପାରାଦୀପ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।

# ହାଇକୋର୍ଟରେ ବିବାଦ : ମାସେ ହେଲା ଛତୁଆ ବନ୍ଦ

କଣାସ,(ସବ୍ୟୁ) :ରାଜ୍ୟ ସରକାର ଗର୍ଭବତୀ,ପ୍ରସୂତି,କିଶୋରୀ ବାଳିକା ଓ କୋମଳମତି ଶିଶୁମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପୃଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି । ହେଲେ କଣାସ ବ୍ଲକର ଦୋକନ୍ଦା, ବଡ଼ାସ,କଣାସ , ଗଡ଼ସାନପୁଟ , ବଡାଲ, ଦୋଛିଆଁ ଓ ଅଁଳାଯୋଡ଼ି ପଞ୍ଚାୟତରେ ଏକ ମାସ ହେବ ଛତୁଆ ବଣ୍ଟନ ବନ୍ଦ ଯୋଗୁ ତୀବ୍ର ଅସନ୍ତୋଷ ଦେଖାଦେଇଛି ।ପ୍ରକାଶ ଥାଉକି କଣାସ ବ୍ଲକର ମୋଟ ୨୮ ପଞ୍ଚାୟତରୁ ମାଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀ ୨୧ ପଞ୍ଚାୟତକୁ ଛତୁଆ ଓ ଅନ୍ୟାନ୍ୟ ପୃଷ୍ଟିକର ଖାଦ୍ୟ ଯୋଗାଇ ଆସୁଥିବା ବେଳେ ବାକି ୭ଟି ପଞ୍ଚାୟତକୁ ମାସନ୍ତୋଷୀ ସଂଘ ସହାୟିକା ଗୋଷ୍ଠୀ ଛତୁଆ ଓ ପୃଷ୍ଟିକର ଖାଦ୍ୟ ବଣ୍ଟନ କରୁଥିଲା । କିନ୍ତୁ ସରକାରଙ୍କ ତଦନ୍ତରେ ଜଣାପଡ଼ିଲା ମାସନ୍ତୋଷୀ ସଂଘ ସହାୟିକା ଗୋଷ୍ଠୀର ଛତୁଆ ନିର୍ମାଣ କେନ୍ଦ୍ରର ଭିତ୍ତିଭୂମି ତଥା ବିଭିନ୍ନ ତ୍ରୁଟି କାରଣରୁ ସରକାର ଛତୁଆ ଓ ପୃଷ୍ଟିକର ଖାଦ୍ୟ ବଣ୍ଟନ ପ୍ରକ୍ରିୟାକୁ ବନ୍ଦ କରି ମାଚଣ୍ଡୀ ସଂଘ ସହାୟିକା ଗୋଷ୍ଠୀଙ୍କୁ ୨୮ ପଞ୍ଚାୟତ ଛତୁଆ ଓ ପୃଷ୍ଟିକର ଖାଦ୍ୟ ବଣ୍ଟନ ଦାୟିତ୍ୱ ପ୍ରଦାନ କରିଥିଲେ ।ପୁର୍ନବାର ଦୀର୍ଘ ଦିନପରେ ମାସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଶାତୋଟି ପଞ୍ଚାୟତରେ ଛତୁଆ ବଣ୍ଟନ କରିବା ପାଇଁ ଆଦେଶ ଆଣିଥିଲା ।ସେପଟେ ମାଚଣ୍ଡୀ ସଂଘ ସହାୟକ ଗୋଷ୍ଠୀ କହିଛି କଭଳି ଆମକୁ ନଜଣାଇ ୭ଟି ପଞ୍ଚାୟତ ଛତୁଆ ଓ ପୃଷ୍ଟିକର ଖାଦ୍ୟ ବଣ୍ଟନ ପାଇଁ ମାସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ଆଦେଶ ଦିଆଗଲା ଏନେଇ ମାଚଣ୍ଡୀ ସଂଘ ସହାୟକ ଗୋଷ୍ଠୀ ହାଇକୋର୍ଟର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇବା ପାଇଁ ଅନାଇ ବସିଛନ୍ତି ।ଏଭଳି ଅଭାବନୀୟ ପରିସ୍ଥିତି ଯୋଗୁ ଗର୍ଭବତୀ,ପ୍ରସୂତି,କିଶୋରୀ ବାଳିକା ଓ କୋମଳମତି ଶିଶୁମାନେ ପୃଷ୍ଟିକର ଖଦ୍ୟରୁ ବଞ୍ଚିତ ହୋଇଛନ୍ତି ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୁଢକୁଢ ଅଳିଆ ଆବର୍ଜନା

କୋଣାର୍କ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫେଇ ଅଭାବରୁ କୁଢ କୁଢ ଅଳିଆ ଆବର୍ଜନା ପଡି ରହିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛିଛ ଖବରରୁ ପ୍ରକାଶ ଯେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଷ୍କାର ପରିଛନ୍ନତା କରିବା ପାଇଁ ଦୁଇଜଣ ସଫେଇ କର୍ମଚାରୀ ନିଯୁକ୍ତି ହୋଇ ଥିବା ବେଳେ ସେମାନେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଠିକ ଭାବେ ସଫେଇ କରୁ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହିତ ଝାଡାବାନ୍ତି ବ୍ୟାପିବା ଭଳି ପରିସ୍ଥିତି ଦେଖାଦେଇଛି । ବର୍ତ୍ତମାନ ପରିସ୍ଥିତିରେ ସମଗ୍ର ରାଜ୍ୟରେ ଝାଡାବାନ୍ତି ବ୍ୟାପି ଥିଲା ବେଳେ କୋଣାର୍କ ଭଳି ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ କୁଢ କୁଢ ଅଳିଆ ଆବର୍ଜନା ଜମି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଝାଡାବାନ୍ତି ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପଡି ରହିଥିବା କୁଢକୁଢ ଅଳିଆ ଆବର୍ଜନା କୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କରି ପରିଷ୍କାର ପରିଚ୍ଛନ୍ନତା କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି ।

# ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନ ପରେ ବାହୁଡ଼ା ନୀତି ଆରମ୍ଭ



ନୟାଗଡ଼, (ସବ୍ୟୁ) : ନୟାଗଡ଼ ଗୁଣ୍ଡିଚା ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ନବମୀରେ ସନ୍ଧ୍ୟା ଦର୍ଶନ ବା ଗରୁଡ଼ ଗୋବିନ୍ଦ ବେଶରେ ଦର୍ଶନ ଦେଇ ଭକ୍ତଜନଙ୍କ ମନଙ୍କୁ ଶା' କରିଛି । ଏଥି ସହିତ ଶ୍ରୀଜୀଉଙ୍କ ସମସ୍ତ ଦେବ ନୀତି ସଂପନ୍ନ ହୋଇ ବାହୁଡ଼ା ଯାତ୍ରା ନୀତି ଆରମ୍ଭ ହୋଇଛି। ନବମୀର ସମସ୍ତ ନୀତି ଓ ସେବା ସହିତ ବଡ଼ସିହାର ପରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରାର ସେବା ନୀତି ଆରମ୍ଭ ହୋଇଛି। ସେଥିରେ ସେନାପଟା ସେବା ପରେ ପହୁଡ଼ ହୋଇ ଶନିବାର ଦଶମୀ ତିଥିରେ ବହୁଡ଼ା ଯାତ୍ରା ସେବା ନୀତି ମଧ୍ୟରେ ରୋଷ ହୋମ, ସୂର୍ଯ୍ୟ ପୂଜା ଓ ଧୂପ ପରେ ବାହୁଡ଼ା ପହଣ୍ଡି ଆରମ୍ଭ ହେବ। ସକାଳ ସାଢ଼େ ୯ଟାରେ ଧାଡ଼ି ପହଣ୍ଡିରେ ଶ୍ରୀଜୀଉ ରଥାରୁଢ଼ ହେବେ। ପରେ ରଥ ପ୍ରତିଷ୍ଠା ଛେରା ପହଁରା ଅନୁଷ୍ଠିତ ହୋଇ ଅପରାହ୍ନ ୪ଟା ସମୟରେ ବାହୁଡ଼ାର ରଥ ଟଣା ପାଇଁ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଛି। ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଶେଷ ହୋଇଛି।

# ଆଞ୍ଚଳିକ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ

## ନିରପେକ୍ଷ ଖବର ପରିବେଷଣ ସାମ୍ବାଦିକତାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖେ



ଖଣ୍ଡପଡ଼ା ,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ୪୧ ତମ ପ୍ରତିଷ୍ଠା ଦିବସ ସଂଘ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦିନ ପାଳିତ ହୋଇଯାଇଛି।ସଂଘ ସଭାପତି ବିନାୟକ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶବିଶୃତ ତ୍ରିପାଠୀ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ। କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ସଂଘର ସଦସ୍ୟମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ଉନ୍ନତିକରଣ ନିମନ୍ତେ ବିଧାୟକ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ ବୋଲି ଏ ଅବସରରେ ପ୍ରତିଶୃତି ଦେଇଥିଲେ।ସଂଘର ସମସ୍ତ ସଦସ୍ୟ ବିଧାୟକଙ୍କ ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ସଂଘ ପକ୍ଷରୁ ଭବାନୀଶଙ୍କର ମହାନ୍ତି ଓ ରଞ୍ଜନ ମହାପାତ୍ର ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସାମ୍ବାଦିକମାନେ ସର୍ବଦା ସଠିକ, ତଥ୍ୟଭିତ୍ତିକ, ନିର୍ଭିକ ଓ ନିରପେକ୍ଷ ଖବର ପରିବେଷଣ ପ୍ରତି ଗୁରୁତ୍ୱ ଦେଲେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ସାମ୍ବାଦିକତାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ଭବାନୀଶଙ୍କର ସିଂହସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା, କଣ୍ଟିଲୋ,ଭାପୁର ଓ ନୟାଗଡ ଅଞ୍ଚଳରେ କାର୍ଯ୍ୟରତ ୪୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

# ସିରିଜ ଚୋରି : ଚୋର ଧରିବାରେ ପୋଲିସ ବିଫଳ

କାକଟପୁର (ସବ୍ୟୁ): ଦିନକୁ ଦିନ କାକଟପୁର ରେ ଚୋରୀ ବୃଦ୍ଧି ପାଇବାରେ ଲାଗିଛି । ଗୁରୁବାର ରାତିରେ ବଲରା ସ୍ଥିତ ମାଧବାନନ୍ଦ ମନ୍ଦିର,ପତିସାହି ମହାବୀର ମନ୍ଦିର ଓ ଆଲୋକ କୁମାର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି। ଏହି ସିରିଜ ଚୋରି କୁ ନେଇ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଭୟ ର ବାତାବରଣ ସୃଷ୍ଟି ହୋଇଛି। ଶୁକ୍ରବାର ସକାଳୁ ଐତିହାସିକ ବଲରା ମାଧବାନନ୍ଦ ମନ୍ଦିର ର ପୂଜାରୀ ବିଜୟ କୁମାର ଦାଶ ଠାକୁରଙ୍କ ନୀତି ପାଇଁ ମନ୍ଦିର ଦ୍ୱାର ଫିଟାଇବା ବେଳକୁ ଦେଖନ୍ତି ଠାକୁରଙ୍କ ଦ୍ୱାର ତଡା ହୋଇଛି। ସେ ଏନେଇ ସ୍ଥାନୀୟ ଲୋକଙ୍କୁ ଡ଼ାକି ଥାନା ରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ମୁତାବକ ଠାକୁର ଙ୍କର ରୁପା ହାର,ପିତଳ ଢାଳ ୨ଟା, ଥାଳି ୧ଟି, ବାଲ୍ଟି ୧ଟି, ଘଣ୍ଟ ୧ଟି, ହାତ ଘଣ୍ଟି ୨ଟା ଗାୟବ ଅଛି। ଠିକ ସେହିପରି କିଛି ଦୂର ରେ ପତିସାହି ମହାବୀର ମନ୍ଦିରରୁ ହନୁମାନ ଙ୍କ ୧ଟିଏ ରୁପାର ମୁକୁଟ, ସୁନା ଆଖି ୨ ଟି,ଅନ୍ୟ ରୁପା ସାମଗ୍ରୀ ୨ ଟି ଓ ଠାକୁର ଙ୍କ ହୁଣ୍ଡୀ ତଡା ଯାଇଛି ।ଯେଉଁଥିରେ ୧୫ ରୁ ୨୦ ହଜାର ଭକ୍ତଙ୍କ ଅନୁଦାନ ଟଙ୍କା ରହିଥିଲା। ଏହି ବାବଦରେ ପୂଜକ ବିପିନ ବିହାରି ଦାସ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି।ଏହି ମହାବୀର ମନ୍ଦିର ନିକଟରେ ଆଲୋକ କୁମାର ଦାସ ଙ୍କ ଘରୁ ଗ୍ୟାସ ସିଲିଣ୍ଡର ସହିତ ଗୋଟେ ପାଣି ମଟର ମଧ୍ୟ ଚୋରୀ ହୋଇଛି। ଏହି ବାବଦରେ ମଧ୍ୟ ତାଙ୍କ ତରଫରୁ ଥାନା ରେ ଲିଖିତ ଅଭିଯୋଗ ହୋଇଛି। ଏହି ଘଟଣା ର ପୃଥକ ପୃଥକ ଏତଲା ପାଇବା ପରେ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସର କଡା ପେଟ୍ରୋଲିଂ ଅଭାବ ଓ ବାରମ୍ବାର ଲୁଟ କୁ ନେଇ ସାଧାରଣ ରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଚୋର କି ଚୋରୀ ଜିନିଷ ଉଦ୍ଧାର କରିବା ଏବେ ସମ୍ପୂର୍ଣ୍ଣ ରୂପେ ପୋଲିସ ପ୍ରଶାସନ ପାଇଁ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି।

# ବରିଷ୍ଠ ଶିକ୍ଷାବିତଙ୍କ ପରଲୋକ

ଫୁଲନଖରା (ସବ୍ୟୁ): :ବରିଷ୍ଠ ଶିକ୍ଷାବିତ ଦୁଃଶାସନ ଜେନାଙ୍କର ହୃଦଘାତରେ ପରଲୋକଗତ ଘଟିଛି । ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । କଟକ ସଦର ଥାନା ଅନ୍ତର୍ଗତ ମହିଧରପଡ଼ା ସରକାରୀ ହାଇସ୍କୁଲରେ ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ଭାବେ ଶିକ୍ଷକତା କରି ସୁନ୍ଦରଗ୍ରାମ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ ।ଗୁରୁବାର ମହିଧରପଡ଼ା ସ୍ଥିତ ରହୁଥିବା ବାସଭବନରେ ହଠାତ୍ ରାତି ୮ଟାରେ ହୃଦ ଘାତ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଫୁଲନଖରା ସ୍ଥିତ ସମ ହସପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା ।ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଖବର ପାଇ କିଶୋର ଚନ୍ଦ୍ର ଦାଶ, ,ବିଜୟ କୁମାର ଦାସ,ସୁରେଶ ଚନ୍ଦ୍ର ଦାଶ,ପ୍ରଣବ ପଟ୍ଟନାୟକ, ଯତିନ୍ଦ୍ର ମହାନ୍ତି ,ଚନ୍ଦ୍ରମଣି ପ୍ରଧାନ,ଅଜୟ କୁମାର ସାମନ୍ତରାୟ,ତପନ କୁମାର ଦାଶ,ଶିକ୍ଷକ ନେତା ଅଶୋକ କୁମାର ମହାପାତ୍ର,ବିଜୟ କୁମାର ମହାପାତ୍ର,ଅଜୟ ପତି,ଶରତ ଆଚାର୍ଯ୍ୟ,ସୁକାନ୍ତ ଭୋଳ,ପ୍ରଫୁଲ୍ଲ କୁମାର ଦାଶ, ଶଶିଭୂଷଣ ଦାଶ ତାଙ୍କ ବାସ ଭବନଠାରେ ପହଞ୍ଚି ଶେଷ ଦର୍ଶନ କରି ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।ତାଙ୍କ ମୃତ ଶରୀରକୁ ମହିଧରପଡା ହାଇସ୍କୁଲ ପରିସରକୁ ବୁଲାଯାଇ ତାଙ୍କ ଗ୍ରାମ ଯାଜପୁର ଜିଲ୍ଲା ବାଲିଆ ଗୋଲକୁଣ୍ଡା ଗ୍ରାମକୁ ନିଆଯାଇ ନିଜ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା । ତାଙ୍କ ପୁତ୍ର ମାନସ ରଞ୍ଜନ ଜେନା ମୁଖାଗ୍ନି ଦେଇଥିଲେ ।ଏହି ଖବର ଶୁଣି ବିଦ୍ୟାଳୟର ପୂର୍ବତନ ସଭାପତି ଗଣେଶ ପ୍ରସାଦ ଦାଶ ଓ ପୂର୍ବତନ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ଦାସ ଓ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ପ୍ରମୁଖ ଦୁଃଖ ପ୍ରକାଶ କରି ପରିବାରକୁ ସମବେଦନା ଜଣାଇଛନ୍ତି ।

# ସର୍ପଘାତରେ ଯୁବକ ଗୁରୁତର

ଫୁଲନଖରା (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ମହିଧରପଡା ହାଇସ୍କୁଲ ନିକଟ ନଗରୀ ପୋଲ ନିକଟରେ ରହୁଥିବା ପୂର୍ବତନ ଶିକ୍ଷକ କାହ୍ନୁ ଚରଣ ପଟ୍ଟାୟତଙ୍କର ପୁତ୍ର ନଳିନୀକାନ୍ତ ପଟ୍ଟାୟତ ରାତିରେ ରାସ୍ତାକୁ ଆସୁଥିବାବେଳେ ଏକ ବିଷଧର ସର୍ପ କାମୁଡ଼ିଦେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ନଖରା ସମ ହସ୍ପିଟାଲ ନିଆଯାଇଥିଲା ।ସେଠାରେ ସେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ।

# କଟକ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ୭ରେ

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ଆସନ୍ତା ୭ ତାରିଖ ସୋମବାର ଦିନ ଅନୁଷ୍ଠିତ ହେବ। ବାଙ୍କୀ ବ୍ଲକ ସନ୍ନିକଟ ବାତ୍ୟା ଆଶ୍ରୟ ସ୍ଥଳୀରେ ସୋମବାର ପୂର୍ବାହ୍ନ ୧୦ ଟା ଠାରୁ ଜନ ଅଭିଯୋଗ ଶୁଣାଣୀ ଶିବିର ଅପରାହ୍ନ ଏକ ଘଣ୍ଟା ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। କଟକ ଜିଲ୍ଲାପାଳ ଦତ୍ତା ତ୍ରୟ ଭାଉ ସାହେବ ସିନ୍ଦେ ଯୋଗ ଦେଇ ଅଭିଯୋଗ ପତ୍ର ଗ୍ରହଣ କରିବେ। ଜିଲ୍ଲା ର ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ। ସର୍ବସାଧାରଣ ଜାଣିବା ପାଇଁ ବାଙ୍କୀ ବ୍ଲକ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ପ୍ରସାର କରିବା କଥା । ମାତ୍ର ପ୍ରଚାର କରା ଯାଇ ନ ଥିବାରୁ ଅନେକ ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ବାଙ୍କୀ ଉପ ଖଣ୍ଡ ସୂଚନା ଓ ଲୋକସଂପର୍କ ବିଭାଗ ଜରିଆରେ ସୂଚନା ଦିଆ ଯାଇଛି ।

# ନିରତାରରେ ଜାତୀୟ କର୍ମଶାଳା



କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏସଭି ନିରତାରରେ ଦୁଇ ଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିଶୁମାନଙ୍କ ଶ୍ରବଣ ଓ ବାକ ଶକ୍ତି ଚିକିତ୍ସା ଓ ପ୍ରତିରୋପଣ ସଂକ୍ରାନ୍ତୀୟ ଏହି କର୍ମଶାଳାରେ ଭୁବନେଶ୍ୱର ଏମ୍ସ କର୍ଣ୍ଣ, ନାସା ଓ ଗଳା ବିଭାଗର ମୁଖ ଡାକ୍ତର ପ୍ରଦୀପ୍ତକୁମାର ପରିଡ଼ା, ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି, ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋରଚନ୍ଦ୍ର ମହାପାତ୍ର ଓ ଶ୍ରବଣ ଏବଂ ବାକ ଶକ୍ତି ବିଭାଗ ମୁଖ ଡାକ୍ତର ଜୟଶଙ୍କର ପଣ୍ଡା ଅତିଥିରୂପେ ଯୋଗଦେଇଥିଲେ। ଅନମାନଙ୍କ ମଧ୍ୟରେ ଅଧ୍ୟାପକ ଇନ୍ଦ୍ରନୀଲ ଚାଟାର୍ଜି, ସେନଜିତ ଗିରି, ଶୁଭଶ୍ରୀ ମିଶ୍ର, ଶଶାଙ୍କଶେଖର ମହାନ୍ତି ରାଜେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କ କକଲିୟାରୀ ପ୍ରତିରୋପଣ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଧୃତିସୁନ୍ଦର ସାହୁ କାର୍ଯକ୍ରମ ପରିଚାଳନା କରିଥିଲାବେଳେ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହି କର୍ମଶାଳାରେ ଦେଶର ବିଭିନ୍ନ ଭାଗରୁ ୧୫୦ ଜଣ ଚିକିତ୍ସକ, ଦିବାଙ୍ଗ ଶିଶୁ ଓ ସେମାନଙ୍କ ପରିବାର ସଦସ ଯୋଗଦେଇଥିଲେ। ଡାକ୍ତର ଜୟଶଙ୍କର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାପ୍ରଭୁ ପତିତପାବନଙ୍କ ରାମ ଅବତାର



ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପ ରେ ନବମ ଦିନରେ ମହାପ୍ରଭୁ ପତିତପାବନ ଶ୍ରୀରାମ ଅବତାରରେ ଭକ୍ତ ଜନଙ୍କୁ ଦର୍ଶନ ଦେଇଛନ୍ତି । ଶହ ଶହ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଳତି ଦେଖିବାକୁ ଭିଡ଼ ଜମାଇଥିଲେ । ମହାପ୍ରଭୁଙ୍କ ଶ୍ରୀରାମ ଅବତାର ହେଉଛି ନବମ ଅବତାର । ଶ୍ରୀ ଜଗନ୍ନାଥ ତତ୍ୱ ଅନୁଯାୟୀ ଆଜିର ଦିନରେ ରାଜା ବିଭିଷଣ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କୁ ଦର୍ଶନ କରିବାକୁ ଆସନ୍ତି ଏଥିମତେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀରାମ ଅବତାରରେ ବିଭିଷଣଙ୍କୁ ଦର୍ଶନ ଦିଅନ୍ତି । ଏଣୁ ନବମୀ ତିଥିରେ ମହାପ୍ରଭୁ ଶ୍ରୀରାମ ଅବତାରରେ ସମସ୍ତ ଭକ୍ତ ଗଣ ଙ୍କୁ ଦର୍ଶନ ଦେଇଥାନ୍ତି । । ଦଶପଲ୍ଲା ରେ ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀର ପ୍ରତ୍ୟେକ୍ଷ ହୋଇଥିବାରୁ ଆଡ଼ପ ମଣ୍ଡପ ରେ ମହାପ୍ରଭୁ ପତିତପାବନ ଙ୍କୁ ଶ୍ରୀ ରଘୁନାଥ (ଶ୍ରୀରାମ) ଙ୍କ ବେଶ ରେ ବହୁ ସାଜ ସଜା କରାଯାଇଥାଏ । ଏପରିକି ଆଜିର ଦିନରେ ମହାପ୍ରଭୁ ତାଙ୍କର ସମସ୍ତ ଅଳଙ୍କାର ପରିଧାନ କରିଥାନ୍ତି । ଯାହାକୁ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥାଏ ।

# ମାଙ୍କେଡା ପଥର ବୋଝେଇ ୨ ହାଇୱା ଜବତ

ବାରଙ୍ଗ ,(ସବ୍ୟୁ): ବେଆଇନ ଭାବେ ମାଙ୍କେଡା ପଥର ଚୋରା ଚାଲାଣ ହେଉଥିବା ବେଳେ ବାରଙ୍ଗ ଥାନା ପୁଲିସ ଗୁରୁବାର ରାତିରେ ୨ଟି ହାଇୱାକୁ ଜବତ କରିଛି।ଜବତ ହାଇୱା ହେଉଛି କେଏ ୦୯ – ଏବି – ୪୯୧୭,କେଏ ୦୯ – ଏଏ – ୫୮୪୪ ନମ୍ବ ର। ବାରଙ୍ଗ ଓ ଏହାର ଆଖପାଖ ଅଞ୍ଚଳରୁ ବେଆଇନ ଭାବେ ଲଘୁ ଖଣିଜଦ୍ରବ୍ୟର ଚୋରା ଚାଲାଣ ହେଉଥିବାର ସ୍ଥାନୀୟ ଲୋକମାନେ ବହୁବାର ଅଭିଯୋଗ କରି ଆସୁଥିଲେ। ଖଣିବିଭାଗ ପକ୍ଷରୁ ଠିକଭାବେ ଚଢାଉ କରାଯାଉ ନଥିବାରୁ ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ମାଫିଆମାନେ ସରକାରଙ୍କ ବିନା ଅନୁମତିରେ ମନଇଚ୍ଛା ବାଲି, ମୋରମ ଓ ମାଙ୍କେଡାପଥର ଉଠାଉଥିବାର ଦେଖିବାକୁ ମିଳିଛି। ଗୁରୁବାର ବିଳମ୍ବିତ ରାତିରେ ବାରଙ୍ଗ ଥାନା ପୁଲିସ ରାସ୍ତା ବ୍ଲକିଂ କରି କଡ଼ାକଡ଼ି ଚେକିଂ କରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ୨ଟି ମାଙ୍କେଡା ପଥର ବୋଝେଇ ହାଇୱାକୁ ଜବତ କରିଥିଲେ। ଶୁକ୍ରବାର ସକାଳେ ଜବତ ହୋଇଥିବା ହାଇୱା ୨ଟିକୁ ଖଣି ବିଭାଗକୁ ହସ୍ତାନ୍ତର କରିଥିବାର ଜଣାପଡିଛି।

# କାମରେ ଆସୁନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟଜଳ ପ୍ରକଳ୍ପ

ଫୁଲନଖରା,(ସବ୍ୟୁ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ମହୀଧରପଡା ଗୋଷ୍ଠୀସ୍ୱାସ୍ଥ କେନ୍ଦ୍ର ପରିସରରେଏକ ପଓ୍ୱନ ଚାରିଟେବୁଲ ଟ୍ରଷ୍ଟ ଅନୁଷ୍ଠାନତରଫରୁ ଲାଗିଥିବା ପିଇବା ପାନୀୟ ଜଳ ପ୍ରକଳ୍ପଟ ଅଚଳ ହୋଇପଡ଼ିଛି। ଫଳରେ ଏହାର ବେସିନଟି ପାନଛେପ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଅଳିଆ ଆବର୍ଜନାର ଡଷ୍ଟବିନ ଭାବେବ୍ୟବହୃତ ହେଉଛି। । ଅଳିଆ ଆବର୍ଜନାରେ ପରିପୂର୍ଣ ଏହି ଜାଗାଟି ରୋଗୀଙ୍କ ଆଉଡୋର ପାଖରେ ହୋଇଥିବାରୁ ଏଠୁ ରୋଗୀ ସୁସ୍ଥହେବା ବଦଳେ ରୋଗକୁ ଆମନ୍ତ୍ରଣ କରି ଘରକୁ ନେଇଯିବା ଯାହାଫଳରେ ହଇଜା, ଡାଇରିଆ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେବେ । ତୁରନ୍ତ ଏହି ପାନୀୟଜଳ ପ୍ରକଳ୍ପକୁ ଚାଲେଇବା ସହ ପରିଷ୍କାର ପରିଚ୍ଛନ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତୃପକ୍ଷ ତୁରନ୍ତ ପଦକ୍ଷେପନେବାପାଇଁ ସାଧାରଣରେ ଦାବିହେଉଛି।

# କାର୍ଯ୍ୟକ୍ଷମ ହେଉନି ନୀଳମାଧବ କ୍ଷେତ୍ରରେ ଶୌଚାଳୟ : ପର୍ଯ୍ୟଟକ ଅସନ୍ତୋଷ

କଣ୍ଟିଲୋ,(ସବ୍ୟୁ): : ନୟାଗଡ଼ ଜିଲ୍ଲା ର ପ୍ରମୁଖ ପର୍ଯଟନ ସ୍ଥଳ ନୀଳମାଧ କ୍ଷେତ୍ର କଣ୍ଟିଲୋକୁ ଦୈନିକ ପର୍ଯ୍ୟଟକଙ୍କ ସମାଗମ ହେଉଛି। ତେବେ ଏଠି ଶୌଚାଳୟ ନଥିବାରୁ ପର୍ଯ୍ୟଟକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ତେବେ ପର୍ଯ୍ୟଟକଙ୍କ ଅସୁବିଧାକୁ ଲକ୍ଷ୍ୟ କରି ଘରୋଇ ଭାବେ ଜଣେ ସ୍ଥାନୀୟ ବ୍ୟକ୍ତି ରବୀନ୍ଦ୍ର ସାହୁ ନୀଳମାଧ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତା ରେ ଏକ ଶୌଚାଳୟ ନିର୍ମାଣ କରିବା ସହିତ ସ୍ୱଳ୍ପ ମୂଲ୍ୟରେ ସେବା ଯୋଗାଉଛନ୍ତି। ପ୍ରତ୍ୟେକ ଙ୍କ ଠାରୁ ମାତ୍ର ୧୦, ୨୦ ଟଙ୍କା ରେ ଶୌଚାଳୟ ସେବା ଯୋଗାଉଥିବା କହିଛନ୍ତି। କେବଳ ପାଣି, ବିଜୁଳି ଖର୍ଚ୍ଚ ପରେ ଯାହା ଆୟ ହେଲେ ଚଳିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନୀଳମାଧ ମନ୍ଦିର ବିକାଶ ପ୍ରକଳ୍ପରେ ସିଂହ ଦ୍ୱାର ରାସ୍ତା ପାର୍କିଂଠାରେ ଏକ ଶୌଚାଳୟ ନିର୍ମାଣ କରିବା ସହିତ ପୂର୍ବରୁ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ଥିବା ଶୌଚାଳୟର ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। ଓବିସିସି ପକ୍ଷରୁ ବଂଶଲ ଇମଫ୍ରା ଜରିଆରେ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ଖୋଲିନାହିଁ। ଶୌଚାଳୟ ଦ୍ୱୟ କାର୍ଯ୍ୟକ୍ଷମ ହେଉନଥିବାରୁ ଆସୁଥିବା ପର୍ଯ୍ୟଟକ ସ୍ନାନ, ଶୌଚ ପାଇଁ ହଇରାଣ ହେଉଛନ୍ତି। ସେମାନେ ବିପଦ ପୂର୍ଣ୍ଣ ମହାନଦୀ ଘାଟ କିମ୍ବା ନିକଟସ୍ଥ ଘରୋଇ ଲଜମାନଙ୍କୁ ବ୍ୟବହାର କରୁଥିବା ଦେଖାଯାଉଛି। ବର୍ଷ ପରେ ବର୍ଷ ବିତିବା ସହ ୩ବର୍ଷ ବିତିଯାଇଥିଲେ ମଧ ଶୌଚାଳୟ କାର୍ଯକ୍ଷମ ହୋଇନଥିବାରୁ ବର୍ଷା ଦିନେ ପର୍ଯ୍ୟଟକ ହନ୍ତସନ୍ତ ହେବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି।

# ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ



ଗୋପ,(ସବ୍ୟୁ): ଶୁକ୍ରବାର ଗୋପ ବ୍ଲକ ଅନ୍ତର୍ଗତ ବେଗୁନିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୬ ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ନେହଲତା ପରିଡା ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶବିତ ତଥା ପ୍ରଧାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଉତ୍ସର୍ଗ ପରିବାରର ସଂପାଦକ ବିଷ୍ଣୁ ମୋହନ ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ମମତା ମହାନ୍ତି, ସସ୍ମିତା ରାଉତରାୟ,ମାନସୀ ସାହୁ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ଆମର ଧରିତ୍ରୀ ମା ପରି ହୋଇ ଥିବାରୁ ବୃକ୍ଷ ଲଗାଇ ଦାୟିତ୍ୱ ନେବା ଦରକାର ବୋଲି କହିଥିଲେ। ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ର ବୃକ୍ଷ ରୋପଣ କରା ଯାଇଥିଲା। ଏପରି ଏକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ଶିକ୍ଷୟିତ୍ରୀ ଗାୟତ୍ରୀ ଦାସ,ଦିପ୍ତୀ ରଞ୍ଜନ ପ୍ରଧାନ,ଜଗନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଦୀପ ମହାରଥିଙ୍କ ଜୟନ୍ତୀରେ ବିଜେଡ଼ି କର୍ମୀ ସମ୍ମିଳନୀ

ପିପିଲି,(ସବ୍ୟୁ): ପିପିଲି ନିର୍ବାଚନ ମଣ୍ଡଳୀର ୭ଥରର ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥିଙ୍କ ଜୟନ୍ତୀ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । । ଏହି ଅବସରରେ ପିପିଲିସ୍ଥିତ ବିଜୁ ଜନତା ଦଳ (ବିଜେଡ଼ି) କାର୍ଯ୍ୟାଳୟଠାରେ ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପିପିଲି ବ୍ଲକ ବିଜେଡି ସଭାପତି ତଥା ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ ସଭାପତିତ୍ୱ କରିଥିଲେ । ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିବଙ୍ଗତ ନେତା ସ୍ୱର୍ଗତ ମହାରଥୀଙ୍କ ରାଜନୀତି ଜୀବନର କାର୍ଯ୍ୟ ଦକ୍ଷତା ଓ ସୁସଂଗଠନକୁ ପ୍ରଶଂସା କରିଥିଲେ। ସେହିପରି ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥି ଯୋଗଦେଇ କହିଥିଲେ ବିଜେପି ସରକାର ମିଛ କହି ସରକାରକୁ ଆସିଛି । ସେ ଦେଇଥିବା ପ୍ରତିଶୃତୀ ଗୋଟେ ବି ପାଳନ କରି ନାହାଁ। ପୁର୍ବ ବିଜେଡି ସରକାରଙ୍କ ଯୋଜନାକୁ ନିଜ ନାମରେ କରି ବାହାବ ନେବାକୁ ବସିଲେ ସୁଧା ଏକଥାକୁ ସମସ୍ତ ଜନସାଧାରଣ ଜାଣି ପାରୁଛନ୍ତି । ଅଂଚଳରେ ବିକାଶ ପୁରା ଠପ ହୋଇଛି । ସ୍ୱାସ୍ଥ୍ୟ,ଗମନାଗମନ,ପାନୀୟ ଜଳ ଯୋଗାଣରେ ଏସରକାର ପୁରା ବିଫଳ । ନାରୀ ନିର୍ଯାତନା,ଶିଶୁ ହତ୍ୟ,ନାବାଳିକା ଦୁଷ୍କର୍ମ ଦିନକୁ ଦିନ ବଢି ଚାଲିଛି ।

# ଶିକ୍ଷୟତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ପାଣ୍ଡିଆକେରା ପଞ୍ଚାୟତ ନାନକେରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସତ୍ୟଭାମା ସୁନ୍ଦରାୟଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦାୟୀ ଶିକ୍ଷୟତ୍ରୀଙ୍କୁ ପ୍ରଥମେ ଗ୍ରାମ ପରିକ୍ରମା କରିବା ସମୟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ଶିକ୍ଷକ ନେତା ପ୍ରହଲ୍ଲାଦ ମାନସିଂହ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ମିନକେତନ ସାମନ୍ତରାୟ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ କାର୍ତ୍ତିକ ବେହେରା,ସମ୍ମାନୀତ ଅତିଥି ଭାବେ ଡଃ ପ୍ରଦୀପ ହରିଚନ୍ଦନ,ସରପଞ୍ଚ ହରପ୍ରିୟା ବଳିୟାରସିଂହ,ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ନିରଞ୍ଜନ ପାତ୍ର,ସୂର୍ଯ୍ୟନାରାୟଣ ନାୟକ, କୃଷ୍ଣଚନ୍ଦ୍ର ଉପାଧ୍ୟାୟ,ଶିକ୍ଷକ ନେତା ପ୍ରତାପ କେଶରୀ ଛୋଟରାୟ ଓ ବିନୋଦ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।ଶିକ୍ଷକ ସୁଶାନ୍ତ କୁମାର ନରେନ୍ଦ୍ର ଓ ଅଜୟ ବଳିଆରସିଂହ ମଞ୍ଚ ପରିଚାଳନା କରିଥିଲେ ।ଏହି ଅବସରରେ ଶିକ୍ଷା ସରସୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା ।

# କାଳିପୋଇ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଜଣେ ଗିରଫ

ବୈଦେଶ୍ୱର,(ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ କାଳୀପୋଇ ପଞ୍ଚାୟତରେ ରାଜନୈତିକ ଗଣ୍ଡଗୋଳ। ସ୍ଥାନୀୟ ସରପଞ୍ଚଙ୍କୁ ବାଟ ରେ ଛକି ମରଣାନ୍ତକ ଆକ୍ରମଣ ଘଟିଥିଲା। ସେହି ଦିନ ଠାରୁ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେହି ଅଭିଯୁକ୍ତ ମାନଙ୍କ ମଧ୍ୟରୁ କାଳିପୋଇ ପଞ୍ଚାୟତର ଚଢ଼େଇବନ୍ଧ ଗ୍ରାମର ପୂର୍ବତନ ବିଜେଡି ସମର୍ଥିତ ସମିତି ସଭ୍ୟ ଜ୍ଞାନ ରଞ୍ଜନ ସାମନ୍ତରାୟଙ୍କୁ ସ୍ପେଶିଆଲ ସ୍କ୍ୱାର୍ଡ ଦ୍ୱାରା ଗିରଫ କରା ଯାଇଛି। ତାଙ୍କୁ ଶୁକ୍ରବାର ଦିନ ଅଦାଲତ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନା। ସୂଚନା ଅନୁଯାୟୀ ବାଙ୍କୀ ବ୍ଲକ ଅନ୍ତର୍ଗତ କାଳୀପୋଇ ସରପଞ୍ଚ ସୁବ୍ରତ କୁମାର ବେହେରା ଗତ ମାସ ୧୯ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ରୁ ନିଜ ଗ୍ରାମ କରଡାପଲ୍ଲୀ ଗ୍ରାମ କୁ ନିଜ ବୋଲେରୋ ଗାଡି ରେ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଦୁର୍ବୃତ୍ତ ମାନେ ଅଟକାଇ ନିର୍ମମ ଭାବେ ମାଡ କରି ତଳେ ପକାଇ ଫେରାର ହୋଇ ଯାଇଥିଲେ।

# ସତ୍ୟବ୍ରତଙ୍କୁ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ଦାୟୀତ୍ୱ



ନୟାଗଡ଼,(ସବ୍ୟୁ): ସତ୍ୟବ୍ରତ ନାୟକଙ୍କୁ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ଅନ୍ତରୀଣ ସଭାପତି ଦାୟୀତ୍ୱ ପ୍ରଦାନ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିଷ୍ପତିକ୍ରମେ ପିସିସି କାର୍ଯ୍ୟାଳୟ ପକ୍ଷରୁ ଏନେଇ ଘୋଷଣା ପତ୍ରଜାରି ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ଦାୟୀତ୍ୱକୁସତ୍ୟବ୍ରତ ସ୍ୱାଗତ କରିଦଳୀୟ ନେତା ଓ କର୍ମୀଙ୍କ ନିକଟରେ କୃତଜ୍ଞତା ଅର୍ପଣ କରିଛନ୍ତି। ସତ୍ୟବ୍ରତ ଜିଲ୍ଲା କଂଗ୍ରେସ ସଂଯୋଜକ ଦାୟୀତ୍ୱରେ ଥିଲେ। ପୂର୍ବରୁ ପିସିସି ସାଧାରଣ ସଂପାଦକ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସାଂଗଠନିକ ସଂପାଦକ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସଂପଦକ ଭଳି ଅନେକ ପଦ ପଦବୀରେ ସତ୍ୟବ୍ରତ କାମ କରିଛନ୍ତି ଦୀର୍ଘ ୨୫ ବର୍ଷରୁ ଅଧିକ ସମୟ ଧରି ରାଜ୍ୟ ତଥା ଜାତୀୟସ୍ତରରେ ଦଳୀୟ ସାଂଗଠନିକ ପଦବୀରେ କାମ କରିବାର ଅଭିଜ୍ଞତା ସତ୍ୟବ୍ରତଙ୍କ ପାଖରେ ରହିଛି। ସତ୍ୟବ୍ରତଙ୍କୁ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ନିଯୁକ୍ତିକୁ ଦଳୀୟ କର୍ମୀ ଓ ନେତା ସ୍ୱାଗତ କରିଛନ୍ତି।ଦଳୀୟ ନେତୃତ୍ୱଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖି ଆଗାମୀ ଦିନରେ ସାଂଗଠିକ ଶକ୍ତି ମଜବୁତ କରିବା ତାଙ୍କର ମୂଳ ଲକ୍ଷ୍ୟ ହେବ ବୋଲି ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟବ୍ରତ ନାୟକ ପ୍ରକାଶ କରିଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୧୭/୦୯)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )

**କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ**
**ଆହାରା ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ॥୯॥**

ଅତିକଟୁଃ ନିମ୍ବାଦିଃ, ଅତ୍ୟମ୍ଳଃ, ଅତିଲବଣଃ, ଅତିଷ୍ଣଃ (ମରିଚାଦିଃ) ଅତିରୁକ୍ଷ (କଙ୍ଗୁକୋଦ୍ରବାଦିଃ), ଅତିବିଦାହୀ(ସର୍ପଷାଦି)ଃଏ (ଏତେ) ଦୁଃଖଶୋକାମୟପ୍ରଦାଃ (ସଦ୍ୟଃଦୁଃଖପ୍ରଦାଃ ପଶ୍ଚାତ୍ ଚ ଶୋକରୋଗପ୍ରଦାଃ) ଆହାରଃ ରାଜସସ୍ୟ ଇଷ୍ଟାଃ (ପ୍ରିୟାଃ) ଭବନ୍ତି ॥୯॥

# ନବଦିନାତ୍ମକ ରଥଯାତ୍ରା ଶେଷ

**ସମ୍ପାଦକୀୟ**

ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଆରମ୍ଭ ହୋଇଥିବା ନବାଦିନାତ୍ମକ ରଥଯାତ୍ରାର ଆଜି ଶେଷ ଦିବସ । ପବିତ୍ର ବାହୁଡ଼ା ଯାତ୍ରା । ଶ୍ରୀଜଗନ୍ନାଥ ହେଉଛନ୍ତି ଅଦ୍ଭୁତ ଓ ରହସ୍ୟମୟ ଠାକୁର । ଶ୍ରୀଜଗନ୍ନାଥ, ଜ୍ୟୋଷ୍ଠଭ୍ରାତା ଶ୍ରୀବଳଭଦ୍ର ଓ ଭଗିନୀ ଶ୍ରୀସୁଭଦ୍ରାଙ୍କୁ ସାଙ୍ଗରେ ଧରି ତିନି ଭିନ୍ନ ରଥରେ ଯେଉଁ ଯାତ୍ରା ଶ୍ରୀକ୍ଷେତ୍ରର ବଡଦାଣ୍ଡରେ କରିଥାନ୍ତି, ତାହା ବିଶ୍ୱବିଖ୍ୟାତ ରଥଯାତ୍ରା ଭାବେ ପ୍ରସିଦ୍ଧ । ମାତ୍ର ରଥଯାତ୍ରାର ଆକର୍ଷଣ ଅନ୍ୟ କୌଣସି ଧର୍ମର ଉତ୍ସବମାନଙ୍କରେ ନ ଥାଏ । ହିନ୍ଦୁଧର୍ମ ହେଉ ବା ଅନ୍ୟଧର୍ମର ଲୋକଙ୍କ ମଧ୍ୟରେ ହେଉ ଶ୍ରୀଜିଉମାନଙ୍କର ରଥଯାତ୍ରା ସମେତ ଶ୍ରୀଜିଉମାନଙ୍କୁ ଦେଖିବାରେ ଯେଉଁ ଆନନ୍ଦ ଥାଏ, ତାହା ଅନ୍ୟ କୌଣସି ଧର୍ମରେ, ଦେବାଦେବୀଙ୍କ ଦର୍ଶନ କଲେ ପରିଲକ୍ଷିତ ହୁଏ ନାହିଁ ।

ରଥଯାତ୍ରା ଦିନ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସନ୍ଧ୍ୟା ପରେ ଆଗକୁ ଗଡ଼ିଲା ନାହିଁ । ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ରାତିଯାକ ଦର୍ଶନ କରି ଲୋକେ ଆଶ୍ୱସ୍ତ ହେଲେ ସତ, ମାତ୍ର କିଛି ଅଘଟଣ ଘଟିଥିବାରୁ ଶ୍ରୀଜଗନ୍ନାଥଙ୍କ ରଥ ସେ ଦିନ ଗଡ଼ିଲା ନାହିଁ । ଏଥର ଶ୍ରୀମନ୍ଦିରର କମିଟି ମଧ୍ୟ ଗଡ଼ା ହୋଇନାହିଁ । କିନ୍ତୁ ତହିଁ ପରଦିନ ଭୋରରୁ ପୁଣି ଅଘଟଣ ଘଟିଲା । ଦଳାଚକଟାରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ତିନି ଜଣ ପ୍ରାଣ ହରାଇଥିଲାବେଳେ ଆହୁରି ଅନେକ ଆହତ ହେଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଝିରେ ପୁଣି ଆସି ରଥଯାତ୍ରାକୁ ଶୃଙ୍ଖଳିତ କରିବା ସକାଶେ ନିବେଦନ କରି ଫେରି ଆସିଲେ ଭୁବନେଶ୍ୱର । ଜଣେ ଓ.ଏ.ଏସ୍. ଅଫିସରଙ୍କୁ ମାଡ଼ ଦିଆଯିବା ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବାରୁ ତାହା ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଓଡ଼ିଶା ସିଭିଲ ସର୍ଭିସ (ଓ.ଏ.ଏସ୍) ଅଫିସର ସଂଘ ମଧ୍ୟ ଏକାଠି ହୋଇ କାମ ବନ୍ଦ ଆନ୍ଦୋଳନ କରିଦେଲେ । ଉତ୍ତର ଓଡ଼ିଶାରେ ବନ୍ୟା, ଦୈନନ୍ଦିନ ରାଜସ୍ୱ ବିଭାଗୀୟ କାର୍ଯ୍ୟ ଓ ଶ୍ରୀକ୍ଷେତ୍ରରେ ରଥଯାତ୍ରା କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଲା । ରାଜସ୍ୱ ଅଫିସର ସଂଘ ମଧ୍ୟ ଓ.ଏ.ଏସ୍ ସଂଘର ଅଫିସରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ କରି କାର୍ଯ୍ୟବନ୍ଦ କଲେ । କ'ଣ କରାଯିବ ? ଅନେକ ଓ.ଏ.ଏସ୍ ଅଫିସର ରାଜ୍ୟର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଥାଆନ୍ତି । ଅନେକ ଆଇ.ଏ.ଏସ୍ ଓ ଆଇ.ପି.ଏସ୍ ଅଫିସର ମଧ୍ୟ ସହଜରେ ସରକାରୀ କାର୍ଯ୍ୟ କରିବାକୁ ଓ.ଏ.ଏସ୍ ଅଫିସରଙ୍କ ଉପରେ ନିର୍ଭର କରିଥା'ନ୍ତି । ପୁଣି ଅନେକ ଓ.ଏ.ଏସ୍ ଅଫିସର ପଦୋନ୍ନତି ପାଇ ଆଇ.ଏ.ଏସ୍ ଅଫିସର ହୋଇଥା'ନ୍ତି । ଓ.ଏ.ଏସ୍ ଅଧିକାରୀ ଶ୍ରୀ ରତ୍ନାକର ସାହୁ ମାଡ଼ ଖାଇବା ପରେ ଓ.ଏ.ଏସ୍ ସଂଘ, ମୁଖ୍ୟ ଷଡଯନ୍ତ୍ରକାରୀ ଶ୍ରୀ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଅଟଳ ରହିଲେ । ଶେଷରେ ଜଗନ୍ନାଥ ଗିରଫ ହୋଇ ବେଲ୍ ପାଇଲେନି, ଜେଲ୍‌ରେ ରହିଲେ । ଓ.ଏ.ଏସ୍ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଗଲା । ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନେ ମଧ୍ୟ ସେୟା କଲେ ।

ରଥଯାତ୍ରା ମଧ୍ୟରେ ଏପରି ସବୁ ବିଭ୍ରାଟ ଘଟିଗଲା । ଏଥିପାଇଁ ଦାୟୀ ପ୍ରକୃତରେ କିଏ ? ସରକାରଙ୍କ ଉପରେ ଆମେ ଦୋଷ ଦେଇ ଖସିଯିବା କି ? ଅନୁଶୀଳନ କଲେ ଜଣାଯାଏ ଯେ ଏଥିପାଇଁ ଦାୟୀ ଆମେ ସମସ୍ତେ । ନିଜର ସ୍ୱାର୍ଥରକ୍ଷା ଲାଗି ଆମେ ସବୁ ମୁହୂର୍ତ୍ତରେ ଉଦ୍ୟମ ଜାରି ରଖି ଆସିଛୁଁ । ଏଥିପାଇଁ ସରକାର ବା ଅନ୍ୟମାନଙ୍କୁ ଦୋଷ ଦେଇ ଲାଭ ନାହିଁ । ଆମ ଓଡ଼ିଆମାନଙ୍କ ମଧ୍ୟରେ ଏକତା ନାହିଁ କି ଶୃଙ୍ଖଳା ନାହିଁ ।

ଏବର ରାଜ୍ୟ ସରକାର ମଧ୍ୟ ସଚେତନ ହୋଇ ବିଭିନ୍ନ ତ୍ରୁଟିବିଚ୍ୟୁତିକୁ ସଜାଡ଼ିବା ପାଇଁ ପଦକ୍ଷେପ ନେବା ଉଚିତ । ବିଗତ ସରକାର ଗତ ୨୦୧୯ରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆରମ୍ଭ କରି ୨୦୧୪ ମଧ୍ୟରେ ଶେଷ କରିବାକୁ ଉଦ୍ୟମ କରିଥିଲେ । ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବାକୁ ଇଚ୍ଛା କରିଥିଲେ, ତାହା ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ । ସମ୍ଭବତଃ ବଡଦାଣ୍ଡର ସମାନ୍ତରାଳ ପ୍ରକଳ୍ପ ଏକ ରାସ୍ତା 'ଶ୍ରୀଦାଣ୍ଡ' ନିର୍ମାଣ ହୋଇପାରିଲା ନାହିଁ । ଅକ୍ଟୋବର ୧୯ ତାରିଖରେ ରାଜ୍ୟ ମନ୍ତ୍ରିମଣ୍ଡଳର ବୈଠକରେ 'ଶ୍ରୀମନ୍ଦିର ପ୍ରକଳ୍ପ'ରେ ମୋହର ଲାଗିଥିଲା, ୨୦୨୪ ଜାନୁଆରୀ ୧୭ ତାରିଖରେ ଏହି ପ୍ରକଳ୍ପର ଲୋକାର୍ପଣ ହେବା ଲାଗି, ପୁରୀ ସହର ଚଳଚଞ୍ଚଳ ହୋଇ ଉଠୁଥିଲା । ମାତ୍ର ହେଲା କ'ଣ ? ୨୦୨୪ ସାଧାରଣ ନିର୍ବାଚନରେ ବିଗତ ସରକାର ଆଉ ସରକାର ଗଢ଼ିପାରିଲେ ନାହିଁ । ଗତ ୨୦୨୪ ଜୁନ୍ ୧୨ରେ ଯେଉଁ ନୂତନ ବିଜେପି ସରକାର କ୍ଷମତାସୀନ ହେଲେ, ସେ ଦିନ ସନ୍ଧ୍ୟାରେ ରାଜ୍ୟମନ୍ତ୍ରିମଣ୍ଡଳ ବୈଠକରେ ପ୍ରଥମ ନିଷ୍ପତ୍ତି ହୋଇଥିଲା ଯେ ଶ୍ରୀମନ୍ଦିରର ଚାରିଟିଯାକ ଦ୍ୱାରା ଫିଟାଯିବ ଆଉ ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ସୃଷ୍ଟି କରାଯିବ । ଶ୍ରୀଜଗନ୍ନାଥ ବାହୁଡି ଶ୍ରୀମନ୍ଦିରକୁ ଫେରିବା ପରେ ଆମ ସମସ୍ତଙ୍କୁ ସଦବୁଦ୍ଧି ଦିଅନ୍ତୁ ଓ ଆଶୀର୍ବାଦ କରନ୍ତୁ ।

## ନିର୍ମଳ ହୃଦୟ

**ଯେତେବେଳ ପର୍ଯ୍ୟନ୍ତ ହୃଦୟରେ ନିର୍ମଳ ଶୁଭ୍ର ଗଙ୍ଗା ପ୍ଲାବିତ ହେଉଥିବ, ସେତେବେଳ ପର୍ଯ୍ୟନ୍ତ ପାପ ତ ଦୂରର କଥା ପାପର ଛାଇ ବି ସ୍ପର୍ଶ କରିପାରିବ ନାହିଁ ।**

*ସଂଗ୍ରାହକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅଖିଳବ୍ରହ୍ମାଣ୍ଡନାଥଙ୍କ ଦକ୍ଷିଣାଭିମୁଖୀ ଯାତ୍ରା



**ଡକ୍ଟର ଭାସ୍କର ମିଶ୍ର**



ବ୍ରହ୍ମପୁରାଣର ବର୍ଣ୍ଣନା ପ୍ରକାରେ ମୁନିବୃନ୍ଦ ଏହି ଯାତ୍ରା କାହା ଦ୍ୱାରା ପ୍ରବର୍ତ୍ତିତ ହେଲା ବୋଲି ବ୍ରହ୍ମାଙ୍କୁ ପଚାରିବାରେ ସେ କହିଥିଲେ ଯେ, ପୂର୍ବେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ ଯେ ମୋର ପୁଷ୍କରିଣୀ (ଇନ୍ଦ୍ରଦ୍ୟୁମ୍ନ ସରୋବର) ତୀରରେ ଆପଣ ଯାତ୍ରା ବିଧାନ କରନ୍ତୁ । ତାହାର ନାମ ଗୁଣ୍ଡିଚା ହେଉ ଓ ତାହା ଭୁକ୍ତିମୁକ୍ତି ଫଳପ୍ରଦ ହେଉ । ଏହି ପ୍ରାର୍ଥନାର ଉତ୍ତରରେ ଭଗବାନ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ପ୍ରକାଶ କରିଥିଲେ ଯେ ତୁମ୍ଭ ସରୋବର ତୀରରେ ମୋର ଗୁଣ୍ଡିଚା ନାମକ ସପ୍ତାହବ୍ୟାପୀ ଯାତ୍ରା ହେବ ଓ ତାହା ସର୍ବକାମ ଫଳପ୍ରଦ ହେବ । ମୁଁ ସେହି ମଣ୍ଡପରେ ଅବସ୍ଥାନ କରୁଥିବାବେଳେ ଯେଉଁମାନେ ମୋତେ, ସଙ୍କର୍ଷଣଙ୍କୁ ଓ ସୁଭଦ୍ରାଙ୍କୁ ଶ୍ରଦ୍ଧା ଓ ବିଧି ସହକାରେ ଅର୍ଚ୍ଚନା କରିବେ, ସେମାନଙ୍କର କୌଣସି ଅଭୀଷ୍ଟ ଫଳ ଦୁର୍ଲଭ ହେବ ନାହିଁ । 'ନୀଳାଦ୍ରି ମହୋଦୟ' ଶାସ୍ତ୍ରାନୁଯାୟୀ ଚତୁର୍ଦ୍ଧାବିଗ୍ରହଙ୍କୁ ରଥରେ ଆରୋହଣ କରାଇ ମହୋତ୍ସବ ଆଡମ୍ବର ସହକାରେ ମହାବେଦୀକୁ ନେଇ, ସେଠାରେ ସାତଦିନ ପର୍ଯ୍ୟନ୍ତ ଅବସ୍ଥାନ କରାଇ, ବିଧି ପୂର୍ବକ ପୂଜାର୍ଚ୍ଚନା କରି, ପୁନଶ୍ଚ ସେହି ଦିବ୍ୟ ରଥରେ ବସାଇ ପ୍ରତ୍ୟାବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଶ୍ରୀବିଗ୍ରହମାନେ ରଥାରୂଢ଼ ପୂର୍ବକ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ା ବିଜେ କରିଥାନ୍ତି । ସ୍କନ୍ଦପୁରାଣର ୩୫ ଅଧ୍ୟାୟରେ କୁହାଯାଇଛି ଯେ, ଶ୍ରୀଗୁଣ୍ଡିଚା ଯାତ୍ରାର ନବମ ଦିବସରେ ଦେବତାମାନଙ୍କୁ ରଥରେ ଅଧିଷ୍ଠିତ କରାଇବେ । ଉକ୍ତ ଦିନ ପ୍ରାତଃ କାଳ ଅତ୍ୟନ୍ତ ସମୃଦ୍ଧିବାନ୍ ଅଟେ । ସେଦିନ ବିଷ୍ଣୁଙ୍କର ପାଳିତ ହେଉଥିବା ଦକ୍ଷିଣାଭିମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲ୍ଲଭ । ପ୍ରଭୁମାନେ ଉତ୍ତରାଭିମୁଖୀ ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖୀ ହୋଇ ଯାତ୍ରା କରୁଥିବାବେଳେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ । ସାଧାରଣତଃ ବାହୁଡ଼ା ଯାତ୍ରା ସମୟରେ ଚତୁର୍ଦ୍ଧା ବିଗ୍ରହ ବାହୁଡ଼ା ଦଶମୀ, ଏକାଦଶୀ, ଦ୍ୱାଦଶୀ ଏହି ତିନି ଦିନ ଦକ୍ଷିଣାଭିମୁଖ ହୋଇ ରହୁଥିବାରୁ ତାଙ୍କୁ ନୃସିଂହ ତଥା ଯଜ୍ଞ ନାରାୟଣ ରୂପରେ ବନ୍ଦନା କରାଯାଏ । କଥିତ ଅଛି ଯେ ଏହି ସମୟରେ ସ୍ୱୟଂ ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥ ଲଙ୍କାର ଅଧୀଶ୍ୱର ବିଭୀଷଣଙ୍କୁ ଦର୍ଶନ ଦେଇ ତାଙ୍କୁ କୃତାର୍ଥ କରିଥାନ୍ତି ।

ସାଧାରଣତଃ ରଥ ମହୋତ୍ସବର ତୃତୀୟ ଅଙ୍ଗ ହେଉଛି ବାହୁଡ଼ାଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରା । ଏହି ଯାତ୍ରାର ଅୟଆରମ୍ଭ ଘଟିଥାଏ ନବମୀ ତିଥିରେ । ରାତ୍ର ସମୟରେ ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ ଓ ପହୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପାଳିଆ ପୁଷ୍ପାଳକ ସେବକମାନେ ଗୁଣ୍ଡିଚା ମନ୍ଦିର ଗର୍ଭଗୃହରୁ ବାହାରି ଆସିଥାନ୍ତି । ଏହାପରେ ଦଇତାପତିମାନେ ଠାକୁରମାନଙ୍କ ଅନ୍ୟାନ୍ୟ ଗୁପ୍ତ ସେବା ସମ୍ପାଦନ କରିବା ସମେତ କୋଠ ସୁଆଁସିଆ ସେବକମାନେ ଗୋଷ୍ଠୀଗତ ଭାବେ ସିଂହାସନକୁ ଲଗାଇ ଚାରମାଳ ବାନ୍ଧିଥାନ୍ତି । ବାହୁଡ଼ା ଯାତ୍ରା ଦିନ ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ଅବକାଶ ପରେ ଗୋପାଳବଲ୍ଲଭ ଓ ସକାଳଧୂପ (ଖେଚେଡ଼ି ଭୋଗ) ପୂଜାପଣ୍ଡା ସେବକଙ୍କ ଦ୍ୱାରା ଷୋଡ଼ଶ ଉପଚାର ବିଧିରେ ସମ୍ପନ୍ନ ହୋଇଥାଏ । ଏହାପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି (ଗୁପ୍ତନୀତି) କରିଥାନ୍ତି । ଉକ୍ତ କାର୍ଯ୍ୟ ଶେଷ ପରେ ମୁଦିରସ୍ତ, ପତିମହାପାତ୍ର ଓ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ତିନି ବାଡରେ ଠାକୁରମାନଙ୍କ ମଙ୍ଗଳାର୍ପଣ ହୋଇଥାଏ । ତତ୍ପରେ ମୁଦିରସ୍ତ ଡୋରଲାଗି ଓ ପୁଷ୍ପାଳି ନୀତି ସମାପନ କରିବା ପରେ ବିଜେ କାହାଳୀ ବାଜେ ଓ ଠାକୁରମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥାଏ । ଶ୍ରୀବିଗ୍ରହମାନେ ନାଟମଣ୍ଡପର ଦକ୍ଷିଣପାର୍ଶ୍ୱ ଦ୍ୱାର ବାହାର ପାର୍ଶ୍ୱରେ ଅର୍ଥାତ୍ ଭିତର ବେଢ଼ାରେ ପହଞ୍ଚିବା ପରେ ଟାହିଆ ଓ ଚୂଳ ଶ୍ରୀମସ୍ତକରେ ଲାଗି କରାଯିବା ସହିତ ପତିମହାପାତ୍ର ଧଣ୍ଡି ପ୍ରସାଦ (ଚନ୍ଦନ) ଲାଗି, ବନ୍ଦାପନା, କର୍ପୂର ଆଳତି, ସାତବତୀ, ସକାଳୀ ଓ ଘସା ଜଳ, ବିଡ଼ିଆ ମଣୋହି ଇତ୍ୟାଦି କରିଥାନ୍ତି । ଏହି ନୀତି ପରେ ଠାକୁରମାନେ ସ୍ୱ ସ୍ୱ ରଥକୁ ବିଜେ କରିଥାନ୍ତି । ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି ସମାପ୍ତ ପରେ ରଥ ଉପରେ ଦଇତାପତିମାନେ ଠାକୁରମାନଙ୍କ ରୁନ୍ଧା କାର୍ଯ୍ୟ ବଢ଼ାଇଥାନ୍ତି । ଏହି ସମୟରେ ଘଣ୍ଟ, କାହାଳୀ ସହ ଶ୍ରୀମଦନମୋହନ, ରାମ, କୃଷ୍ଣ ଯଥାକ୍ରମେ ନନ୍ଦିଘୋଷ ଓ ତାଳଧ୍ୱଜ ରଥକୁ ବିଜେ ହୋଇଥାନ୍ତି । ବିଗ୍ରହମାନଙ୍କ ରଥାରୂଢ଼ ପରେ ପାଟବସ୍ତ୍ର, ପୁଷ୍ପାଳକଙ୍କାର, ତୁଳସୀ ନିର୍ମିତ ଚୂଳ, କୂର୍ପର ଲାଗି ଓ ସ୍ୱର୍ଣ୍ଣ ନିର୍ମିତ ନଳିଭୁଜ ଲାଗି ହୁଏ । ବେଶ ବଢ଼ିବା ପରେ ବାହୁଡ଼ା ଯାତ୍ରାର ଅନ୍ୟତମ ଆକର୍ଷଣ ପୁରୀ ଗଜପତିଙ୍କ ଦ୍ୱାରା ଛେରାପହଁରା ଓ ରାଜନୀତି ହୋଇଥାଏ । ତତ୍ପରେ ରଥମାନଙ୍କରୁ ଚାରମାଳ ଖୋଲାଯାଇ ରୂପକାର ସେବକମାନେ ରଥରେ ଅଶ୍ୱମାନ ଯୋଚିଥାନ୍ତି । ସେହିପରି ଭୋଇ ଓ ମହାରଣା ସେବକମାନେ ରଥରେ ଦଉଡ଼ି ଲଗାଇବା ପରେ ବିଜେ କାହାଳୀ ଓ ଘଣ୍ଟ ବାଦନ ପୂର୍ବକ ରଥଟଣା ହୋଇଥାଏ । ରଥଟଣା ସମୟରେ ବଳଗଣ୍ଡିଛକ ସ୍ଥିତ ମା'ଅର୍ଦ୍ଧାଶନୀ ମନ୍ଦିର ସମ୍ମୁଖରେ ତିନି ରଥର ଠାକୁରମାନଙ୍କ ଉଦ୍ଦେଶ୍ୟରେ ତିନି ହାଣ୍ଡି ପୋଡ଼ପିଠା (ଛେନା, ଅଟା, ଭଲଘିଅ, ଅଳେଇଚ, ନବାତରେ ପ୍ରସ୍ତୁତ) ଭୋଗକୁ ପୂଜାପଣ୍ଡା ସେବକ ତଳେ ରହି ସର୍ପା ମଣୋହି କରିଥାନ୍ତି । ଏହାପରେ ତାଳଧ୍ୱଜ ଓ ଦର୍ପଦଳନ ରଥ ସିଂହଦ୍ୱାରରେ ଲାଗିବା ପରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିଥାଏ । ପରମ୍ପରା ଅନୁଯାୟୀ ମା'ଲକ୍ଷ୍ମୀ(ଚଳନ୍ତି ପ୍ରତିମା ଶ୍ରୀଦେବୀ) ପାଲିଙ୍କିରେ ରଥ ସମ୍ମୁଖକୁ ବିଜେ କରିଥାନ୍ତି । ପାଲିଙ୍କି ସିଂହଦ୍ୱାର ଠାରେ ପହଞ୍ଚିବା ପୂର୍ବରୁ ତାଳଧ୍ୱଜ ରଥକୁ ଘେର ବସ୍ତ୍ର ଦ୍ୱାରା ବଳଭଦ୍ର ଦେବଙ୍କ ସମ୍ମୁଖ ଭାଗକୁ କିଛି କ୍ଷଣ ଆବୃତ କରାଯାଇଥାଏ । ଶ୍ରୀନଅର ସମ୍ମୁଖରେ ସ୍ୱୟଂ ଗଜପତି ମହାରାଜା ତାଙ୍କର ପାରମ୍ପରିକ ରାଜବେଶରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଦୁଇ ହସ୍ତରେ ଧରି ରଥ ସମ୍ମୁଖରେ ପରିକ୍ରମା ପୂର୍ବକ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ମୁଖରେ କିଛି ସମୟ ଠାକୁରାଣୀଙ୍କୁ ଧରି ଭେଟ ନୀତି କରାଇଥାନ୍ତି । ଏହି ସମୟରେ ଦହିପଟି ମଣୋହି, ବନ୍ଦାପନା ଇତ୍ୟାଦି ନୀତି ଅନୁଷ୍ଠିତ ହୁଏ । ଏହା 'ଲକ୍ଷ୍ମୀନାରାୟଣ ଭେଟ' ନାମରେ ଅଭିହିତ ଅଟେ । ତତ୍ପରେ ନନ୍ଦିଘୋଷ ରଥକୁ ଟଣାଯାଇ ଶ୍ରୀମନ୍ଦିରର ସିଂହଦ୍ୱାର ଠାରେ ଅଧିଷ୍ଠିତ କରାଯାଏ । ଏହିପରି ଭାବେ ବାହୁଡ଼ା ଯାତ୍ରାର ସମାପ୍ତି ଘଟିଥାଏ ।

*ଶ୍ରୀନଅର ସମ୍ମୁଖରେ ସ୍ୱୟଂ ଗଜପତି ମହାରାଜା ତାଙ୍କର ପାରମ୍ପରିକ ରାଜବେଶରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଦୁଇ ହସ୍ତରେ ଧରି ରଥ ସମ୍ମୁଖରେ ପରିକ୍ରମା ପୂର୍ବକ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ମୁଖରେ କିଛି ସମୟ ଠାକୁରାଣୀଙ୍କୁ ଧରି ଭେଟ ନୀତି କରାଇଥାନ୍ତି। ଏହି ସମୟରେ ଦହିପଟି ମଣୋହି, ବନ୍ଦାପନା ଇତ୍ୟାଦି ନୀତି ଅନୁଷ୍ଠିତ ହୁଏ। ଏହା 'ଲକ୍ଷ୍ମୀନାରାୟଣ ଭେଟ' ନାମରେ ଅଭିହିତ ଅଟେ। ତତ୍ପରେ ନନ୍ଦିଘୋଷ ରଥକୁ ଟଣାଯାଇ ଶ୍ରୀମନ୍ଦିରର ସିଂହଦ୍ୱାର ଠାରେ ଅଧିଷ୍ଠିତ କରାଯାଏ। ଏହିପରି ଭାବେ ବାହୁଡ଼ା ଯାତ୍ରାର ସମାପ୍ତି ଘଟିଥାଏ।*



ବାହୁଡ଼ା ଯାତ୍ରା ଦିନ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରିବା ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ । ସୁତରାଂ ଶ୍ରୀଗୁଣ୍ଡିଚା ଯାତ୍ରାର ଉତ୍ତରାଭିମୁଖୀ ଯାତ୍ରା ଭଳି ମହାପ୍ରଭୁମାନଙ୍କୁ ଗୁଣ୍ଡିଚା ମଣ୍ଡପରୁ ନୀଳାଦ୍ରି ମଣ୍ଡପକୁ ବାହୁଡ଼ା ବିଜେରେ ଦକ୍ଷିଣାଭିମୁଖୀ ଯାତ୍ରା ଅତ୍ୟନ୍ତ ପୁଣ୍ୟପ୍ରଦ ଓ ପାପତାପ ସଂହାରକ ବୋଲି ବିଭିନ୍ନ ପୁରାଣରେ ବର୍ଣ୍ଣିତ ହୋଇଛି ।

**ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ଶ୍ରୀଜଗନ୍ନାଥ ଧାମ, ପୁରୀ**
**ମୋ–୯୪୩୭୨୮୧୧୦୨**

# ପିଲାଙ୍କ ହାତରେ ପୁସ୍ତକ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ହସ ହସ ମୁହଁ, ସ୍କୁଲ ଘଣ୍ଟି, ଝୁଲା ବସ୍ତାନି ଏବଂ ରଙ୍ଗୀନ ସ୍ୱପ୍ନର ଦୁନିଆ ଏସବୁ ପିଲାଙ୍କ ଦିନ । କିନ୍ତୁ ଦୁଃଖର କଥା ବିଶ୍ୱର ଏକ ବଡ଼ ଅଂଶରେ ପିଲାମାନେ ଶ୍ରମ ସହିତ ସେମାନଙ୍କ ଜୀବନ ଆରମ୍ଭ କରନ୍ତି । ବିଶ୍ୱର ଯୁବ ଦେଶ ଭାରତରେ ଶିଶୁ ଶ୍ରମିକର ଗଭୀର ସମସ୍ୟା ରହିଛି । ଭାରତ ସରକାରଙ୍କ ତଥ୍ୟ ଅନୁଯାୟୀ, ଦେଶରେ ୫–୧୪ ବର୍ଷ ବୟସର ପ୍ରାୟ ଏକ କୋଟି ଶିଶୁ ଶ୍ରମ କରନ୍ତି । ପ୍ରକୃତ ସଂଖ୍ୟା ଅଧିକ ହୋଇପାରେ କାରଣ ଅନେକ ଶିଶୁ ଘରୋଇ କାମ, ଅସଂଗଠିତ ନିର୍ମାଣ କାର୍ଯ୍ୟ ହୋଟେଲ ଏବଂ କ୍ଷୁଦ୍ର ଶିଳ୍ପ ୟୁନିଟ୍ ଭଳି ଲୁଚି ରହିଥିବା କ୍ଷେତ୍ରରେ କାମ କରନ୍ତି ଯେଉଁଠାରେ ତଦାରଖ ଏବଂ ସର୍ଭେ ଉପଲବ୍ଧ ନୁହେଁ । ଏହି ସମସ୍ୟା ପିଲାଙ୍କ ଶୈଶବ, ଶିକ୍ଷା ଏବଂ ଉଜ୍ଜ୍ୱଳ ଭବିଷ୍ୟତକୁ ଛଡ଼ାଇ ପିଲାମାନଙ୍କ ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶକୁ ବାଧା ଦିଏ । ଆମକୁ ଏପରି ଏକ ବିଶ୍ୱ ଦରକାର ଯେଉଁଠାରେ କାମ ନୁହେଁ, ପୁସ୍ତକ, ପିଲାମାନଙ୍କର ଅଧିକାର ହେବ । ଆଜି ସାରା ବିଶ୍ୱରେ ଶିଶୁ ଶ୍ରମିକ ବିରୁଦ୍ଧରେ ସ୍ୱର ଉଠୁଛି । ହେଲେ ଚାଲିଥିବା ନିରନ୍ତର ସଂଘର୍ଷର ଫଳାଫଳ ବହୁତ କମ୍ । ଆନ୍ତର୍ଜାତୀୟ ଶ୍ରମ ସଂଗଠନ ସମସ୍ତ ପ୍ରକାରର ଶିଶୁ ଶ୍ରମିକ ସମାପ୍ତ କରିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସକୁ ମଜବୁତ କରିବାକୁ ଆହ୍ୱାନ କରୁଛନ୍ତି । ଶିଶୁ ଶ୍ରମିକ ବିରୁଦ୍ଧରେ ଉଠିଥିବା ସ୍ୱର ଆମକୁ ଚିନ୍ତା କରିବାକୁ ବାଧ୍ୟ କରୁଛି ଯେ ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ବିଶ୍ୱୀକରଣରଏହି ଯୁଗରେ କୋଟି କୋଟି ପିଲା କାହିଁକି କାମ କରିବାକୁ ବାଧ୍ୟ ହେଉଛନ୍ତି? ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଅନୁଯାୟୀ, ଆଜି ସାରା ବିଶ୍ୱରେ ୧୬କୋଟିରୁ ଅଧିକ ପିଲା ଶ୍ରମିକ ଭାବରେ କାମ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ବିପଜ୍ଜନକ ଅବସ୍ଥାରେ କାମ କରୁଛନ୍ତି । ଏହି ପରିସ୍ଥିତି ବିକାଶର ଉଜ୍ଜ୍ୱଳ ଚିତ୍ର ପଛରେ ଥିବା ଅନ୍ଧକାରକୁ ଉଜାଗର କରେ, ଯାହାକୁ ଆମେ ଅଣଦେଖା କରୁଛନ୍ତି । ଶିଶୁ ଶ୍ରମିକ ଏପରି ଏକ ଶ୍ରମ ଯାହା ପିଲାଙ୍କ ଶୈଶବକୁ ଅତ୍ୟନ୍ତ ନିର୍ମମ ଭାବରେ ଛଡ଼ାଇ ନିଏ । ଅନେକ ସମୟରେ ସେମାନେ କାମ ସମୟରେ ନିର୍ଯାତିତ ହୁଅନ୍ତି ।

ପରିଣାମ ସ୍ୱରୂପ ଏହି ସମସ୍ତ ପରିସ୍ଥିତିରେ ସେମାନଙ୍କର ବିକାଶ ଖରାପ ଭାବରେ ବାଧାପ୍ରାପ୍ତ ହୁଏ । ସେମାନଙ୍କ ଭବିଷ୍ୟତର ସମସ୍ତ ସମ୍ଭାବନା ହ୍ରାସ ପାଇବାକୁ ଲାଗେ । ଏହି ସମସ୍ୟାର ମୂଳ ହେଉଛି ଦାରିଦ୍ର୍ୟ, ଶିକ୍ଷାର ଅଭାବ, ସାମାଜିକ ଅସମାନତା, ପରିବାରରେ ବେକାରୀ ଏବଂ ଶିଶୁ ଶ୍ରମିକ ଆଇନର ଶିଥିଳ କାର୍ଯ୍ୟାନ୍ୱୟନ । ଯେତେବେଳେ ପରିବାରର ଜୀବିକା ନିର୍ବାହର ମୌଳିକ ଆବଶ୍ୟକତା ପୂରଣ ହୁଏ ନାହିଁ, ସେତେବେଳେ ସେମାନଙ୍କ ସମ୍ମୁଖରେ ସବୁଠାରୁ ସହଜ ବିକଳ୍ପ ହୋଇଯାଏ ପିଲାମାନଙ୍କୁ କାମକୁ ପଠାଇବା । ଏହି କାରଣରୁ ଅନେକ ନିରୀହ ପିଲାଙ୍କୁ କ୍ଷେତ, କାରଖାନା, ଇଟା ଭାଟି, ଘରୋଇ କାମ ଏବଂ ନିର୍ମାଣ ସ୍ଥାନରେ କାମ କରୁଥିବା ଦେଖାଯାଏ । କରୋନା ମହାମାରୀ ପରେ ଏହି ସଙ୍କଟ ଆହୁରି ଗଭୀର ହୋଇଛିଛ ସ୍କୁଲ ବନ୍ଦ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲା ଶିକ୍ଷାରୁ ବଞ୍ଚିତ ହୋଇଥିଲେ ।

ଅନ୍ୟପକ୍ଷରେ, ବେକାର ପରିବାରରେ, ପିଲାମାନଙ୍କୁ ଶିକ୍ଷା ଦେବା ଅପେକ୍ଷା କାମ କରି ଟଙ୍କା ରୋଜଗାର କରିବାକୁ ପଠାଇବା ଅଧିକ ଉପଯୁକ୍ତ ବୋଲି ବିବେଚନା କରାଯାଉଥିଲା । ୨୦୦୦ ରୁ ୨୦୨୦ ମଧ୍ୟରେ, ବିଶ୍ୱ ସ୍ତରରେ ଶିଶୁ ଶ୍ରମିକରେ ୮.୫୫ କୋଟି ଶିଶୁ ହ୍ରାସ ରେକର୍ଡ କରାଯାଇଥିଲା, ଯାହା ଏକ ସକାରାତ୍ମକ ସଙ୍କେତ ଥିଲା । କିନ୍ତୁ, କରୋନା ମହାମାରୀ ଏବଂ ଆର୍ଥିକ ଅସମାନତା ଏହି ଧାରା ଓଲଟାଇ ଦେଲା ଏବଂ ଏହା ପରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହି ସମସ୍ୟା ଏବେ ଗ୍ରାମାଞ୍ଚଳ, ସହରାଞ୍ଚଳ ବସ୍ତି ଏବଂ ପ୍ରବାସୀ ଶ୍ରମିକ ପରିବାରରେ ଅତ୍ୟନ୍ତ ଗମ୍ଭୀର । ଏହି ପରିସ୍ଥିତି ଗୁରୁତ୍ୱାରୋପ କରେ ଯେ ଏହି ସାମାଜିକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ନୂତନ, ସାମଗ୍ରିକ, ସାମୂହିକ ଏବଂ ଠୋସ୍ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି ।

ଶିଶୁ ଶ୍ରମିକକୁ ମୂଳପୋଛ କରିବା ଆମ ପାଇଁ ଏକ ଚ୍ୟାଲେଞ୍ଜ, ଯାହାକୁ ପୂରଣ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ । ଏଥିପାଇଁ କେବଳ ସରକାର ନୁହେଁ ସ୍ଥାନୀୟ ପ୍ରଶାସନ ଏବଂ ପରିବାରକୁ ମଧ୍ୟ ଆଗକୁ ଆସିବାକୁ ପଡିବ । ସମନ୍ୱିତ ପ୍ରୟାସ ଦ୍ୱାରା ଶିଶୁ ଶ୍ରମିକରୁ ପିଲାମାନଙ୍କୁ ରକ୍ଷା କରାଯାଇପାରିବ । ୧୯୯୨ ମସିହାରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଜାତୀୟ କ୍ଷମତାକୁ ସୁଦୃଢ଼ କରିବାରେ ଏବଂ ଶିଶୁ ଶ୍ରମିକର ଧୀରେ ଧୀରେ ନିରାକରଣ ପ୍ରତି ବିଶ୍ୱ ସଚେତନତା ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା । ତଥାପି, ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର ପ୍ରଭାବ ଏପର୍ଯ୍ୟନ୍ତ ଦେଖାଯାଇ ନାହିଁ ।

ଭାରତରେ ଶିଶୁ ଶ୍ରମିକ ସମସ୍ୟା ବହୁମୁଖୀ । ଏହି ସମସ୍ୟାର ମୁକାବିଲା ପାଇଁ ଶିକ୍ଷା ଏକ ମାଧ୍ୟମ ହୋଇପାରେ, ଯାହା ଯେକୌଣସି ଶିଶୁକୁ ଶ୍ରମର ଦୁଷ୍ଟ ଚକ୍ରରୁ ବାହାର କରିପାରିବ । ସର୍ବଶିକ୍ଷା ଅଭିଯାନ ଏବଂ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଭଳି ସରକାରୀ ପ୍ରୟାସ ପ୍ରଶଂସନୀୟ, କିନ୍ତୁ ସେଗୁଡ଼ିକୁ ଅଧିକ ବ୍ୟାପକ କରିବା ଏବଂ ସମାଜର ଶେଷ କୋଣ ପର୍ଯ୍ୟନ୍ତ ପହଞ୍ଚିବା ଶିଶୁ ଶ୍ରମିକ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ନୋବେଲ ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀଙ୍କ ସଂଗଠନ 'ବଚପନ ବଚାଓ ଆନ୍ଦୋଳନ' ଏପର୍ଯ୍ୟନ୍ତ ହଜାର ହଜାର ପିଲାଙ୍କୁ ଶିଶୁ ଶ୍ରମିକ ମୁକ୍ତ କରିଛି । ସମାଜ ଏବଂ ସରକାର ଶିଶୁ ଶ୍ରମିକର ଏହି ସମସ୍ୟା ବିରୁଦ୍ଧରେ ଜନସଚେତନତା ପାଇଁ ଆହ୍ୱାନ କରିବା ଉଚିତ, କାରଣ ଏହା କେବଳ ଶିଶୁ କଲ୍ୟାଣର ପ୍ରସଙ୍ଗ ନୁହେଁ, ବରଂ ସମଗ୍ର ମାନବିକତାର ପ୍ରଶ୍ନ । ପ୍ରତ୍ୟେକ ପିଲା ଏକ ସୁରକ୍ଷିତ, ସୁସ୍ଥ ଏବଂ ମର୍ଯ୍ୟାଦାପୂର୍ଣ୍ଣ ଶୈଶବ ପାଇବା ଉଚିତ ।

**ନୟାଗଡ଼, ମୋ–୯୪୩୭୬୪୨୯୪୭**

## ସମ୍ପାଦକଙ୍କୁ ପତ୍ର

### ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ଲାଗି ସମୟ ଧାର୍ଯ୍ୟ ହେଉ

ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ତଥା ଯାତ୍ରୀଙ୍କୁ ଦର୍ଶନ ସୁବିଧାସୁଯୋଗ ଯୋଗାଇ ଦେବାକୁ ଶ୍ରୀମନ୍ଦିର ପ୍ରଶାସନ ଦେଶର ବିଭିନ୍ନ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଧାମଗୁଡ଼ିକ ଯଥା– ତିରୁପତି, ବୈଷ୍ଣୋଦେବୀ,ସ୍ୱର୍ଣ୍ଣ ମନ୍ଦିର, ଗଣପତି ମନ୍ଦିର, ଦ୍ୱାରକା, ରାମେଶ୍ୱର, ବଦ୍ରୀନାଥ ଶିରିଡି, କାମାକ୍ଷା ପ୍ରଭୃତି ମନ୍ଦିର ଅନୁଧ୍ୟାନ କରିବାକୁ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ମନ୍ଦିର ପ୍ରଶାସକ ହିସାବରେ ବହୁ ପଦକ୍ଷେପ ନେଇଥିଲେ । ସେବାୟତମାନେ ବିଭିନ୍ନ ସ୍ଥାନରେ ଯାଇ ଏହାକୁ ଅନୁଧ୍ୟାନ କରିଥିଲେ ।

ଏହି ବିଷୟରେ ବହୁତ ବର୍ଷ ଧରି ବିଭିନ୍ନ ପତ୍ରପତ୍ରିକା, ଗଣମାଧ୍ୟମରେ ଆଲୋଚନା ହୋଇଥିଲା । ଶ୍ରୀଶ୍ରୀଜଗନ୍ନାଥ, ଶ୍ରୀମନ୍ଦିର, ଓଡ଼ିଆ ଜାତିର ସମ୍ମାନ, ପରିଚୟ । ବିଗତ ବର୍ଷମାନଙ୍କରେ ଏହାର ପରିଚାଳନାରେ ଉନ୍ନତି ଆଣିବା, ପ୍ରଭୁଙ୍କ ସେବା ମାର୍ଜନା କରିବା ପାଇଁ ଓଡ଼ିଶାର ବିଭିନ୍ନ ମହାପୁରୁଷ, ଶଙ୍କରାଚାର୍ଯ୍ୟ, ସରକାର ବୁଦ୍ଧିଜୀବୀ, ଉଦ୍‌ବେଗ ପ୍ରକାଶ କରିବା ଦେଖାଯାଏ ।

ଦୁଃଖର ବିଷୟ ୨୦୨୫ ରଥଯାତ୍ରା ସମୟରେ ବିଶୃଙ୍ଖଳା ସୃଷ୍ଟି ପରେ, ଏଥିରେ ସୁଧାର ଆଣିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରିପରିଷଦ, ମୁଖ୍ୟ ଶାସନ ସଚିବ, ସେବାୟତମାନେ ବିଭିନ୍ନ ସମୟରେ ଆଲୋଚନା, ସମୀକ୍ଷା ବୈଠକ କରି ବ୍ୟଗ୍ରତା ପ୍ରକାଶ କରିଛନ୍ତି । ରଥଯାତ୍ରା ସମାପ୍ତ ପରେ ଲକ୍ଷ ଲକ୍ଷ ଭକ୍ତ ଦେଶ ବିଦେଶରୁ ଆସି ଶ୍ରୀଜିଉଙ୍କ ଦର୍ଶନ କରିବାର ସମ୍ଭାବନା ରହିଛି ।

ସରକାର, ଶ୍ରୀମନ୍ଦିର ପ୍ରଶାସନ, ସେବାୟତ, ଜନସାଧାରଣ, ପୁରୀ ସହର ବାସିନ୍ଦାଙ୍କ ସାମୂହିକ ପ୍ରଚେଷ୍ଟାରେ ଓଡ଼ିଆ ଅସ୍ମିତା ପ୍ରତି ଆଦର ସମ୍ମାନ ବୃଦ୍ଧି ପାଇବ । ଆମେ ସମସ୍ତେ ଆମର ଜାତିର ଦେବତା, ଶ୍ରୀଜଗନ୍ନାଥଙ୍କ ପ୍ରତି ବିଶ୍ୱାସ, ଶ୍ରଦ୍ଧା, ଅନୁରାଗ, ସମର୍ପଣ, ରଖି ଏଥିପାଇଁ ଚେଷ୍ଟା କରିବା ଉଚିତ । ମନ୍ଦିର ପରିଚାଳନା, ଦର୍ଶନ, ପାଇଁ ଅନୁରାଗୀ, ଶ୍ରଦ୍ଧାଳୁଙ୍କ ପ୍ରତି ଧ୍ୟାନ ଦେବା ଜରୁରୀ ।

ନୂତନ ଭାବରେ ସରକାର ବର୍ତ୍ତମାନ ଏହାକୁ ବିଚାର କରିବା ଜରୁରୀ । ବାହାର ରାଜ୍ୟରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପ୍ରତିଦିନ ଅଧା ଘଣ୍ଟା ସମୟ ନିର୍ଘଣ୍ଟ ରଖିବା ଉଚିତ, ଏହି ସମୟରେ ବରିଷ୍ଠ ନାଗରିକ, ଶ୍ରେଷ୍ଠ ଅତିଥିମାନେ ଦର୍ଶନ ପାଇପାରିବେ । ପୁରୀ ସହରରେ ରହୁଥିବା ନାଗରିକମାନେ ପ୍ରତିଦିନ ନିର୍ଦ୍ଦିଷ୍ଟ ଅଧା ଘଣ୍ଟା ସମୟରେ ଦର୍ଶନ ପାଇଁ ସ୍ଥିର କରାଯାଇ ନୂତନ ଭାବେ ଶ୍ରୀମନ୍ଦିର ଦର୍ଶନ ନୀତି ପ୍ରଣୟନ କରିବାର ଆବଶ୍ୟକତା ରହିଛି ।

ସମସ୍ତଙ୍କୁ ଅନୁରୋଧ, ଶ୍ରୀମନ୍ଦିର ସହ ରହିଥିବା ବିଗତ ୫୦ ବର୍ଷ ଧରି ଏହା ମୋର ବ୍ୟକ୍ତିଗତ ଅନୁଭବ । ଭାରତ ବର୍ଷର ବିଭିନ୍ନ ମନ୍ଦିର, ତୀର୍ଥ ସ୍ଥାନ ଗୁଡିକ ଦେଖି, ଏହାକୁ ଜନସାଧାରଣ, ଓଡ଼ିଶା ସରକାର ବିବେଚନା କରିବା ପାଇଁ ଏହି ପ୍ରସ୍ତାବ ମୁଁ ରାଜ୍ୟ ସରକାରଙ୍କୁ ଦେଉଛି ।

**କୃପାନିଧି ବିଶ୍ୱାଳ,ଭୁବନେଶ୍ୱର**

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ ।
ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ–ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ମଙ୍ଗଳ ଆଳତି, ମଇଲମ ୪ ଟା ୧୫ ମିନିଟ, ତଡ଼ପ ଲାଗି ଓ ରୋଷ ହୋମ ୪ ଟା ୩୦ ମିନିଟ, ଅବକାଶ ଓ ରୋଷ ହୋମ ୫ ଟା, ସୂର୍ଯ୍ୟ ପୂଜା ୫ ଟା ୧୫ ମିନିଟ, ଦ୍ୱାରପାଳ ପୂଜା ୫ ଟା ୩୦ ମିନିଟ, ସକାଳ ଧୂପ ଗୋପାଳ ବଲ୍ଲଭ(ଖେଚୁଡ଼ି ଭୋଗ) ୫ ଟା ୪୫ ରୁ ୬ ଟା ୪୫ ମିନିଟ, ସେନାପଟା ଲାଗି ସକାଳ ୭ ଟା ୩୦ ମିନିଟରୁ ୧୧ ଟା, ମଙ୍ଗଳା ଅର୍ପଣ ୧୧ ଟା ୪୫ ମିନିଟ, ବାହୁଡ଼ା ପହଣ୍ଡି

ମଧ୍ୟାହ୍ନ ୧୨ ଟାରୁ ଅପରାହ୍ନ ୨ ଟା ୩୦ ମିନିଟ ସୁଦ୍ଧା ପହଣ୍ଡି ଶେଷ ହେବ । ସେହିପରି ତିନି ରଥ ଛେରା ପହଁରା ଅପରାହ୍ନ ୨ ଟା ୩୦ ମିନିଟରୁ ୩ ଟା ୩୦ ମିନିଟ ମଧ୍ୟରେ ଅନୁଷ୍ଠିତ ହେବ । ଅପରାହ୍ନ ୪ ଟା ରେ ରଥ ଟଣା ଆରମ୍ଭ ହେବ । ବାହୁଡ଼ା ଯାତ୍ରା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ସନ୍ଧ୍ୟା...

ମନ୍ଦିର ସମ୍ମୁଖରେ ରଥ ଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଅତିରିକ୍ତ ପୋଲିସ ଡ଼ିଜି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଜିଲ୍ଲାପାଳ ଚଞ୍ଚଳ କୁମାର ରଣା, ଏସପି ଦାୟିତ୍ୱରେ ଥିବା ଡିଆଇଜି, ପିନାକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ପୁରୀ...

ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡିବ । ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି । କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଆମ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପୁରୀ ସହର ଏବଂ ଆଖପାଖ ଅବସ୍ଥିତ ଗ୍ରାମ ପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ । ଏହା ଦ୍ୱାରା ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯିବ, ଯାହା ଫଳରେ ଏହି ପଞ୍ଚାୟତବାସୀ ସହର ପରି ସୁବିଧା ପାଇ ପାରିବେ । ଆସନ୍ତା କାଲି ଠାରୁ ଏହ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ ।

ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଆମ ସରକାର ବଦ୍ଧପରିକର । ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣା ବେକ୍ଷଣର ଅବଶ୍ୟକତା ରହିଛି । ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଯୁବ ସମାଜ ତଥା ପୁରୀକୁ ଆସୁଥିବା ଭକ୍ତଗଣ ଜଗନ୍ନାଥ ସଂସ୍କୃତିର ଧନିକ ଇତିହାସ ବିଷୟରେ ବେଶୀ କିଛି ଜାଣନ୍ତି ନାହିଁ । ତା'ଠୁ ଦୁଃଖର ବିଷୟ ଯେ ଏହି ସଂସ୍କୃତି ଏବଂ ଇତିହାସକୁ ଜଣାଇବା ପାଇଁ ପୁରୀ ଠାରେ କିଛି ବ୍ୟବସ୍ଥା ଗତ ସାଢେ ସାତ ଦଶନ୍ଧିରେ କରାଯାଇ ପାରିଲା ନାହିଁ ।

ଏତଦ ବ୍ୟତୀତ ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ତୋଳିବା ପାଇଁ ବିଶେଷ କିଛି ପଦକ୍ଷେପ ନିଆଯାଇନାହିଁ । ଚିନ୍ତା କରନ୍ତୁ, ଆଜି ଜଣେ ପର୍ଯ୍ୟଟକ ପୁରୀ ଆସିଲେ, ତା' ପାଇଁ ମୁଖ୍ୟତଃ ଦୁଇଟି ଠିକଣା । ଜଗନ୍ନାଥ ମନ୍ଦିର ଏବଂ ବେଳାଭୂମି । ଏହାକୁ ଛାଡିଦେଲେ ଅନ୍ୟ କୌଣସି ମନୋରଞ୍ଜନ କିମ୍ବା ପର୍ଯ୍ୟଟନ ଭିତ୍ତିଭୂମି ନାହିଁ, ଯେଉଁଠାରେ ସେ କିଛି ସମୟ ବ୍ୟତୀତ କରି ପାରିବ ।

ଯେ କୌଣସି ପର୍ଯ୍ୟଟନ ସ୍ଥଳକୁ ବିକାଶ କରିବାକୁ ହେଲେ, ପ୍ରଥମ ନିୟମ ହେଉଛି କିପରି ଜଣେ ପର୍ଯ୍ୟଟକ ସେଠାରେ ଅଧିକ ରୁ ଅଧିକ ସମୟ ବ୍ୟତୀତ କରିବ । ଯାହାଦ୍ୱାରା ସେ ଅଧିକ ଖର୍ଚ୍ଚ ବି କରିବ । କିନ୍ତୁ, ପୁରୀ ଠାରେ ସେମିତି କିଛି ବ୍ୟବସ୍ଥା ନାହିଁ । ତେଣୁ ଏହି ଦୁଇ ସମସ୍ୟାକୁ ସମାଧାନ କରିବା ପାଇଁ ଆମ ସରକାର ପୁରୀ ଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗୋଟିଏ ପରିସରରେ ଏହା ନିର୍ମିତ ହେବ । ଶ୍ରୀ ଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ ଯେପରିକି ଏହାର ପୌରାଣିକ ମହତ୍ୱ, ନୀଳବଧବଙ୍କ ଠାରୁ ମନ୍ଦିର ନିର୍ମାଣର ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ । ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, ପ୍ରତିମୂର୍ତ୍ତି, ପଟ୍ଟଚିତ୍ର ଇତ୍ୟାଦି ମଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ ।

ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ । ଏହି ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ । ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇ ପାରିବେ । ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ ।

ଏଥି ସହିତ ଏହି ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ (ଅଡିଟରିଅମ) ନିର୍ମାଣ କରାଯିବ । ଏହି ଅଡିଟରିଅମରେ ପ୍ରତି ଦିନ ଲାଇଟ ଓ ସାଉଣ୍ଡ ଶୋ ପ୍ରସ୍ତୁତ କରାଯିବ । ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି । ଏହି ସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଅଧ୍ୟାୟ (ଏପିସଡ) ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରିକି ଓଡିଆ, ହିନ୍ଦୀ, ଇଂରେଜୀ ଏବଂ ବଙ୍ଗାଳୀ ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ । ତା' ଛଡା ଏହି ପରିସର ମଧ୍ୟରେ ଏକ ମୁକ୍ତାକାଶ ରଙ୍ଗମଞ୍ଚ ବି ନିର୍ମିତ ହେବ ଯେଉଁଠି ରାଜ୍ୟର କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ ।

## କେବଳ...

ପାକିସ୍ତାନର ପ୍ରତିରକ୍ଷା ସମ୍ପର୍କ ଏବଂ ଅସ୍ତ୍ରଶସ୍ତ୍ର ବଦଳ ଏବଂ ଚୀନ୍‌ର ଅସ୍ତ୍ର ଚିନ୍ତାର କାରଣ ହୋଇଥିଲା। ଆମର ଗୋଟିଏ ସୀମା ହେଲେ ବାସ୍ତବରେ ୩ ଦେଶ ସହ ଲଢ଼ିବାକୁ ପଡିଥିଲା। ଚୀନ ତାର ଅସ୍ତ୍ରଶସ୍ତ୍ର ଗୁଡ଼ିକ ଭାରତ ଉପରେ ବ୍ୟବହାର କରି ପରୀକ୍ଷା କରିଥିଲା। ତୁର୍କୀ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେ ମଧ୍ୟ ପାକିସ୍ତାନକୁ ଖୋଲା ଖୋଲି ସମର୍ଥନ ଦେଇଥିଲା। ଯେତେବେଳେ ଡିଜିଏମ୍‌ଓ ସ୍ତରରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା, ଯେତେ ବେଳେ ଚୀନ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଆମେ ରୋବର୍ଷ୍ଟ ଏୟାର ଡିଫେନ୍ସ ଆବଶ୍ୟକ କରିଥିଲୁ। ଚୀନ୍ ପାକିସ୍ତାନକୁ ୨୦୧୫ରୁ ୮.୨ ବିଲିୟନ ଡଲାର ଅସ୍ତ୍ର ବିକ୍ରି କରିଛି। ୨୦୨୦ରୁ ୨୦୨୪ ମଧ୍ୟରେ ଚୀନ୍ ବିଶ୍ୱରେ ସର୍ବାଧିକ ଅସ୍ତ୍ରଶସ୍ତ୍ର ରପ୍ତାନୀ ରାଷ୍ଟ୍ର ଭାବେ ଉଭା ହୋଇଛି। ପ୍ରାୟ ୬୩% ଯୁଦ୍ଧ ଅସ୍ତ୍ର ପାକିସ୍ତାନକୁ ଯାଇଛି। ଯୋଗାଣ ଶୃଙ୍ଖଳାରେ ପାକିସ୍ତାନର ଅଧାଧିକ ଫାଇଟର ବିମାନ, ଜେଟ୍-୧୭ ଥିଲା ଯାହା ଚୀନ ସହଯୋଗରେ ପ୍ରସ୍ତୁତ ହୋଇଥିଲା। ସେହିଭଳି ଅଧିକ ଶକ୍ତିଶାଳୀ ଜେ-୧୦ ସି ମଲଫି ରୋଲ୍ ଫାଇଟର ଏୟାର କ୍ରାପଫ ମଧ୍ୟ ଚୀନ୍‌ରୁ ଆଣିଥିଲା ।

## ବଢୁଛି...

ସକ୍ରିୟ ରହିଛି। ମାତ୍ର ଆଶାନୁରୂପ ବର୍ଷା ହୋଇନାହିଁ ଛତିଶଗଡ ଉପରମୁଣ୍ଡରୁ ପାଣି ଛାଡୁନଥିବା ବେଳେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉନଥିଲା। ଡ୍ୟାମର ଉପର ମୁଣ୍ଡରେ ପ୍ରବଳ ବର୍ଷାଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢିବାରେ ଲାଗିଛି। ଏଭଳିସ୍ଥଳେ ଆସନ୍ତା ୬ତାରିଖରେ ହୀରାକୁଦର ଗେଟ୍ ଖୋଲାଯିବ। ପୂର୍ବାହ୍ନ ୧୦ଟାରେ ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ମହାନଦୀକୁ ଛଡାଯିବ। ରୁଲ୍‌କର୍ଭକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଛି। ବର୍ଷାର ସ୍ଥିତି ଓ ଜଳସ୍ତରକୁ ନଜରରେ ରଖି କେତୋଟି ଗେଟ୍ ଖୋଲାଯିବ ତାହା ସ୍ଥିର କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ଇଂ. ସୁଶୀଲ କୁମାର ବେହେରା ସୂଚନା ଦେଇଛନ୍ତି। ଜଳଭଣ୍ଡାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଅଟେ। ହୀରାକୁଦ ଜଳଭଣ୍ଡାର ଉପରେ ସମ୍ବଲପୁର, ବରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲା ସମେତ ଅବିଭକ୍ତ କଟକ ତ୍ରିକୋଣଭୂମିର ଚାଷଜମି ପାଇଁ ଜଳସେଚିତ ହୋଇଥାଏ। ସେହିପରି ହୀରାକୁଦରୁ ବିଦ୍ୟୁତ୍ ଉପାଦନ ଓ ଶିଳ୍ପକୁ ପାଣି ଯୋଗାଇ ଦିଆଯାଉଛି।

## ଲଗାଣ...

ଆୟ ମଧ୍ୟ କମିଛି । ବର୍ଷା ଯୋଗୁଁ ନାଳ ନର୍ଦ୍ଦମା ରେ ପାଣି ଭରି ରହିଛି । ଡ୍ରେନ ସଫେଇ ହୋଇ ନଥିବାବେଳେ ଅନେକ ସ୍ଥାନରେ ରାସ୍ତା ଉପରେ ଅପରିଷ୍କାର ପାଣି ଲହଡ଼ି ମାରୁଛି । ଏହାର ସୁଯୋଗ ନେଇ ମୁନାଫା ଖୋର୍ ବ୍ୟବସାୟୀ ମାନେ ବିଭିନ୍ନ ଖାଦ୍ୟ ଦ୍ରବ୍ୟର ଦାମ ବଢାଇ ଦେଇଛନ୍ତି । ବିଶେଷ କରି ନିତ୍ୟ ବ୍ୟବହାର୍ଯ୍ୟ ପନିପରିବାର ଦର ଆକାଶ ଛୁଆଁ ହୋଇଛି ।

ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷାରେ ପୌରାଞ୍ଚଳର ଡ୍ରେନଗୁଡିକ ଅଳିଆ ଆବର୍ଜନାରେ ପୋତି ହୋଇଥିବାରୁ ଡ୍ରେନର ପାଣି ରାସ୍ତା ଉପରେ ବହୁଛି । ପାଣି ଘରେ ଘରେ ପଶୁଥିବା ଦେଖିବାକୁ ମିଳିଛି । ଶୁକ୍ରବାର ସକାଳେ ଜୟପୁରିଆଗୁଡା ସାହିରେ ଘରେ ପାଣି ପଶିଯିବାରୁ ଲୋକେ ନାହିଁ ନଥିବା ହଇରାଣ ହୋଇଛନ୍ତି ଘରେ ଏକ ପ୍ରକାର ନାଳ ସଦୃଶ୍ୟ ହୋଇଯାଇଛି ।

ପ୍ରତିବର୍ଷ ଜୟପୁରିଆଗୁଡ଼ା ସାହିରେ ପାଣି ଜମିଥାଏ । କିନ୍ତୁ କିଛି ଘଣ୍ଟା ପରେ ପାଣି ନିଷ୍କାସନ ହୋଇଥାଏ । ଏବେ ଚାରିପଟୁ ବନ୍ଦ ହୋଇଯିବାରୁ ପାଣି ଘରେ ଘରେ ପଶି ରହିଛି । ଆଣ୍ଠୁଏ ପାଣି ଘରେ ରହିଥିବାରୁ ଲୋକେ ରନ୍ଧାବଢା କରିପାରିନାହାନ୍ତି । ସମସ୍ତେ ସକାଳରୁ ଭୋକରେ ରହିଛନ୍ତି । ପାଣି କମିଲେ ରନ୍ଧାବଢା କରିବେ ବୋଲି ଚିନ୍ତା କରୁଥିବା ବେଳେ ପାଣି ନିଷ୍କାସନ ହୋଇପାରୁନଥିବାରୁ ଚିନ୍ତାରେ ପଡିଛନ୍ତି । ଘରେ ପାଣି ପଶିଯିବାର ପୂର୍ବରୁ ଭୟ ରହିଥିବାରୁ ରାତି ତମାମ ଶୋଇନଥିବା ସାହିବାସିନ୍ଦା ପ୍ରକାଶ କରିଛନ୍ତି । ଘରର ସମସ୍ତ କୋଠରୀରେ ପାଣି ଜମିଯାଇଥିବା ଦେଖିବାକୁ ମିଳିଛି । ଘରର ଆସବାବପତ୍ର ନଷ୍ଟ ହେବା ସହ ରାତିରେ ଶୋଇବା ନେଇ ମୁଖ୍ୟ ଚିନ୍ତା ହୋଇଛି । ଏଠାରେ ଡ୍ରେନର ବ୍ୟବସ୍ଥା ନଥିବାରୁ ପାଣି ଘରେ ପଶୁଥିବା ସ୍ଥାନୀୟ ଲୋକେ କହନ୍ତି । ଆଗକୁ ଆହୁରି ବର୍ଷା ରହିଥିବାରୁ କଣ କରିବେ ଚିନ୍ତାରେ ପଡ଼ିଛନ୍ତି । ତୁରନ୍ତ ପ୍ରଶାସନ ପକ୍ଷରୁ କୌଣସି ସୁବ୍ୟବସ୍ଥା କରାନଗଲେ ଜୟପୁରିଆଗୁଡ଼ାସାହି ବାସିନ୍ଦା ଆଗକୁ ଆହୁରି ହଇରାଣ ହେବେ ବୋଲି କୁହାଯାଇଛି ।

ପ୍ରକାଶ ଥାଉକି ବର୍ଷା ଯୋଗୁଁ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ଜମି ଯାଉଥିବା ବେଳେ ବହୁ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପାଣି ଜମୁଥିବା ଦେଖିବାକୁ ମିଳିଛି । ଗତ ଦୁଇ ଦିନ ସକାଳ ସୁଦ୍ଧା ମାଲକାନଗିରି ବ୍ଲକରେ ୧୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଥିଲି ବ୍ଲକରେ ୮ ମିଲିମିଟର, ଖଇରପୁଟ ବ୍ଲକରେ ୯୬ ମିଲିମିଟର, ଚିତ୍ରକୋଣ୍ଡା ବ୍ଲକରେ ୭ ମିଲିମିଟର, କୋରକୋଣ୍ଡା ବ୍ଲକରେ ୨୨ ମିଲିମିଟର, କାଲିମେଲା ବ୍ଲକରେ ୨୨ ମିଲିମିଟର ଏବଂ ପଡିଆ ବ୍ଲକରେ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଜିଲ୍ଲାରେ ମୋଟ ୧୭୩ ମିଲିମିଟର ବର୍ଷା ହୋଇଥିବା ବେଳେ ଏଭେରେଜ ୨୪ ରହିଛି ।

# ଟାଟା ଷ୍ଟିଲର ସ୍ପଷ୍ଟୀକରଣ

ଭାରତ ସରକାର ଅଧିନସ୍ଥ ଭାରତୀୟ ଖଣି ବ୍ୟୁରୋ ଦ୍ୱାରା ଅନୁମୋଦିତ ଖନନ ଯୋଜନା ଅନୁଯାୟୀ ଖଣିଜ ଉତ୍ପାଦନ କରି ଟାଟା ଷ୍ଟିଲ ସୁକିନ୍ଦା କ୍ରୋମାଇଟ ଖଣି ପରିଚାଳନା କରିଛି । ତେଣୁ, ଟାଟା ଷ୍ଟିଲ ବିଶ୍ୱାସ କରୁଛି ଯେ, ରାଜ୍ୟ ସରକାରଙ୍କ ଦାବି ସମୀଚୀନ ନୁହେଁ ଏବଂ କମ୍ପାନୀ ଏନେଇ ଉପଯୁକ୍ତ ଆଇନଗତ ବିକଳ୍ପ ଅନୁସରଣ କରିବ ।

# କର୍ଯ୍ୟରେ ଯୋଗ ଦେଲେ ଓଏଏସ୍

ଭଦ୍ରକ , (ସବ୍ୟୁ): ବିଏମସିର ଅତିରିକ୍ତ କମିଶନରଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିରୋଧ କରି ଗତ ୩ଦିନ ଧରି ସମସ୍ତ ଓଏଏ ସ ଅଫିସରମାନେ ସମୂହ ଛୁଟିରେ ଯାଇଥିଲେ । ଫଳରେ ସରକାରୀ କାର୍ଯ୍ୟ ପରିଚାଳନାରେ ସମସ୍ୟା ସୃଷ୍ଟି ହୋଇଥିଲା । ଶେଷରେ ସଙ୍ଘର ଦାବିକୁ ସରକାର ମାନିବା ସହିତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସଙ୍ଘ ଆନ୍ଦୋଳନରୁ ଓହରିଥିଲା ।

## ୬୯ ମୃତ...

ଓ ସିମ୍‌ଲାରେ ୫ଜଣଙ୍କର ମୃତ୍ୟୁ ହୋଇଛି । ସେହିଭଳି ବିଳାସପୁର, ହାମିରପୁର, କିନ୍ନାର, ପୁଲୁ, ଲାହୁଲସ୍ପିତ୍, ଶ୍ରୀମୟର, ସୋଲାନ ଓ ଉନ୍ନା ଜିଲ୍ଲାରେ ମଧ୍ୟ ଲୋକ ମୃତ୍ୟୁବରଣ କରିଛନ୍ତି । ସମଗ୍ର ରାଜ୍ୟରେ ୫୦୦ ରାସ୍ତା ବନ୍ଦ ଥିଲାବେଳେ ୫୦୦ ବିଦ୍ୟୁତ୍ ବିତରଣ ଟ୍ରାନ୍ସଫର୍ମରକୁ ବନ୍ଦ କରିଦିଆଯାଇଛି । ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱର୍ ଲୋକ ଅନ୍ଧାରରେ ଅଛନ୍ତି । ନଦୀ ପାଣି ମାଡିଯିବାରୁ ଚାରିଆଡେ କାଦୁଅ ପରିସ୍ଥିତି ସୃଷ୍ଟି ହୋଇଛି । କେତେକ ସହର ଓ ଗାଁ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ସିମ୍‌ଲାରେ ଭୂସ୍ଖଳନ ହୋଇଥିବା ଖବର ମିଳିଛି ।

## ଆଲକହଲ...

୨୦୧୨ରୁ ୨୦୨୨ ମଧ୍ୟରେ ୫୦% ଶୁ◂ ବୃଦ୍ଧି ପାଇଛି । ହୁ' ପକ୍ଷରୁ ଏହି ଆର୍ଥିକ ନୀତିକୁ ପ୍ରତିବଦ୍ଧତାର ସହ ଲାଗୁ କରାଯାଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାର ଲକ୍ଷ୍ୟ ରଖାଯାଇଛି । ସେହିଭଳି ଭାରତରେ ମେଦବହୁଳତା ବୃଦ୍ଧି ପାଉଛି । ଯୁବକମାନଙ୍କ ମଧ୍ୟରେ ଭଲ ଖାଦ୍ୟ ପରିବେଶର ମାନ ଆଣିବା ପାଇଁ କାର୍ଯ୍ୟ କରାଯିବା ଆବଶ୍ୟକ ବୋଲି କୁହାଯାଇଛି ।


**ଭାରତୀୟ କଣ୍ଟେନର ନିଗମ ଲିମିଟେଡ୍**
**CONTAINER CORPORATION OF INDIA LTD.**

[illegible]

(କେବଳ ଇ-ଟେଣ୍ଡର ତଥା ରିଭର୍ସ ଅକ୍ସନ ମୋଡରେ)

[illegible] www.tenderwizard.com/CCIL [illegible]

[illegible] www.tenderwizard.com, www.tenderwizard.com/CCIL [illegible]

ସ୍ୱା/- [illegible]

**AFFIDAVIT**

Affidavit no- 5237 By virtue of an Affidavit sworn before Kamalakanta Behera date 1 July 2025. I Basanta Kumar Behera, Son of Mr. Dushasan Behera, Address - Village-Karanjadia, P.O.- G Baliapal, P.S.- Naikanidihi, Dist- Bhadrak, Odisha, Pin-756129 declare that I have changed my name from Kamalakanta Behera to Basanta Kumar Behera. Henceforth, I shall be known as Basanta Kumar Behera for all purposes.

**AFFIDAVIT**

Affidavit no- 5228 By virtue of an Affidavit sworn before Rajashri Khilar, date 1 July 2025, I Rajeswari Khilar, Wife of Mr. Ananta Charan Khilar, Address - Village-Kasipur, P.O.- Naikanidihi, P.S.- Naikanidihi, Dist- Bhadrak, Odisha, Pin-756164 declare that I have changed my name from Rajashri Khilar to Rajeswari Khilar. Henceforth, I shall be known as Rajeswari Khilar for all purposes.

**OFFICE OF THE GENERAL MANAGER, (SEWERAGE), WATCO**
At : Mahanadivihar, P.O : Nayabazar, Cuttack-753004
E-Mail : gmseweragewatcoctc@gmail.com
C-613
**NATIONAL COMPETITIVE BIDDING THROUGH e-PROCUREMENT**
Invitation for Bids (IFB)
No : GM-WATCO-Sewerage-04/2025-26 Dtd. 02.07.2025

The General Manager, Sewerage, WATCO, Cuttack on behalf of Odisha invites percentage rate bid in single cover system in online mode from eligible contractors for the works mentioned below.

1. No. of Work : 1 No.
2. Nature of work : Laying of Sewer Pipe Line
3. Estimated Cost : Rs. 44,48 Lakhs
4. Period of Completion : 4 Months.
5. Class of Contractor : 'B' Class
6. Paper Cost : Rs. (6,000.00) + GST @ 18%
7. Date & Time of Availability of Bid Document in the Portal : 11.00 hours of dt. 05.07.2025 to 17.00 hours of dt. 19.07.2025.
8. Date and time of opening of Bid : Dt. 21.07.2025 at 15.30 hours.
9. Name and address of the Officer Inviting Bid : The General Manager, Sewerage, WATCO, Cuttack, Odisha At : Mahanadi Vihar, PO : Nayabazar, Cuttack - 753004 E-Mail : gmseweragewatcoctc@gmail.com

The bidders have to participate in online bidding only. Further details can be seen from the website www.tendersodisha.gov.in. Any addendum / corrigendum/Cancellation of tender can also be seen in the same website.

Sd/- General Manager, WATCO
Sewerage Division, Cuttack
OIPR : 13232/11/0002/2526

**OFFICE OF THE PANCHAYAT SAMITI CHILIKA**
At/Po : Gangadharpur, Dist : Khordha, Odisha, Pin : 752034
Phone : 06756-255026
E-Mail : ori-chilika@gramsat.nic.in
Letter No. 1726 / Dt. 30.06.2025
I-188
**DETAIL TENDER CALL NOTICE NO. 01/CPS/2025-26**

1. Number of Civil works : 4 (Four)
2. Estimated Cost : As per DTCN.
3. Period of Completion : 06 (Six) Calendar Months.
4. Availability of Tender online for bidding : 03.07.2025 at 11.00 AM to 17.07.2025 up to 5.00 P.M.
5. Last Date / Time of seeking tender Clarification : 17.07.2025 up to 5.00 P.M.
6. Date & time of opening of Tender : 18.07.2025 at 11.00 A.M.
7. Further the details can be seen from the website (http://www.tenderodisha.gov.in).

Sd/- Block Development Officer
Chilika
OIPR : 19387/11/0005/2526

E-Mail I.D. - eepwdcuttack@gmail.com
Tel. / Fax No. (0671) - 2304128
**OFFICE OF THE SUPERINTENDING ENGINEER CUTTACK (R&B) DIVSION NO. I : CUTTACK GOVERNMENT OF ODISHA**
B-261
('e' PROCUREMENT NOTICE)
Bid Identification No. S.E. CTC (R&B) - 15 of 2025-26

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Road & Buildings works as mentioned below .
2. No. of Work : 2 Nos.
3. Nature of work : Road & Buildings work
4. Class of Contractor : "B" Class
5. Tender Paper Cost : Rs. 10,000/- (Online)
6. Available of bid documents in the website : From 07.07.2025 to 5 PM of 21.07.2025
7. Date of opening of Bid : 11 AM of 22.07.2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- (Er. Md. Shahbaz)
Superintending Engineer,
Cuttack (R&B) Division No.I, Ctc.
OIPR : 34091/11/0084/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
O-383
e-Mail-eerw_kuchinda@yahoo.com
Corrigendum to Bid Identification No. Tender online 01/RWD/Kuchinda/2025-26

Due to unavoidable circumstances, the following changes have been made in this office Bid identification no-tender online 01/RWD/Kuchinda / 2025-26.

The availability of tender for online bidding has been extended from 10.07.2025 at (11.00 A.M.) to 19.07.2025 up to (5.00 P.M.)

Last date & Time of seeking tender Clarification : 18.07.2025
Date & Time of opening tender : 21.07.2025
All other terms and conditions remain unchanged.

Sd/- Executive Engineer,
Rural Works Division,
Kuchinda
OIPR : 25151/11/0026/2526

E.mail : vimsarsuptd24@gmail.com
**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT VS INSTITUTE OF MEDICAL SCIENCES & RESEARCH. BURLA,(SAMBALPUR)**
**ODISHA-768017**
No. 9473/VIMSAR Dated, Burla, the30th June, 2025
**TENDER CALL NOTICE**

E-205 : Sealed Tenders are hereby invited by the undersigned from the reputed Authorized Dealers & Registered firms under GST Act for supply of EPOC BGEM ++ Test card (CT-1006-00-00) for use in the EPOC Blood Gas Analyser of this hospital so as to reach this office of the Superintendent. VSS Institute of Medical Sciences & Research. Burla on or before dt 30-07-2025 up to 5-00 P.M. through Regd.Post/ Speed Post only and that will be opened in the next working day at 11.30 A.M

The detail terms and conditions of this Tender Call Notice can be downloaded from Dist. website www.Sambalpur.nic.in

The undersigned/committee reserves the full right to accept in full or reject any or all the tenders without assigning any reasons thereof.

Sd/- Superintendent
VIMSAR. Burla
OIPR : 10187/11/0037/2526

**OFFICE OF THE SUPERINTENDENT VSS INSTITUTE OF MEDICAL SCIENCES & RESEARCH BURLA (SAMBALPUR)**
Email - vimsarsnptd24@gmail.com
No.9574 /VIMSAR Dated: 2.7.25
**TENDER CALL NOTICE**

E-211 : Sealed tenders are hereby invited in two bid systems from the Registered Firms having valid GST Registration for supply of Different Cartridges so as to reach of Office of the Superintendent, VSS Institute of Medical Sciences & Research, Burla on or before dt: 29/07/2025 upto 5.00 PM through Regd. Post/Speed Post only and this will be opened on dt: 30/07/2025 at 11.30 AM. The tenderer may attend the office at the time of opening of the tenders.

The detailed terms and conditions along with list of cartridges of the Tender call notice can be obtained from the Office of the Superintendent, VIMSAR, Burla and also the same can be down loaded from the website sambalpur.odisha.gov.in & www.vimsar.ac.in from its date of publication.

Sd/- Superintendent
S.S.Inst. of Med. Sc. & Research, Burla
OIPR : 10187/11/0038/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
CAD-978
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
[illegible]
ଫାକ୍ସ (୦୬୭୪) [illegible], ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୨୧ **ବିଜ୍ଞାପନ** ତା : ୧୯.୬.୨୫

[illegible]

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | [illegible] | [illegible] (MIG-II-80/6) [illegible] | [illegible] |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0708/2526

Government of Odisha "e" procurement Notice
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
B-266
Bid Identification No. S. E. (R&B) KPT-06/2025-26

1. Name of the work : Building works
2. Total No. of works. : 05 Nos.
3. Estimated cost. : Rs. 7.29 to 18.27 Lakhs
4. Period of completion. : 01 (One) month
5. Date & Time of availability of bid document in the portal : From 10.07.2025 at 11.00 hours to 22.07.2025 upto 1700 hours
6. Last date/ Time for receipt of bids in the portal : 22.07.2025 upto 17.00 hours
7. Date of opening of Tender : 23.07.2025 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in

Sd/- Superintending Engineer
Koraput (R&B) Division
OIPR : 34096/11/0023/2526

**OFFICE OF THE MUNICIPAL COUNCIL BRAJRAJNAGAR**
C-617
E-Procurement Notice
Bid Identification No.:- BRJNRM-02/2025-26.
Total No. of Works:- 20Nos.
Tender ID:-2025_ORULB_115053

Tender Value:- Rs.3.00 Lakhs to 19.90 Lakhs
Bid security:- Rs.3,000.00 to Rs.19,900.00
Tender opening date: - 15th July 2025,11:00 A.M.

Bidders are requested to participate in advance with their Class-II, Class-III and Class-IV Contractor DSC before the closing date.

Further details please visit : www.tendersodisha.gov.in

Sd/- Executive Officer
Brajrajnagar Municipality
OIPR : 13099/11/0059/2526

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
[illegible]
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax office, Berhampur-760011, Ganjam, Odisha
O-376
(E-Mail : serwbpr2004@yahoo.com, Tel No. : 0680-2404287)
E-Mail / E-despatch

**NOTICE**
FOR PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH "e"- Procurement
Bid identification No. Online Tender/10-2025-26/PMGSY/BPR

The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & Bridges under Pradhan Mantri Gram Sadak Yojana (Balance Work) in the districts of Ganjam for 02 (Two) number of packages with estimated cost totalling to Rs 7.58 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt, preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement. Dtd. 07.07.2025

Availability of Bid Documents and mode of submission: The bid document is available online and should be submitted online in www.pmgsvtenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 21.07.2025 upto 5.30 P.M For further details and corrigendum (If any) please log on to www.pmgsvtenders.gov.in.

Sd/- Chief Construction Engineer
R.W. Circle, Berhampur
OIPR : 25071/11/0102/2526

C-616
**OFFICE OF THE GENERAL MANAGER, WATCO DIVISION, CUTTACK**
Telephone/e-mail/FAX : 0671-2547115/gmwatcoctc@gmail.com
NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCO (W)-06/2025-26 Dtd. 02.07.2025

Name of the work : Supplying, installation, testing & commissioning of water purifier cooler (80/20 SS UV model) at different Hostel's inside SCBMCH, Cuttack.

1. Estimated Cost : Rs. 31.38 Lakhs (Approx.).
2. Period of Completion : 1 (One) Month.
3. Date & Time of Availability of Bid Document in the Portal : From 11 A.M. of dt. 07.07.2025 to 5.00 P.M. of dt. 15.07.2025.
4. Last date / time of receipt of bids in the portal : 15.07.2025 up to 05.00 P.M.
5. Date & time of opening of bids : 16.07.2025 at 12.30 P.M.
6. Name and address of the Officer Inviting Bid : The General Manager, WATCO Division, Cuttack-753003, Odisha, Ph. (0671) 2547115, email : gmwatcoctc@gmail.com
7. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

Sd/- General Manager,
WATCO Division, Cuttack
OIPR : 13170/11/0037/2526

# ଜଳ-ଜଙ୍ଗଲ-ଜମି ହକ ଲଢ଼େଇ ପାଇଁ ଓଡ଼ିଶାବାସୀ ପ୍ରସ୍ତୁତ ରୁହନ୍ତୁ

ଭୁବନେଶ୍ୱର,(ସବ୍ୟୁ): ଦେଶରେ ଜଳ-ଜଙ୍ଗଲ-ଜମି ପାଇଁ ବ୍ରିଟିଶ ବିରୁଦ୍ଧରେ ଲଢ଼ି ହଜାର ହଜାର ଆଦିବାସୀ ଶହୀଦ ହୋଇଛନ୍ତି । ସ୍ୱାଧୀନ ଭାରତରେ ପୁଣି ଆଦିବାସୀଙ୍କ ଜଳ-ଜଙ୍ଗଲ-ଜମିକୁ ଲୁଟ କରୁଥିବା ଲୁଟେରା ପୁଞ୍ଜିପତି ଓ ବିଜେପିର ମିଳିତ ଶକ୍ତି ବିରୁଦ୍ଧରେ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଆଦିବାସୀମାନେ ପ୍ରସ୍ତୁତ ହେବା ଦରକାର ବୋଲି ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟସ୍ତରୀୟ ବୈଠକରେ ଯୋଗଦେଇ ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିକ୍ରାନ୍ତ ଭୂରିଆ ଆହ୍ୱାନ ଦେଇଛନ୍ତି । ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶରେ ଶିଳ୍ପାୟନରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀ ମାନେ ଏକ ହୋଇ ବିସ୍ଥାପନ ବିରୁଦ୍ଧରେ ଲଢ଼େଇ କରିବାକୁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଜନତାଙ୍କୁ ମନ୍ତ୍ର ଦେଇଥିଲେ । ଆଦିବାସୀ ହକ ପାଇଁ ବିଧାନସଭା ଭିତରେ ଓ ବାହାରେ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମତବ୍ୟକ୍ତ କରିଥିଲେ ।

ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ମନ୍ତ୍ରୀ ହଳଧର କାର୍ଜି, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ପୂର୍ବତନ ସାଂସଦ ସଂକୁନ୍ତଳା ଲାଗୁରୀ, ହେମା ଗମାଙ୍ଗ, ଜୟରାମ ପାଙ୍ଗୀ, ନକୁଳ ନାୟକ, ବିଧାୟକ ଦାଶରଥି ଗମାଙ୍ଗ, ରାଜ୍ୟ ଅନୁସୂଚିତ ଜାତି ଅଧ୍ୟକ୍ଷ ମାନସ ମଲ୍ଲିକ, ଆଦିବାସୀ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜିକା ହାରାବତୀ ଗଣ୍ଡ, ପଛୁଆବର୍ଗ ରାଷ୍ଟ୍ରୀୟ ସଂଯୋଜକ ରାଜକିଶୋର ବାରିକ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଜନାର୍ଦ୍ଦନ ଦେହୁରୀ, ଜାକବ ପ୍ରଧାନ, ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୁିଁତ୍ତୀ, ପୂର୍ବତନ ପୋଲିସ ପ୍ରଶାସକ ଶ୍ୟାମସୁନ୍ଦର ହାଂସଦା, ଲକ୍ଷ୍ମୀଧର ସିଂ, ଅନିମା ମିଞ୍ଜ, ମୋହନ ହେମ୍ବ୍ରମ, ପ୍ରତିଭା ମଞ୍ଜରି ନାୟକ, ମୟୂରଭଞ୍ଜ ପଶ୍ଚିମ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ, ଜବାମଣି ଟୁଡୁ, ଅମିତା ବିଶ୍ୱାଳ, ସ୍ୱର୍ଣ୍ଣଲତା ବାନରା, ଗେରୋଟି ଖେସ, ପ୍ରମୋଦ ହେମ୍ବ୍ରମ, କ୍ଷୀରୋଦ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ ।




# ହାଇଦ୍ରାବାଦରେ ମାଲାବାରର ଅଳଙ୍କାର ଉତ୍ପାଦନ ୟୁନିଟ୍

ଭୁବନେଶ୍ୱର (ସବ୍ୟୁ): ୧୩ଟି ଦେଶରେ ୪୦୦ ରୁ ଅଧିକ ଶୋ'ରୁମ୍ ସହିତ ବିଶ୍ୱସ୍ତରରେ ୫ମ ସର୍ବବୃହତ ଅଳଙ୍କାର ଖୁଚୁରା ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ତେଲେଙ୍ଗାନାର ହାଇଦ୍ରାବାଦରେ ଏହାର ସର୍ବବୃହତ ଅତ୍ୟାଧୁନିକ, ସମ୍ପୂର୍ଣ୍ଣ ସମନ୍ୱିତ ଅଳଙ୍କାର ଉତ୍ପାଦନୟୁନିଟ୍ ଆରମ୍ଭ କରିଛି । ମହେଶ୍ୱରମିନ୍ ରଙ୍ଗା ରେଡ୍ଡୀ ଜିଲ୍ଲାର ଜେନେରାଲ ପାର୍କରେ ଅବସ୍ଥିତ ଏବଂ ୩.୪୫ ଲକ୍ଷ ବର୍ଗଫୁଟ ପରିବ୍ୟାପ୍ତ, ଏହି ପ୍ରକାରର ପ୍ରଥମ ସମନ୍ୱିତ ଉତ୍ପାଦନୟୁନିଟ୍ ଭାରତ ଏବଂ ଏମଇଇ ଦେଶଗୁଡ଼ିକରେ ଏହାର ୧୪ ଉତ୍ପାଦନୟୁନିଟ୍ ମଧ୍ୟରୁ ଗୋଷ୍ଠୀର ସର୍ବବୃହତ । ସମନ୍ୱିତ ଉତ୍ପାଦନ ସୁବିଧା ଡିଜାଇନ୍, ରିଫାଇନିଂ, ଉତ୍ପାଦନ, ଗୁଣବତ୍ତା ନିଶ୍ଚିତତା, ହଲମାର୍କିଂ, ଗୋଦାମ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନା ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଗୋଟିଏ ଛାତ ତଳେ ଆଣୁଛି । ଏହିୟୁନିଟର ବାର୍ଷିକ ଉତ୍ପାଦନ କ୍ଷମତା ୪.୭ ଟନରୁ ଅଧିକ ସୁନା ଅଳଙ୍କାର ଏବଂ ୧.୮ ଲକ୍ଷ କ୍ୟାରେଟ୍ ହୀରା ଅଳଙ୍କାର ସହିତ ବାର୍ଷିକ ୭୮ ଟନ୍ ସୁନା ବିଶୋଧନ କ୍ଷମତା ରହିଛି ଏବଂ ଏହା ୧୮ଟି ରାଜ୍ୟରୁ ୨,୭୫୦ ରୁ ଅଧିକ ଦକ୍ଷ କାରିଗରଙ୍କୁ ନିଯୁକ୍ତି ଦେଇ କାର୍ଯ୍ୟକ୍ଷମ ହୋଇଛିଛ ଏହିୟୁନିଟର୍ରେ ସ୍ଥାନୀୟ ଜନସଂଖ୍ୟାରୁ ୪୦% କର୍ମଚାରୀ ନିଯୁକ୍ତି ପାଇଛନ୍ତି ଏବଂ ସାମଗ୍ରିକ ପୁରୁଷ-ମହିଳା ଅନୁପାତ ୮୦:୨୦ ସହିତ କାର୍ଯ୍ୟକ୍ଷମ ଗଠନ ବଜାୟ ରଖନ୍ତି ।

ମାଲାବାର ଗପର ଅଧ୍ୟକ୍ଷ ଏମ୍. ପି. ଅହମ୍ମଦ, ଉପାଧ୍ୟକ୍ଷ ଅବଦୁଲ୍ ସଲାମ୍ କେ.ପି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ର ପରିଚାଳନା ନିର୍ଦ୍ଦେଶକ - ଇଣ୍ଡିଆ ଅପରେସନ୍ସ, ଆଶେର୍ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଷାଦ ଏ.କେ. ଏବଂ ମାଲାବାର ଗ୍ରୁପ୍ର ଅନ୍ୟାନ୍ୟ ବରିଷ୍ଠ ପରିଚାଳନା ଦଳର ସଦସ୍ୟ, ତେଲେଙ୍ଗାନା ସରକାରଙ୍କର ବିଶିଷ୍ଟ ବ୍ୟକ୍ତି ଏବଂ ଶୁଭେଚ୍ଛୁମାନଙ୍କ ଉପସ୍ଥିତିରେ ଜେନେରାଲ୍ ପାର୍କୟୁନିଟର ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା । ବର୍ଦ୍ଧିତ ଉତ୍ପାଦନ କ୍ଷମତାଗୁଡ଼ିକ ଭାରତ ଏବଂ ଅନ୍ତର୍ଜାତୀୟ ବଜାରରେ ଏହାର ଆକ୍ରମଣାତ୍ମକ ଖୁଚୁରା ବିସ୍ତାରକୁ ଇନ୍ଧନ ଯୋଗାଇବ ଯାହା ଦୃଷ୍ଟିକୋଣ - 'ମେକ୍ ଇନ୍ ଇଣ୍ଡିଆ, ବଜାର ଟୁ ଦି ଓ୍ୱାର୍ଲ୍ଡ' ସହିତ ସଙ୍ଗତ ।



## ରାଜ୍ୟପାଳଙ୍କୁ ଭେଟିଲା ବିଜେଡ଼ି ଟିମ୍

# ରଥଯାତ୍ରା ବିଭ୍ରାଟ ନେଇ ବିଚାର ବିଭାଗୀୟ ତଦନ୍ତ ଦାବି

ଭୁବନେଶ୍ୱର, (ସବ୍ୟୁ): ଚଳିତବର୍ଷ ରଥଯାତ୍ରାରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ବିଜୁଜନତା ଦଳ ତରଫରୁ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ମାଧ୍ୟମରେ ଉଚ୍ଚନ୍ୟାୟାଳୟର ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ଦାବି ରଖାଯାଇଛି । ରଥଯାତ୍ରାର ବାକିଥିବା ନୀତି ଓ କାର୍ଯ୍ୟସୂଚୀ କିପରି ତ୍ରୁଟିଶୂନ୍ୟ ଭାବେ ଅନୁଷ୍ଠିତ ହେବ, ସେନେଇ ରାଜ୍ୟପାଳ ମହୋଦୟ ନିଜେ ହସ୍ତକ୍ଷେପ କରିତ୍ରୁଟି ଶୂନ୍ୟକରିବା ପାଇଁ ବିଜୁଜନତା ଦଳ ତରଫରୁ ଅନୁରୋଧ କରାଯାଇଛି ।

ଶୁକ୍ରବାର ପୂର୍ବାହ୍ନରେ, ବିଜୁଜନତା ଦଳର ବରିଷ୍ଠ ନେତୃତ୍ୱଙ୍କ ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍ପତିଙ୍କୁ ଭେଟି ଚଳିତବର୍ଷ ରଥଯାତ୍ରା ସମୟରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ବିଭ୍ରାଟ ସମ୍ପର୍କରେ ଆଲୋଚନା କରିବା ସହିତ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ପବିତ୍ର ରଥଯାତ୍ରା ସମୟରେ ଘଟିଥିବା ଅବ୍ୟବସ୍ଥା କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ମନରେ ଗଭୀର ଆଘାତ ଦେଇଛି ବୋଲି ସ୍ମାରକପତ୍ରରେ କୁହାଯାଇଛି । ରାଜ୍ୟ ବିଜେପି ସରକାରଙ୍କ ବେପରୁଆ ମନୋଭାବ ଓ ସମ୍ବେଦନହୀନତା ଯୋଗୁଁ ଏ ବର୍ଷ ରଥଯାତ୍ରା ଦିନ ଭିଡ଼ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡିଥିଲା, ପରିଣାମ ସ୍ୱରୂପ ପ୍ରଥମ ଦିନ ରଥଟଣା ସମୟରେ ୭୫୦ ଜଣ ଭକ୍ତ ଆହତ ହୋଇଥିଲେ । ସେହିପରି, ଗୁଣ୍ଡିଚାମନ୍ଦିର ସମ୍ମୁଖରେ ତିନି ରଥ ଠିଆ ହୋଇଥିବା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ନଥିବା କାରଣରୁ ଭକ୍ତମାନଙ୍କ ଭିତରେ ଦଳାଚକଟା ହୋଇ ୩ ଜଣ ପ୍ରାଣ ହରାଇଥିଲେ । ରଥଯାତ୍ରା ଦିନ ଭୁବନେଶ୍ୱରରୁ ରଥଯାତ୍ରାର ସମ୍ବାଦ ସଂଗ୍ରହ ପାଇଁ ଯାଇଥିବା ବରିଷ୍ଠ ସାମ୍ବାଦିକମାନଙ୍କ ପାଖରେ କର୍ଡନ ପାସ ଥିବା ସତ୍ତ୍ୱେ କର୍ଡନ ଭିତରକୁ ଛଡାଯାଇ ନଥିଲା, ଓଲଟି ପୋଲିସ ମାଡରେ୬ ଜଣ ବରିଷ୍ଠ ସାମ୍ବାଦିକ ଆହତ ହୋଇଥିଲେ । ସେହିପରି ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ରହିବା କାରଣରୁ ଦେଶ ବିଦେଶରୁ ଆସିଥିବା ଭକ୍ତମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାଜ୍ୟସରକାରଙ୍କ ଦ୍ୱାରା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ଡନ ପାସ୍ ମୁଖ୍ୟତଃ ବିଜେପି କର୍ମୀମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ପାସ୍ଧାରୀମାନେ କର୍ଡନ ଭିତରେ ଅଧିକ ଭିଡ଼ କରିବା କାରଣରୁ ରଥଟଣାରେ ବ୍ୟାପକ ବିଭ୍ରାଟ ଦେଖିବାକୁ ମିଳିଥିଲା ।

ସ୍ମାରକପତ୍ରରେ ଆହୁରି କୁହାଯାଇଛି, ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା କମିଟିର ମିଆଦ ଦୀର୍ଘ ୯ ମାସପୂର୍ବରୁ ଶେଷହୋଇଯାଇଛି । ଏହାର ନୂତନ ପରିଚାଳନା କମିଟି ନଥିବାରୁ, ଶ୍ରୀମନ୍ଦିର ଦୀର୍ଘ ୯ ମାସ ହେଲା ବିନା ପରିଚାଳନା କମିଟିରେ ପରିଚାଳିତ ହେଉଛି । ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସ୍ମାରକପତ୍ରରେ ରଥଯାତ୍ରା ବିଭ୍ରାଟକୁ ନେଇ ଦଳ ତରଫରୁ ଦିଆଯାଇଥିବା ବିଭିନ୍ନ ଅଭିଯୋଗ ଉପରେ ରାଜ୍ୟପାଳଙ୍କୁ ସୂଚନା ଦେଇଥିଲେ । ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅରୁଣସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଅଶୋକ ପଣ୍ଡା, ଚନ୍ଦ୍ରଶେଖର ସାହୁ, କଳିକେଶ ନାରାୟଣ ସିଂଦେଓ, ପ୍ରୀତିରଂଜନ ଘଡେଇ, ସୁଲୋଚନା ଦାସ, ସୁଭାଶିଷ ଖୁଣ୍ଟିଆ ଓ ସୁନିଲ ମହାନ୍ତି ପ୍ରମୁଖ ରାଜ୍ୟପାଳଙ୍କ ସହିତ ରଥଯାତ୍ରା ବିଭ୍ରାଟ ସଂପର୍କରେ ମତବିନିମୟ କରିଥିଲେ ।

# ବଳକା ରବିଧାନ ସଂଗ୍ରହ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବୀପତ୍ର

ଭୁବନେଶ୍ୱର,(ସବ୍ୟୁ): ରବିଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବକେୟା ସମସ୍ତ ଚାଷୀଙ୍କଠାରୁ ସରକାର ତୁରନ୍ତ ସବୁ ଧାନ କ୍ରୟ କରନ୍ତୁ । ଶୁକ୍ରବାର ଏହି ମର୍ମରେ କଂଗ୍ରେସ ପକ୍ଷରୁ ଅଖିଳ ଭାରତ କଂଗ୍ରେସ କମିଟି କିଷାନ କଂଗ୍ରେସର ଜାତୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଯୋଗାଣ ଓ ସାଧାରଣ ବିଭାଗ ବନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ନିକଟକୁ ଚାଷୀଙ୍କ ଏହି ସମସ୍ୟା ଜଣାଇ ଏକ ଦାବୀପତ୍ର ପଠାଇଛନ୍ତି । କାରଣ ରାଜ୍ୟ ସରକାର ପଞ୍ଜୀକରଣ ସମୟରେ ଚାଷୀଙ୍କଠାରୁ ସମସ୍ତ ବଳକା ଧାନକ୍ରୟ କରିବା ସହିତ ଗୋଟିଏ ହେଲେ ଟୋକନ ଲାଂ କରିବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଚଳିତ ଥର ରବି ଧାନ ଭଲ ଅମଳ ହେଲା । କିନ୍ତୁ ଏବେ ସୁଦ୍ଧା ରାଜ୍ୟର ବିଭିନ୍ନ ଅଞ୍ଚଳରେ ୨୫ହଜାରରୁ ଉର୍ଦ୍ଧ୍ୱର୍ ପଞ୍ଜିକୃତ ଚାଷୀଙ୍କଠାରୁ ଧାନକ୍ରୟ କରାଯାଇ ନାହିଁ । ଜାଣିଶୁଣି ଟାର୍ଗେଟ କମାଇ ଦିଆଗଲା । ମିଲରମାନେ ମଣ୍ଡିରୁ ଧାନ ଉଠାଇଲେ ନାହିଁ । ଅନେକ ଟୋକନ ଲାଂ କଲା । ଫଳରେ ଚାଷୀ ନାହିଁ ନ ଥିବା ହିନସ୍ତା ଭୋଗୁଛନ୍ତି । ରାଜ୍ୟ ଯୋଗାଣ ମନ୍ତ୍ରୀ ଚାଷୀଙ୍କର ସମସ୍ତ ବଳକା ଧାନ କ୍ରୟ କରାଯିବା ପାଇଁ ବାରମ୍ବାର କହୁଥିବା ବେଳେ ଗତ ଜୁନ୍ ୩୦ରେ ଅବଧି ଶେଷ । ଏବେ ଚାଷୀ କରିବେ କ'ଣ? ତେଣୁ କେନ୍ଦ୍ର ସରକାର ଚାଷୀଙ୍କ ହିତ ଦୃଷ୍ଟିରୁ ରବି ଧାନ ବିକିବା ପାଇଁ ପଞ୍ଜୀକୃତ କରିଥିବା ସମସ୍ତ ବକେୟା ଚାଷୀଙ୍କଠାରୁ ତୁରନ୍ତ ରବିଧାନ ସଂଗ୍ରହ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ କଂଗ୍ରେସ ପକ୍ଷରୁ ଜାତୀୟ ସଂଯୋଜକ ଶ୍ରୀପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି । ଏଥି ପୂର୍ବରୁ ଶ୍ରୀ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଓଇଏସ୍ ଆନୁକୂଲ୍ୟରେ ବନ ମହୋତ୍ସବ

# 'ସବୁଜିମାର ବୃଦ୍ଧି ପରିବେଶ ସମସ୍ୟାର ପ୍ରମୁଖ ପ୍ରତିକାର'

ଭୁବନେଶ୍ୱର, (ସବ୍ୟୁ): ଓଡିଶା ପରିବେଶ ସମିତି (ଓଇଏସ୍) ଆନୁକୁଲ୍ୟରେ ଚଳିତ ବର୍ଷର ବନ ମହୋତ୍ସବ କାର୍ଯ୍ୟକ୍ରମ ବରମୁଣ୍ଡାସ୍ଥିତ ରାଜଧାନୀ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ସରୋଜକାନ୍ତ ଚୌଧୁରୀଙ୍କର ଅଧ୍ୟକ୍ଷତାରେ 'ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଇଏସ୍ର କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଓଇଏସ୍ ସଦସ୍ୟମାନଙ୍କ ଯୋଗଦାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ଼. ପ୍ରିୟଦର୍ଶିନୀ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ବର୍ଦ୍ଧିତ ପରିବେଶ ସମସ୍ୟା ପରିପ୍ରେକ୍ଷୀରେ ବନ ମହୋତ୍ସବ ସପ୍ତାହ ପାଳନର ତାତ୍ପର୍ଯ୍ୟ ଏବଂ ଏଥିରେ ସମସ୍ତଙ୍କର ଯୋଗଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଡ଼. ପାଣିଗ୍ରାହୀ ପ୍ରକୃତି ଓ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି ବ୍ୟକ୍ତ କରିଥିଲେ ଯେ ଜଳବାୟୁ ପରିବର୍ତ୍ତନ, ପରିସଂସ୍ଥା ଓ ଜୈବବିବିଧତାର ଅବକ୍ଷୟ ଏବଂ ବିବିଧ ପ୍ରଦୂଷଣକୁ ପ୍ରତିହତ କରିବା ନିମନ୍ତେ ଶ୍ରେଷ୍ଠ ପ୍ରତୀକାରାତ୍ମକ ପନ୍ଥା ହେଉଛି ବର୍ତ୍ତମାନ ବିଦ୍ୟମାନ ଥିବା ଜଙ୍ଗଲସବୁର ସଂରକ୍ଷଣ ଏବଂ ବ୍ୟାପକ ଚାରରୋପଣ ମାଧ୍ୟମରେ ସବୁଜିମା ସୃଷ୍ଟିକୁ ପ୍ରସାରିତ କରିବା । ଅଧ୍ୟକ୍ଷ ଡ଼. ଚୌଧୁରୀ ଛାତ୍ରଛାତ୍ରୀମାନଙ୍କୁ ସବୁଜ ସୈନିକ ଭାବରେ ପରିବେଶର ସୁରକ୍ଷା ନିମନ୍ତେ ନିଜର ପ୍ରତିବଦ୍ଧତା ପ୍ରକାଶ ନିମନ୍ତେ ତଥା ନିଜ ନିଜର ଜନ୍ମ ଦିବସରେ ପ୍ରତ୍ୟେକ ଏକ ଚାରରୋପଣ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମକୁ ସହାୟତା କରିଥିବା ଭୁବନେଶ୍ୱର ମାରୱାଡ଼ି ମହିଳା ସମିତିର ସଭାପତି ଜୁହି ଅଗ୍ରୱାଲ ପରିବେଶ ସୁରକ୍ଷାରେ ସମସ୍ତଙ୍କର ଯୋଗଦାନକୁ ଗୁରୁତ୍ୱ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପ୍ରାଣୀବିଜ୍ଞାନ ଅଧ୍ୟାପିକା ଅପରାଜିତା ମହାପାତ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଇଏସ୍ କୋଷାଧ୍ୟକ୍ଷ ପ୍ର. ବି ସୀତାରାମ ପାତ୍ର । ରମେଶ ଚନ୍ଦ୍ର ପଣ୍ଡା ଏବଂ ପର୍ଶୁରାମ ପଣ୍ଡାଙ୍କ ପରିଚାଳନାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ପରିଶେଷରେ ମହାବିଦ୍ୟାଳୟ ପରିସରରେ ଚାରରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁସଂଖ୍ୟାରେ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ ।



### ନୀଳଗିରି ବିଧାୟକଙ୍କ ନାଁରେ ଏତଲା

ଭୁବନେଶ୍ୱର,(ସବ୍ୟୁ): ନୀଳଗିରି ବିଧାୟକଙ୍କ ନାଁରେ ଭୁବନେଶ୍ୱର ମହିଳା ଥାନାରେ ଏତଲା ଦେଇଛନ୍ତି ବିଜେଡ଼ିନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ତାଙ୍କ ବିରୋଧରେ ବିଧାୟକ ସନ୍ତୋଷ ଖଟୁଆ ଅଶାଳୀନ ମନ୍ତବ୍ୟ ଦେଇଥିବା ସେ ଏତଲା ଦର୍ଶାଇଛନ୍ତି। ଏତଲା ଦେବା ସହ ବିଧାୟକ ଶ୍ରୀ ଖଟୁଆ ତାଙ୍କ ଉପରେ ଦେଇଥିବା ମନ୍ତବ୍ୟର ଭିଡ଼ିଓ ମଧ୍ୟ ମହିଳା ଥାନାରେ ଦାଖଲ କରିଥିବା ସେ ଗଣମାଧ୍ୟମକୁ କହିଛନ୍ତି। ବିଜେଡ଼ି ପାର୍ଟି ଅଫିସରେ ଲେଖାଶ୍ରୀ ସାମନ୍ତରାୟ ସାମ୍ବାଦିକ ସମ୍ମିଳନୀ କରି ନୀଳଗିରି ସମସ୍ୟା ଉପରେ ମନ୍ତବ୍ୟ ଦେବା ସହ ବିଧାୟକଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ କରିଥିଲେ। ଏକଥା ଗଣମାଧମରୁ ବିଧାୟକ ସନ୍ତୋଷ ଖଟୁଆ ଜାଣିବା ପରେ ସାମ୍ବାଦିକଙ୍କୁ ଡାକି ଲେଖାଶ୍ରୀଙ୍କ ଉପରେ ମନ୍ତବ୍ୟ ରଖିଥିଲେ। ସେ ଯେଉଁ ମନ୍ତବ୍ୟ ରଖିଥିଲେ ସେଥିରେ ଲେଖାଶ୍ରୀଙ୍କ ଚରିତ୍ର ସ୍ଖଳନ କରିଥିବା ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଏପରିକି ଅଶାଳୀନ ମନ୍ତବ୍ୟ ଦେଇ ଲେଖାଶ୍ରୀଙ୍କ ସାମାଜିକ ପ୍ରତିଷ୍ଠା ନଷ୍ଟ କରିଛନ୍ତି ବୋଲି ଲେଖା ଶ୍ରୀ ଗଣମାଧ୍ୟମକୁ କହିବା ସହ ଏତଲା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ନାରୀ ସମାଜର ସମ୍ମାନ ରକ୍ଷା ପାଇଁ ଲଢ଼େଇ ଜାରି ରହିବ: ବିଜେଡି



ଭୁବନେଶ୍ୱର, (ସବ୍ୟୁ): ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯେଉଁଳି ବିଜେଡିର ମୁଖପାତ୍ର ତଥା ବାଲେଶ୍ୱର ସାଂସଦ ପ୍ରାର୍ଥୀ ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଗଣମାଧ୍ୟମ ସମ୍ମୁଖରେ ବ୍ୟକ୍ତିଗତ ଆକ୍ଷେପ କରି ତାଙ୍କ ଚରିତ୍ର ଉପରେ ଅରୁଚିକର ଟିପ୍ପଣୀ ଦେଇଥିଲେ, ଯାହା ଓଡ଼ିଶାର ସମସ୍ତ ନାରୀ ସମାଜ ପାଇଁ ଏକ ଲଜ୍ଜାକର ଘଟଣା ଅଟେ। ଶ୍ରୀ ଖଟୁଆଙ୍କ ବକ୍ତବ୍ୟକୁ ବିରୋଧ କରି ଡ଼ ସାମନ୍ତସିଂହାର ଆଜି ଭୁବନେଶ୍ୱର ସ୍ଥିତ ମହିଳା ଥାନାରେ ଶ୍ରୀ ଖଟୁଆଙ୍କ ବିରୋଧରେ ଏତଲା ଦାୟର କରିଥିଲେ। ତାଙ୍କ ସହିତ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ କ୍ୟାପଟେନ ମନ୍ମଥ ରାଉତରାୟ, ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ପ୍ରିୟବ୍ରତ ମାଝୀ, ମୁଖପାତ୍ର ଶ୍ରୀ ଦ୍ୟୁମ୍ନନାଥ ପଣ୍ଡା, ଶ୍ରୀମତୀ ଇପ୍ସିତା ସାହୁ, ସୋଫିଆ ଆଲାମ୍, ଅରୂପ ଶ୍ରୀଚନ୍ଦନ, ନାରାୟଣ ଜେନା, ଶ୍ରୀମତୀ ଲୋରା ମହାପାତ୍ର, ଅଂଶୁ ତ୍ରିପାଠୀ, ଶ୍ରୀମତୀ ଭାରତୀ ସିଂ, ଶ୍ରୀମତୀ ମାନସୀ ସୁନ୍ଦରାୟ, ଶ୍ରୀମତୀ ଇଲା ସ୍ୱାଇଁ, ଶ୍ରୀମତୀ ମହାମାୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଇନର ହୁଇଲ କ୍ଲବ୍ ପକ୍ଷରୁ

# ୟୁନିଟ ୬ ନମ୍ବର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ୧୨ ଗୋଟି ଇନର ହୁଇଲ କ୍ଲବ ମିଳିତ ସହଯୋଗରେ ଗୁରୁବାର ପୂର୍ବାହ୍ନରେ ୟୁନିଟ ୬ ସ୍ଥିତ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇନର୍ ହୁଇଲ ଡିଷ୍ଟ୍ରିକ୍ଟ ଚେୟାରମେନ ମଧୁସ୍ମିତା ତ୍ରିପାଠୀ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ୧୪୦ ଟି ଚାରା ରୋପଣ କରାଯାଇ ଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ସମ୍ପର୍କିତ ଏକ ସଭା ଆୟୋଜନ କରା ଯାଇ ଥିଲା । ଛାତ୍ରୀ ମାନଙ୍କ ମଧ୍ୟରେ ବୃକ୍ଷ ରୋପଣର ଉପାଦେୟତା ବିଷୟରେ ଆଲୋକପାତ କରାଯଇଥିଲା । ଏହି ବନ ମହୋତ୍ସବରେ ଆନ୍ତର୍ଜାତୀୟ ଇନରହୁଇଲ ପୂର୍ବତନ ଚେୟାରମେନ ମମତା ଗୁପ୍ତା, ସନ୍ଧ୍ୟାରାଣି ମିଶ୍ର, ସମ୍ପାଦକ ପୁଷ୍ପା ହରିଚନ୍ଦନ, ଆରତୀ ବଡ଼ପଣ୍ଡା, ଯୋଗଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲବର ୮୦ ଜଣ ସଭ୍ୟା ଉପସ୍ଥିତ ଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ସହର ବିଭିନ୍ନ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଇଛି ।

### ଆଶୀର୍ବାଦ ଲୁଣ 'ଆୟୋଡିନ ର ତିଳକ'ରଥ ଯାତ୍ରା ଅଭିଯାନ ଭ୍ରାମ୍ୟମାଣ ଆକାରରେ ପହଞ୍ଚିଛି

ଭୁବନେଶ୍ୱର, (ସବ୍ୟୁ): ପୁରୀରେ 'ଜୟ ଜଗନ୍ନାଥ' ପବିତ୍ର ଧ୍ୱନିରେ ଗଗମ ପବନ ପ୍ରତିଧ୍ୱନିତ ହେଉଥିବାବେଳେ ଆଶୀର୍ବାଦ ଲୁଣ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ତାହାର 'ଆୟୋଡିନ ର ତିଳକ'ଅଭିଯାନ ସହିତ ପ୍ରତ୍ୟାବର୍ତ୍ତନ କରିଛି । ଚଳିତ ବର୍ଷ ଏହି ବ୍ରାଣ୍ଡ଼ଆ ୟୋଡିନର ଗୁରୁତ୍ୱ ସମ୍ପର୍କରେ ଜନସମୁଦାୟଙ୍କୁ ପ୍ରଶିକ୍ଷିତ କରିବା, ଏ ସମ୍ପର୍କିତ ଆଲୋଚନାକୁ ଆଗକୁ ବଢାଇବା ଏବଂ କାହାଣୀ କଥନର କଳା ଜରିଆରେ ଦର୍ଶକଙ୍କ ସହିତ ଭାବପ୍ରବଣ ଭାବରେ ଯୋଡି ହେବାକୁ ଏକ ଶକ୍ତିଶାଳୀ ନୂଆ ମାଧ୍ୟମ ପଥ ନାଟକ (ପ୍ରତ୍ୟକ୍ଷ ପଥପ୍ରାନ୍ତ ନାଟକ ପ୍ରଦର୍ଶନ) ଆରମ୍ଭ କରିଛି । ପଥପ୍ରାନ୍ତ ନାଟକ ରଥ ଯାତ୍ରାର କାହାଣୀ ଏବଂ ପ୍ରତିଦିନ ଆହାରରେ ଆୟୋଡିନର ଗୁରୁତ୍ୱକୁ ଏକତ୍ରିତ କରୁଛି । ଏହି ପ୍ରତ୍ୟକ୍ଷ ପ୍ରଦର୍ଶନ ସ୍ଥାନୀୟ ମଞ୍ଚ କଳାକାରମାନଙ୍କ ଦ୍ୱାରା ଅଭିନୀତ ହେଉଥିବାବେଳେ ଏଥିରେ ଜଣେ ମା' କିଭଳି ନିଜ ପିଲାର ସ୍କୁଲରେ ପ୍ରଦର୍ଶନକୁ ନେଇ ଚିନ୍ତିତ ଅଛନ୍ତି ଏବଂ ଡାକ୍ତର ସେମାନଙ୍କୁ ଆୟୋଡିନ ଅଭାବ ଦୂରକରିବା ଏବଂ ମସ୍ତିଷ୍କର ବିକାଶ ନିମନ୍ତେ ଆୟୋଡିନଯୁକ୍ତ ଲୁଣ ବ୍ୟବହାର ଉପରେ ପରାମର୍ଶ ଦେଉଛନ୍ତି ତାହା ପ୍ରଦର୍ଶିତ ହେଉଛି ।

## ଯକ୍ଷ୍ମା ଜୀବାଣୁ ଚିହ୍ନଟ ଅଭିଯାନ

# ସମ୍ ହସ୍ପିଟାଲ୍‌ରେ ମାଗଣାରେ ସିୱାଇ ଟିବି ପରୀକ୍ଷଣ ଉପଲବ୍ଧ

ଭୁବନେଶ୍ୱର, (ସବ୍ୟୁ): ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଅଭିଯାନ ପରିପ୍ରେକ୍ଷୀରେ ମଣିଷ ଶରୀରରେ ଯକ୍ଷ୍ମା ଜୀବାଣୁ ଚିହ୍ନଟ କରିବା ନିମନ୍ତେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ବିନା ମୂଲ୍ୟରେ ସିୱାଇ ଟିବି ଇନ୍‌ଟ୍ରାଡର୍ମାଲ ସ୍କିନ୍ ପରୀକ୍ଷଣ ଉପଲବ୍ଧ ହୋଇଛି ।

ସମ୍ ହସ୍ପିଟାଲ୍‌ରେ ଶୁକ୍ରବାର ଏ ସମ୍ପର୍କିତ ଏକ ସିଏମ୍‌ଇ ଆୟୋଜନ କରାଯାଇଥିବା ବେଳେ ଏ ବିଷୟରେ ସୂଚନା ଦେଇଛନ୍ତି ହସ୍ପିଟାଲ୍‌ର ରେସ୍ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ବନାନୀ ଜେନା । ଏହି ସିୱାଇ ଟିବି ଇନ୍‌ଟ୍ରାଡର୍ମାଲ ସ୍କିନ୍ ପରୀକ୍ଷଣ ଏକ ସ୍ୱଦେଶୀ କିଟ୍‌ରେ ଉପଲବ୍ଧ ଯାହାକି ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଛି । ଏହି କିଟ୍ ସାହାଯ୍ୟରେ କରାଯାଉଥିବା ପରୀକ୍ଷଣରେ ମଣିଷ ଶରୀରରେ କେତେ ପ୍ରତିଶତ ଯକ୍ଷ୍ମା ଜୀବାଣୁ ରହିଛି ତାହା ଜଣାପଡ଼ିବ ବୋଲି ପ୍ରଫେସର ଜେନା କହିଛନ୍ତି । ସମ୍ ହସ୍ପିଟାଲ୍‌ର ସେଂଟ୍ରାଲ ଲାବୋରେଟୋରୀରେ ଏହି ପରୀକ୍ଷା ଉପଲବ୍ଧ ଥିବା ବେଳେ ଜନସାଧାରଣ ମାଗଣାରେ ଏହି ପରୀକ୍ଷା କରାଇପାରିବେ ବୋଲି ପ୍ରଫେସର ଜେନା କହିଛନ୍ତି । ଏହି ପରୀକ୍ଷଣ ସମ୍ପର୍କରେ ଆୟୋଜିତ ସିଏମ୍‌ଇରେ ପଲମୋନାରୀ ମେଡିସିନ୍ ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) କ୍ଷୀରୋଦ ଚନ୍ଦ୍ର ସାହୁ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଯକ୍ଷ୍ମା ନିରାକରଣ ଚିକିତ୍ସା ନିମନ୍ତେ ଏହି ସିୱାଇ ଟିବି ପରୀକ୍ଷା ନିତାନ୍ତ ଆବଶ୍ୟକ ବୋଲି କହିଛନ୍ତି ସମ୍ ହସ୍ପିଟାଲ୍‌ର ମେଡିସିନ୍ ବିଭାଗର ପ୍ରଫେସର (ଡାକ୍ତର) ଲଳିତ କୁମାର ମେହେର । ଯେକୋ÷ଣସି ସୁସ୍ଥ ଲୋକ ମଧ୍ୟ ଏହି ପରୀକ୍ଷା କରାଇପାରିବା ସହ ୫ ବର୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କର ମଧ୍ୟ ଏହି ପରୀକ୍ଷା କରାଯାଇପାରିବ ବୋଲି ପ୍ରଫେସର ମେହେର କହିଛନ୍ତି ।



ବିଶେଷ କରି ଏଚ୍‌ଆଇଭି, ଯକୃତ, ବୃକକ୍ ଓ ଫୁସ୍‌ଫୁସ୍‌ରେ ସମସ୍ୟା ଥିବା ବ୍ୟକ୍ତିଙ୍କ ସମେତ କୌଣସି ପରିବାରର ସଦସ୍ୟ ଶ୍ୱାସ କିମ୍ବା ଯକ୍ଷ୍ମା ରୋଗୀ ହୋଇଥିଲେ ସେହି ପରିବାରର ଅନ୍ୟ ସଦସ୍ୟ ତଥା ତମାଖୁ ସେବନ ଓ ମଦ୍ୟପାନ କରୁଥିବା ବ୍ୟକ୍ତି ଏବଂ ମଧୁମେହ ରୋଗୀଙ୍କ ସମେତ ଜେଲ୍‌ର ଅନ୍ତେବାସୀ ଏବଂ ସ୍ୱାସ୍ଥ୍ୟସେବା କର୍ମୀମାନେ ଏହି ଟେଷ୍ଟ କରାଇ ନେବା ଉଚିତ୍ ବୋଲି ପ୍ରଫେସର ଜେନା କହିଛନ୍ତି । ଆୟୋଜିତ ସିଏମ୍‌ଇରେ ସମ୍ ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ ।

## ମହାକାଶରୁ ଛାତ୍ରଙ୍କୁ ଉତ୍ତର ଦେଲେ ଶୁଭାଂଶୁ



**ନୂଆଦିଲ୍ଲୀ:** ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ସ୍ପେସ୍ ଏକ୍ସର ଆକ୍ସିୟମ୍-୪ ମିଶନରେ ଯାଇ ମହାକାଶରେ ପହଞ୍ଚି ଯାଇଛନ୍ତି । ଶୁଭାଂଶୁ ଶୁକ୍ଲା ମହାକାଶରେ ପହଞ୍ଚିବା ମାତ୍ରେ ଭିଡିଓ କଲ୍ କରି ତାଙ୍କ ଅଭିଜ୍ଞତା ବିଷୟରେ ବିଶ୍ୱକୁ ଜଣାଇଥିଲେ ।ଶୁଭାଂଶୁ ଏହି ଅବିସ୍ମରଣୀୟ ଯାତ୍ରାର ଅଭିଜ୍ଞତା ବିଭିନ୍ନ ସ୍କୁଲର ପିଲାମାନଙ୍କ ସହିତ ବାଣ୍ଟିଛନ୍ତି ।ପିଲାମାନେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଉପସ୍ଥିତ ମହାକାଶଚାରୀ ଶୁକ୍ଲାଙ୍କ ସହ କଥା ହେବାର ସୁଯୋଗର ପୂର୍ଣ୍ଣ ସଦୁପଯୋଗ କରିଥିଲେ । ଏହି ବିରଳ ଆଲୋଚନାରେ ପିଲାମାନେ ମହାକାଶଚାରୀମାନେ କ'ଣ ଖାଆନ୍ତି? ସେମାନେ ମହାକାଶରେ କିପରି ଶୋଇଥାନ୍ତି? ଯଦି କେହି ଅସୁସ୍ଥ ହୋଇପଡ଼ନ୍ତି ତେବେ କ'ଣ ହୁଏ? ଶରୀର କିପରି ମହାକାଶ ସହିତ ଖାପ ଖାଏ ଏବଂ ପୃଥିବୀକୁ ଫେରିବା ପରେ ପରିବେଶ ସହିତ ପୁନର୍ବାର ଖାପ ଖାଇବାକୁ କେତେ ସମୟ ଲାଗିବ ଇତ୍ୟାଦି ବିଷୟରେ ଜାଣିବା ପାଇଁ ଆଗ୍ରହ ଦେଖାଇଥିଲେ । ଆଇଏସଏସରେ ଥିବା ଶୁକ୍ଲା ସିଟି ମୋଣ୍ଟେସୋରି ସ୍କୁଲର ଛାତ୍ରମାନେ ପଚାରୁଥିବା ପ୍ରଶ୍ନଗୁଡ଼ିକର ବିସ୍ତୃତ ଭାବେ ଗୋଟିଗୋଟି କରି ଉତ୍ତର ଦେଇଥିଲେ ।ମହାକାଶଚାରୀମାନେ କିପରି ଶୋଇଥାନ୍ତି ସେ ବିଷୟରେ ଛାତ୍ରମାନେ ପଚରିବାରୁ ଶୁକ୍ଲା କହିଲେ, ଏହା ପ୍ରକୃତରେ ମଜାଦାର... ତେଣୁ ଯଦି ଆପଣ କେବେ ଆଇଏସଏସକୁ ଆସନ୍ତି, ତେବେ କାହାକୁ କାନ୍ଥରେ ତ କାହାକୁ ଛାତ ଉପରେ ଶୋଇଥିବାର ଦେଖିବାକୁ ପାଇବେ । ସବୁ ସମୟରେ ଆମର 'ସ୍ଲିପିଂ ବ୍ୟାଗ' ପାଖରେ ଥାଏ । ଯାହାକୁ ବାନ୍ଧିବା ବହୁତ ଜରୁରୀ ହୋଇଥାଏ । ଏହାକୁ ବାନ୍ଧିବା ଦ୍ୱାରା ଆମେ ଯେଉଁ ସ୍ଥାନରେ ଥାଉ ସେହି ସ୍ଥାନରେ ହିଁ ରହିଥାଉ । ଏହି ପ୍ରଶ୍ନ ଉତ୍ତର ପର୍ଯ୍ୟାୟ ସମୟରେ ଯେତେବେଳେ ଜଣେ ଛାତ୍ର ଶୁକ୍ଲାଙ୍କୁ ପଚାରିଥିଲେ ଯେ ଯଦି ଜଣେ ଯାତ୍ରୀ ମହାକାଶରେ ଅସୁସ୍ଥ ହୋଇପଡ଼ନ୍ତି ତେବେ କ'ଣ ହେବ । ସେ ଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ଶୁକ୍ଲା କହିଥିଲେ ଯେ ଏପରି ପରିସ୍ଥିତିର ମୁକାବିଲା କରିବା ପାଇଁ ସେମାନଙ୍କ ସହିତ ପର୍ଯ୍ୟାପ୍ତ ଔଷଧ ରଖାଯାଇଛି । ସେହିପରି ଖାଇବାର ପାଇଁ ଆମ ପାଖରେ ବିଭିନ୍ନ ପ୍ରକାର ଖାଦ୍ୟ ମହଜୁଦ ଥାଏ । ପ୍ରତିଟି ମହାକାଶଚାରୀମାନେ ଏକ ସମୟ ପାଇଁ ଉତ୍ସାହର ସହିତ ଅପେକ୍ଷା କରନ୍ତି ତାହା ହେଉଛି ବାହାରକୁ ଯାଇ ମହାକାଶ ଏବଂ ପୃଥିବୀର ସୁନ୍ଦର ଦୃଶ୍ୟକୁ ଦେଖିବା ।

### ତ୍ରିନିଦାଦ ଏବଂ ଟୋବାଗୋରେ ମୋଦୀଙ୍କ ସମ୍ବୋଧନ

# ପ୍ରବାସୀ ଭାରତୀୟ ଆମର ଗର୍ବ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତ୍ରିନିଦାଦ ଏବଂ ଟୋବାଗୋରେ ଭାରତୀୟ ପ୍ରବାସୀମାନଙ୍କର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ତ୍ରିନିଦାଦ ଏବଂ ଟୋବାଗୋ ଗଣରାଜ୍ୟର ପ୍ରଧାନମନ୍ତ୍ରୀ କମଳା ପ୍ରସାଦ-ବିସେସାର, ତାଙ୍କ କ୍ୟାବିନେଟର ସଦସ୍ୟ, ସାଂସଦ ଏବଂ ଅନେକ ସମ୍ମାନିତ ବ୍ୟକ୍ତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରବାସୀମାନେ ଅସାଧାରଣ ଉତ୍ସାହ ସହିତ ସ୍ୱାଗତ କରିଥିଲେ ଏବଂ ଏକ ରଙ୍ଗୀନ ପାରମ୍ପରିକ ଭାରତ-ତ୍ରିନିଦାଦ ସ୍ୱାଗତ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କମଳା ପର୍ସାଦ ବିସେସର ଘୋଷଣା କରିଥିଲେ ଯେ ତ୍ରିନିଦାଦ ଏବଂ ଟୋବାଗୋ ତାଙ୍କୁ ସେମାନଙ୍କର ସର୍ବୋଚ୍ଚ ଜାତୀୟ ପୁରସ୍କାର, ଦି ଅର୍ଡର ଅଫ୍ ଦି ରିପବ୍ଲିକ୍ ଅଫ୍ ତ୍ରିନିଦାଦ ଆଣ୍ଡ ଟୋବାଗୋ ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ଏହି ସମ୍ମାନ ପାଇଁ ତାଙ୍କୁ ଏବଂ ତ୍ରିନିଦାଦ ତଥା ଟୋବାଗୋର ଜନସାଧାରଣଙ୍କୁ ହୃଦୟର ସହିତ କୃତଜ୍ଞତା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ, ପ୍ରଧାନମନ୍ତ୍ରୀ କମଳା ପର୍ସାଦ-ବିସେସରଙ୍କ ଉତ୍ସାହ ଏବଂ ଦୁଇ ଦେଶ ମଧ୍ୟରେ ସ୍ପନ୍ଦନଶୀଳ ଓ ସ୍ୱତନ୍ତ୍ର ସମ୍ପର୍କକୁ ମଜବୁତ କରିବାରେ ତାଙ୍କର ଅବଦାନ ପାଇଁ ଧନ୍ୟବାଦ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଯେତେବେଳେ ଦେଶ ଏହାର ଉପକୂଳରେ ଭାରତୀୟ ପ୍ରବାସୀମାନଙ୍କର ପ୍ରଥମ ଆଗମନର ୧୮୦ ବର୍ଷ ପାଳନ କରୁଛି, ସେତେବେଳେ ତାଙ୍କର ଐତିହାସିକ ଟି ଆଣ୍ଡ ଟି ଗସ୍ତ ଏହାକୁ ଆହୁରି ସ୍ୱତନ୍ତ୍ର କରିଛି । ପ୍ରଧାନମନ୍ତ୍ରୀ ଭାରତୀୟ ପ୍ରବାସୀମାନଙ୍କୁ ସେମାନଙ୍କର ସ୍ଥିରତା, ସାଂସ୍କୃତିକ ସମୃଦ୍ଧି ଏବଂ ତ୍ରିନିଦାଦ ଏବଂ ଟୋବାଗୋ ପ୍ରତି ସେମାନଙ୍କର ଅତୁଳନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀ ପ୍ରଶଂସା କରି କହିଥିଲେ ଯେ ତ୍ରିନିଦାଦ ଏବଂ ଟୋବାଗୋରେ ଥିବା ଭାରତୀୟ ପ୍ରବାସୀମାନେ ଏହାର ଭାରତୀୟ ସାଂସ୍କୃତିକ ମୂଳ ଏବଂ ପରମ୍ପରାକୁ ସଂରକ୍ଷଣ ଓ ପୋଷଣ କରିଚାଲିଛନ୍ତି । ଏହି ବନ୍ଧନକୁ ଆହୁରି ମଜବୁତ କରିବା ପାଇଁ, ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଏବେ ତ୍ରିନିଦାଦ ଏବଂ ଟୋବାଗୋରେ ଭାରତୀୟ ବଂଶୋଦ୍ଭବ ଲୋକଙ୍କ ଷଷ୍ଠ ପିଢ଼ିକୁ ଓସିଆଇ କାର୍ଡ ପ୍ରଦାନ କରାଯିବ । ଏହି ବିଶେଷ ପଦକ୍ଷେପକୁ ଜୋରଦାର କରତାଳି ସହିତ ସ୍ୱାଗତ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ସରକାର ଗିର୍ମିଟିଆ ଐତିହ୍ୟକୁ ସଂରକ୍ଷିତ କରିବା ପାଇଁ ଅନେକ ପଦକ୍ଷେପକୁ ସମର୍ଥନ କରିବ ।ପ୍ରଧାନମନ୍ତ୍ରୀ ଭିତ୍ତିଭୂମି, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସବୁଜ ପଥ, ମହାକାଶ, ନବସୃଜନ ଏବଂ ଷ୍ଟାର୍ଟ-ଅପ୍ କ୍ଷେତ୍ରରେ ଭାରତର ଦ୍ରୁତ ବିକାଶ ଏବଂ ପରିବର୍ତ୍ତନକୁ ଉଲ୍ଲେଖ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଗତ ଏକ ଦଶନ୍ଧିରେ ଭାରତ ୨୫୦ ନିୟୁତରୁ ଅଧିକ ଲୋକଙ୍କୁ ଅତି ଦାରିଦ୍ର୍ୟରୁ ମୁକ୍ତ କରି ସମନ୍ୱିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି । ଭାରତର ଅଭିବୃଦ୍ଧି କାହାଣୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ଦେଶ ଖୁବ୍ ଶୀଘ୍ର ବିଶ୍ୱର ଶ୍ରେଷ୍ଠ ତିନୋଟି ଅର୍ଥନୀତି ମଧ୍ୟରେ ସାମିଲ ହେବ । ଏଆଇ ସେମିକଣ୍ଡକ୍ଟର ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଉପରେ ଜାତୀୟ ମିଶନ ଦେଶର ଅଭିବୃଦ୍ଧିର ନୂତନ ଇଞ୍ଜିନ୍ ହେଉଛି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ତ୍ରିନିଦାଦ ଏବଂ ଟୋବାଗୋ ପ୍ରତିପକ୍ଷ ପ୍ରଧାନମନ୍ତ୍ରୀ କମଳା ପ୍ରସାଦ-ବିସେସରଙ୍କୁ ଅଯୋଧ୍ୟାରେ ରାମ ମନ୍ଦିରର ଏକ ପ୍ରତିକୃତି ପ୍ରଦାନ କରିଥିଲେ । ସେ ସରୟୁ ନଦୀ ଏବଂ ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭରୁ ଆସିଥିବା ପବିତ୍ର ଜଳ ମଧ୍ୟ ପ୍ରଦାନ କରିଥିଲେ ।



କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ମହାରାଷ୍ଟ୍ରର ପୁଣେସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡେମୀରେ ଶ୍ରୀମନ୍ତ ବାଜିରାଓ ପେଶ୍ୱା ପ୍ରଥମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି ।

## ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବକୁ ପୁଟିନଙ୍କ ପ୍ରତ୍ୟାଖ୍ୟାନ

**ମସ୍କୋ:** ତିନି ବର୍ଷ ଧରି ଚାଲିଥିବା ରୁଷିଆ-ୟୁକ୍ରେନ ସଂଘର୍ଷରେ ମଧ୍ୟସ୍ଥତା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରୟାସ ଏପର୍ଯ୍ୟନ୍ତ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଦେଖାଇ ନାହିଁ ।ତେବେ ଏବେ ଟ୍ରମ୍ପଙ୍କୁ ବଡ଼ ଝଟକା ଲାଗିଛି । ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ପୂର୍ବରୁ ଆମେରିକାର ନିଃସର୍ତ୍ତ ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିସାରିଛନ୍ତି । ସାମ୍ପ୍ରତିକ ଆଲୋଚନା ପରେ ମଧ୍ୟ, ରୁଷିଆର ମନୋଭାବରେ ପରିବର୍ତ୍ତନ ହେବାର କୌଣସି ସଙ୍କେତ ମିଳିନାହିଁ । ୟୁକ୍ରେନ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ମଧ୍ୟ କ୍ରେମଲିନ୍ ଏହାକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିଲା । ଗୁରୁବାର ଦିନ ପୁଟିନ ଏବଂ ଟ୍ରମ୍ପ ପ୍ରାୟ ଏକ ଘଣ୍ଟା ଧରି ଫୋନ୍ ମାଧ୍ୟମରେ କଥାବାର୍ତ୍ତା କରିଥିଲେ । କିନ୍ତୁ ଆଲୋଚନା ପରିସ୍ଥିତିକୁ ପରିବର୍ତ୍ତନ କରିପାରି ନଥିଲା । ପୁଟିନ ସ୍ପଷ୍ଟ କରିଥିଲେ ଯେ, ରୁଷିଆ ନିଜର ମିଶନ ସମାପ୍ତ ନହେବା ପର୍ଯ୍ୟନ୍ତ ସଂଘର୍ଷ ବନ୍ଦ କରିବ ନାହିଁ । କ୍ରେମଲିନ୍ ଅନୁଯାୟୀ ପୁଟିନ୍ ଟ୍ରମ୍ପଙ୍କୁ କହିଥିଲେ, ରୁଷିଆ ଏହି ଯୁଦ୍ଧର ମୂଳ କାରଣଗୁଡ଼ିକୁ ଦୂର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ପୁଟିନ ୟୁକ୍ରେନର ନୀତି ଏବଂ ପାଶ୍ଚାତ୍ୟ ହସ୍ତକ୍ଷେପକୁ ଉଲ୍ଲେଖ କରିଥିଲେ , ଯାହାକୁ ରୁଷିଆ ଏହି ଯୁଦ୍ଧର କାରଣ ଭାବରେ ବାରମ୍ବାର ଉଲ୍ଲେଖ କରିଛି । ପୁଟିନ୍ କହିଥିଲେ ଯେ, ମୂଳ କଟି ନଯିବା ପର୍ଯ୍ୟନ୍ତ ସଂଘର୍ଷ ବନ୍ଦ ହେବ ନାହିଁ । ଆଲୋଚନାରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଅସ୍ତ୍ରବିରତି ପାଇଁ ଦାବିକୁ ଦୋହରାଇଥିଲେ । ସେ ପୁଟିନଙ୍କୁ କହିଥିଲେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ଅସ୍ତ୍ରବିରତି ଆବଶ୍ୟକ, ଯାହା ଦ୍ୱାରା ଜୀବନ ଏବଂ ସମ୍ପତ୍ତି କ୍ଷୟକ୍ଷତିକୁ ରୋକାଯାଇପାରିବ । ଏହି ଆଲୋଚନା ଏପରି ଏକ ସମୟରେ ହୋଇଛି, ଯେତେବେଳେ ଆମେରିକା ୟୁକ୍ରେନକୁ କିଛି ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ଜୋ ବାଇଡେନ ସରକାର ସମୟରେ ପ୍ରତିଶ୍ରୁତି ଦିଆଯାଇଥିବା ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ଏବଂ ସଠିକ୍ ମାର୍ଗଦର୍ଶିତ ତୋପକୁ ବର୍ତ୍ତମାନ ପାଇଁ ବନ୍ଦ କରିଦିଆଯାଇଛି । ରୁଷିଆର ଆକ୍ରମଣ ତୀବ୍ର ହୋଇଛି ଏବଂ ୟୁକ୍ରେନର ପରିସ୍ଥିତି ଅଧିକ କଷ୍ଟକର ହେବାରେ ଲାଗିଛି । ଚଳିତ ବର୍ଷ ଟ୍ରମ୍ପ ଏବଂ ପୁଟିନଙ୍କ ମଧ୍ୟରେ ଏହା ଷଷ୍ଠ ଆଲୋଚନା ଥିଲା । ଦୁଇ ନେତା ରୁଷିଆ-ଆମେରିକା ସମ୍ପର୍କ, ମଧ୍ୟପ୍ରାଚ୍ୟ ପରିସ୍ଥିତି ଏବଂ ଏହି ସମସ୍ତ ପ୍ରସଙ୍ଗ ଉପରେ ଖୋଲାଖୋଲି ଆଲୋଚନା କରିଥିଲେ । ପୁଟିନ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଦେବାରେ ଆମେରିକାର ଅନିଚ୍ଛା ଉପରେ କୌଣସି ମନ୍ତବ୍ୟ ଦେଇ ନଥିଲେ ।



## ବରବେଶରେ ମୋଦିଙ୍କୁ ସ୍ୱାଗତ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରେ ଅଛନ୍ତ । ଏହି ଗସ୍ତ ସମୟରେ ମୋଦୀ ପ୍ରଥମେ ଦକ୍ଷିଣ ଆଫ୍ରିକାର ଘାନାରେ ଯାଇ ପହଞ୍ଚିଥିଲେ । ଘାନାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ଅନେକ ସାଂସଦ ଭାରତୀୟ ପୋଷାକ ଧୋତି-କୁର୍ତ୍ତା ଏବଂ ଶାଢ଼ି ପିନ୍ଧି ସଂସଦରେ ପହଞ୍ଚିଥିଲେ । ଏହି ହୃଦୟସ୍ପର୍ଶୀ ଘଟଣାର ସୁନ୍ଦର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି,ଯାହାକୁ ଲୋକେ ଭୁରିଭୁରି ପ୍ରଶଂସା କରୁଛନ୍ତି । ଭାଇରାଲ ହେଉଥିବା ଭିଡିଓରେ ଜଣେ ମହିଳା ସାଂସଦ ଲେହେଙ୍ଗା ପିନ୍ଧିଥିବା ବେଳେ ଜଣେ ପୁରୁଷ ସାଂସଦ ବର ପରି ସଜେଇ ହୋଇ ଶେରୱାନି ଏବଂ ପଗଡି ପିନ୍ଧି ସଂସଦରେ ପହଞ୍ଚିଥିଲେ । ଘାନାର ଏହି ସାଂସଦଙ୍କୁ ଭାରତୀୟ ପୋଷାକରେ ସଜେଇ ହୋଇଥିବା ଦେଖି ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ବେଶ ଖୁସି ହୋଇଯାଇଥିଲେ ।

## ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ନେଇ ବିବାଦ ତେଜିଲା

**ନୂଆଦିଲ୍ଲୀ:** ଦଲାଇଲାମାଙ୍କ ଉତ୍ତରାଧିକାରୀଙ୍କୁ ବେଜିଂ ଅନୁମୋଦନ କରିବା ଉଚିତ ବୋଲି ଚୀନରେ ଦାବି ଉପରେ ଭାରତ ଗୁରୁବାର ତୀବ୍ର ଆପତ୍ତି ଉଠାଇ କହିଛି ଯେ ତିବ୍ବତୀୟ ଆଧ୍ୟାତ୍ମିକ ନେତାଙ୍କ ବ୍ୟତୀତ ଅନ୍ୟ କାହାର ଉତ୍ତରାଧିକାରୀ ଚୟନ କରିବାର ଅଧିକାର ନାହିଁ । କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏକ ବିବୃତିରେ କହିଛନ୍ତି ଯେ ଦଲାଇଲାମାଙ୍କ ସ୍ଥିତି କେବଳ ତିବ୍ବତୀୟଙ୍କ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱରେ ଥିବା ତାଙ୍କର ସମସ୍ତ ଅନୁଗାମୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଉତ୍ତରାଧିକାରୀ ଚୟନ କରିବାର ଅଧିକାର କେବଳ ଦଲାଇଲାମାଙ୍କର ରହିଛି । ଦଲାଇଲାମାଙ୍କ ୯୦ତମ ଜନ୍ମଦିନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରିଜିଜୁ ଓ ଜନତା ଦଳ (ୟୁନାଇଟେଡ୍) ନେତା ଲଲନ ସିଂହ ଭାରତ ସରକାରଙ୍କ ପ୍ରତିନିଧି ଭାବେ ଧର୍ମଶାଳା ଗସ୍ତ କରୁଛନ୍ତି । ଏହା ସମ୍ପୂର୍ଣ୍ଣ ଭାବେ ଏକ ଧାର୍ମିକ ଅବସର ବୋଲି ରିଜିଜୁ କହିଛନ୍ତି । ନିର୍ବାସିତ ତିବ୍ବତୀୟ ଆଧ୍ୟାତ୍ମିକ ନେତା ଦଲାଇଲାମାଙ୍କ ୬୦୦ ବର୍ଷ ପୁରୁଣା ଅନୁଷ୍ଠାନ ତାଙ୍କ ମୃତ୍ୟୁ ପରେ ମଧ୍ୟ ଜାରି ରହିବ ଏବଂ ପଞ୍ଚଦଶ ଦଲାଇଲାମାଙ୍କ ଚୟନ ସମ୍ପୂର୍ଣ୍ଣ ଭାବେ ଦଲାଇଲାମାଙ୍କ ସରକାରୀ କାର୍ଯ୍ୟାଳୟ ଗାଡେନ ଫୋଡ୍ରାଙ୍ଗ ଟ୍ରଷ୍ଟ ଉପରେ ନିର୍ଭର କରିବ ବୋଲି ସେ କହିବା ପରେ କେନ୍ଦ୍ରମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି । ଦଲାଇଲାମାଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଏକ ବିବୃତିରେ କୁହାଯାଇଛି ଯେ ଭବିଷ୍ୟତର ଦଲାଇଲାମାଙ୍କୁ ମାନ୍ୟତା ମିଳିବାର ପ୍ରକ୍ରିୟା ୨୪ ସେପ୍ଟେମ୍ବର ୨୦୧୧ରେ ସ୍ପଷ୍ଟ ଭାବରେ ସ୍ଥାପିତ ହୋଇଛି, ଯେଉଁଥିରେ କୁହାଯାଇଛି ଯେ ଏହା କରିବାର ଦାୟିତ୍ୱ କେବଳ ଗାଡେନ ଫୋଡ୍ରଙ୍ଗ ଟ୍ରଷ୍ଟର ସଦସ୍ୟଙ୍କ ଉପରେ ରହିବଛ ତେବେ ଏହାକୁ ବେଜିଂ ଅନୁମୋଦନ ଦେବା ଦରକାର ବୋଲି ଚୀନ୍ ଜୋର ଦେଇଛି । ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୀନରେ ଆଇନ ଓ ନିୟମାବଳୀ ସହ ଧାର୍ମିକ ରୀତିନୀତି ଓ ଐତିହାସିକ ପରମ୍ପରାକୁ ପାଳନ କରିବା ଆବଶ୍ୟକ ବୋଲି ଦେଶର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି । ୧୯୫୯ ମସିହାରୁ ଦଲାଇଲାମା ଭାରତରେ ନିର୍ବାସିତ ଜୀବନ ବିତାଉଛନ୍ତି, ବେଜିଂ ତାଙ୍କୁ ବିଚ୍ଛିନ୍ନତାବାଦୀ ବୋଲି ଆଖ୍ୟା ଦେଉଥିବା ବେଳେ ଦଲାଇଲାମାଙ୍କୁ ଅହିଂସା, ସମବେଦନା ଓ ସେମାନଙ୍କ ସାଂସ୍କୃତିକ ଓ ଧାର୍ମିକ ପରିଚୟ ରକ୍ଷା ପାଇଁ ତିବ୍ବତୀୟ ଲୋକଙ୍କ ସଂଘର୍ଷର ପ୍ରତୀକ ଭାବେ ବିଶ୍ୱବ୍ୟାପୀ ଦେଖାଯାଉଛି ।

## ମୋଦିଙ୍କୁ 'ଅର୍ଡର୍ ଅଫ୍ ଦ ରିପବ୍ଲିକ୍ ଅଫ୍ ତ୍ରିନିଦାଦ୍ ଆଣ୍ଡ ଟୋବାଗୋ' ସମ୍ମାନ

**ନୂଆଦିଲ୍ଲୀ:** ପୋର୍ଟ ଅଫ୍ ସ୍ପେନ୍ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ତ୍ରିନିଦାଦ ଓ ଟୋବାଗୋର ରାଷ୍ଟ୍ରପତି ଖ୍ରୀଷ୍ଟିନ୍ କାର୍ଲା କଙ୍ଗାଲୁ ଓଆରଟିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ଦେଶର ସର୍ବୋଚ୍ଚ ଜାତୀୟ ସମ୍ମାନ 'ଅର୍ଡର୍ ଅଫ୍ ଦ ରିପବ୍ଲିକ୍ ଅଫ୍ ତ୍ରିନିଦାଦ୍ ଆଣ୍ଡ ଟୋବାଗୋ'ରେ ସମ୍ମାନିତ କରିଛନ୍ତି । ଅସାଧାରଣ ରାଷ୍ଟ୍ରନୀତିଜ୍ଞ କ୍ଷମତା, ଗ୍ଲୋବାଲ ସାଉଥର ପ୍ରାଥମିକତାକୁ ସମର୍ଥନ କରିବା ତଥା ଭାରତ ଏବଂ ତ୍ରିନିଦାଦ ଓ ଟୋବାଗୋ ସମ୍ପର୍କକୁ ମଜବୁତ କରିବା କ୍ଷେତ୍ରରେ ତାଙ୍କର ଅସାଧାରଣ ଯୋଗଦାନ ନିମନ୍ତେ ଶ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ୧୪୦ କୋଟି ଦେଶବାସୀଙ୍କ ତରଫରୁ ସମ୍ମାନକୁ ସ୍ୱୀକାର କରି, ପ୍ରଧାନମନ୍ତ୍ରୀ ଏହାକୁ ଦୁଇ ଦେଶର ଦୃ ବନ୍ଧୁତାକୁ ଉତ୍ସର୍ଗ କରିଛନ୍ତି ।



### କେରଳ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ମିଥ୍ୟ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଗ୍ରହଣୀୟ ନୁହେଁ

**ନୂଆଦିଲ୍ଲୀ:** କେରଳ ହାଇକୋର୍ଟ ବିବାହିତା ମହିଳାମାନଙ୍କୁ ନେଇ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି । ହାଇକୋର୍ଟଙ୍କ କହିବାନୁସାରେ, 'ଏଣିକି ଜଣେ ବିବାହିତା ମହିଳା ଅଭିଯୋଗ କରିପାରିବେ ନାହିଁ ଯେ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରାଯାଇଥିଲା, କାରଣ ଯେତେବେଳେ ପକ୍ଷମାନଙ୍କ ମଧ୍ୟରୁ ଜଣେ ପୂର୍ବରୁ ବିବାହିତ ହୋଇଥିବେ ସେତେବେଳେ ଏପରି ପ୍ରତିଶ୍ରୁତିର କୌଣସି ଆଇନଗତ ବୈଧତା ନାହିଁ । ସୂଚନାଯୋଗ୍ୟ, ଜଣେ ବିବାହିତ ମହିଳାଙ୍କଠାରୁ ୨.୫ ଲକ୍ଷ ଟଙ୍କା ଋଣ ନେଇ ତାଙ୍କ ବ୍ୟକ୍ତିଗତ ଫଟୋ ଏବଂ ଭିଡିଓ ଲିକ୍ କରିବାକୁ ଧମକ ଦେଇ ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଜାମିନ ପ୍ରଦାନ କରିବା ସମୟରେ କେରଳ ହାଇକୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି । ଜାମିନ ଆବେଦନର ଶୁଣାଣି କରି ବିଚାରପତି ବେଚୁ କୁରିଆନ ଥମାସ କହିଛନ୍ତି ଯେ,. ' ଅଭିଯୋଗଟି ମୁଖ୍ୟତଃ ଏକ ଆର୍ଥିକ ବିବାଦରୁ ଉଭା ହୋଇଥିବା ପରି ମନେ ହେଉଛି । ଜୁନ୍ ୧୩ ତାରିଖରେ ଗିରଫ ହୋଇଥିବା ଅଭିଯୁକ୍ତ କହିଥିଲେ,'ଯୌନ ନିର୍ଯାତନା ଅଭିଯୋଗ କରି ମୋତେ ଟଙ୍କା ଫେରସ୍ତ କରିବାକୁ ବାଧ୍ୟ କରାଯାଇଥିଲା । 'ଭାରତୀୟ ନ୍ୟାୟ ସଂହିତାର ଧାରା ୬୯କୁ ଉଲ୍ଲେଖ କରି କୋର୍ଟ କହିଛନ୍ତି ଯେ,' ଏପରି ବ୍ୟବସ୍ଥା ଏଠାରେ ଲାଗୁ ହୋଇପାରିବ ନାହିଁ, କାରଣ ମହିଳା ପୂର୍ବରୁ ବିବାହିତ ଥିବା ସମୟରେ ବିବାହ କରିବାକୁ ପ୍ରତିଶ୍ରୁତି ଦେବାର ଧାରଣା ଆଇନଗତ ଭାବରେ ବିଦ୍ୟମାନ ନାହିଁ ।




### ପ.ବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲା

## ବଳାତ୍କାରୀକୁ ଆଜୀବନ କାରାଦଣ୍ଡ

**କୋଲକାତା:** ପଶ୍ଚିମବଙ୍ଗର ମାଲଦାର ଦ୍ୱିତୀୟ ପକ୍ସୋ କୋର୍ଟ ବିଦ୍ୱାନ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ଦୋଷୀସାବ୍ୟସ୍ତ ରଫିକୁଲ ଇସଲାମ ଭେଲୁକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ପ୍ରାୟ ୯ ବର୍ଷ ବୟସର ଜଣେ ନାବାଳିକାଙ୍କୁ ୨୦୨୧ଜୁନ୪ ତାରିଖ ଦିନ ଜିଲ୍ଲା ମାଣିକଚକରେ ଦୁଷ୍କର୍ମ କରାଯାଇଥିବାର ଅଭିଯୋଗ ହୋଇଥିଲା । ସେତେବେଳେ ଏହି ମାମଲାର ତଦନ୍ତ ସିବିଆଇ ଉପରେ ନ୍ୟସ୍ତ କରାଯାଥିଲା । ତଦନ୍ତରୁ ଜଣାପଡିଛି ଯେପୀଡିତା ନାବାଳିକାକୁ ଅଭିଯୁକ୍ତ ରଫିକୁଲ ଇସଲାମ ଭେଲୁ ୪.୦୬.୨୦୨୧ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତଙ୍କ ଆମ୍ବ ବଗିଚାରେ ଟଙ୍କା ଲୋଭ ଦେଖାଇ ଖେଳୁଥିବା ସମୟରେ ବଳାତ୍କାର କରିଥିଲେ ।ବଳାତ୍କାରର ଘଟଣା ପୀଡିତାଙ୍କ ସମ୍ପର୍କୀୟା ଭଉଣୀ ଦେଖିଥିଲେ । ପୀଡିତା ଏବଂ ପ୍ରତ୍ୟକ୍ଷଦର୍ଶୀ ଉଭୟ ଟ୍ରାଏଲ୍ କୋର୍ଟରେ ବଳାତ୍କାର ଘଟଣା ବିଷୟରେ ଦୃଢ଼ ଭାବରେ ବୟାନ ଦେଇଥିଲେ ।ଗତ ୨ ତାରିଖରେ କୋର୍ଟ ଅଭିଯୁକ୍ତ ରଫିକୁଲ ଇସଲାମଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ପ୍ରକାଶ କରିଥିଲେ । କୋର୍ଟ ଆହୁରି ନିର୍ଦ୍ଦେଶ ଦେଇଛନ୍ତି ଯେ ପଶ୍ଚିମବଙ୍ଗ ରାଜ୍ୟ 'ପିଡିତ କ୍ଷତିପୂରଣ ପାଣ୍ଠି'ରୁ ପୀଡିତାକୁ ୩ ଲକ୍ଷ ଟଙ୍କା ପ୍ରଦାନ କରିବ ।

# ୱିମ୍ବଲଡନ

## ଚତୁର୍ଥ ରାଉଣ୍ଡରେ ଆନିସିମୋଭା, କାର୍ଟାଲ, ସିଏରା




ଲଣ୍ଡନ, ୪ା୭ (ଏଜେନ୍ସି) : ବର୍ଷାର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟରେ ହଟଚମଟ ଜାରି ରହିଛି। ଏଥର ସିଡେଡ୍‌ଙ୍କ ତୁଳନାରେ ଅଣସିଡେଡ୍ ଖେଳାଳି ଚମତ୍କାର ପ୍ରଦର୍ଶନ ଦେଖାଇ ବିପର୍ଯ୍ୟୟ ଘଟାଉଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ଗୁଡ଼ିକରେ ଇଂଲଣ୍ଡର ସୋନେ କାର୍ଟାଲ, ଆମନ୍ଦା ଆନିସିମୋଭା, ସୋଲାନା ସିଏରା ଏବଂ ଆନାଷ୍ଟାସିଆ ପାଭଲେଚେଙ୍କୋଭା ଜମାଣିଆ ବିଜୟ ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ଜାପାନର ନାଓମି ଓସାକା ଆତ୍ମସମର୍ପଣ କଲାପରି ଖେଳୁଛନ୍ତି। ଆନାଷ୍ଟାସିଆ ଏବଂ ଓସାକାଙ୍କ ମଧ୍ୟରେ ଏହି ଲଢ଼େଇ ହୋଇଥିଲା। ୩ ସେଟ୍ ବିଶିଷ୍ଟ ଏହି ରାଉଣ୍ଡରେ ଓସାକା ୬-୩ରେ ପ୍ରଥମ ସେଟ୍ ଜିତି ଆଧିପତ୍ୟ ବିସ୍ତାର କରିଥିଲେ। କିନ୍ତୁ ପରବର୍ତ୍ତୀ ଦୁଇଟି ସେଟ୍‌ରେ ଆନାଷ୍ଟାସିଆ ଜମାଣିଆ ପ୍ରଦର୍ଶନ କରି ଓସାକାଙ୍କୁ ଆତ୍ମସମର୍ପଣ ପାଇଁ ବାଧ କରିଥିଲେ। ଆନାଷ୍ଟାସିଆ ଦ୍ୱିତୀୟ ଓ ତୃତୀୟ ସେଟ୍‌କୁ ୬-୪, ୬-୪ରେ ଅକ୍ତିଆର କରି ଶ୍ରେଷ୍ଠ ୧୬ରେ ପ୍ରବେଶ କରିଛନ୍ତି। ଫଳରେ ଚଳିତ ବର୍ଷ ୱିମ୍ବଲଡନର ତୃତୀୟ ରାଉଣ୍ଡରୁ ନାଓମି ଓସାକାଙ୍କ ଅଭିଯାନ ଶେଷ ହୋଇଛି। ତୃତୀୟ ରାଉଣ୍ଡର ଅନ୍ୟ ଏକ ମ୍ୟାଚ୍‌ରେ ସୋଲାନା ସିଏରା ଓ କ୍ରିଷ୍ଟିନା ବୁକ୍‌ସା ଭୋଟାଭେଟି ହୋଇଥିଲେ। ଏହି ମ୍ୟାଚ୍‌ରେ ସିଏରା ୭-୫, ୧-୬, ୬-୧ ସେଟ୍‌ରେ କ୍ରିଷ୍ଟିନା ବୁକ୍‌ସାଙ୍କୁ ଧରାଶାୟୀ କରି ଏହି ବିଜୟ ସହ ସିଏରା ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଇଂଲଣ୍ଡର ସୋନାୟ କାର୍ଟାଲ ୬-୪, ୬-୨ ସିଧାସଳଖ ସେଟ୍‌ରେ ଡିଆନେ ପରିଙ୍କୁ ପରାଜିତ କରି ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆମନ୍ଦା ଆନିସିମୋଭା ୬-୩, ୫-୭, ୬-୩ ସେଟ୍‌ରେ ଡାଲ୍‌ମା ଗଲ୍‌ଫିଙ୍କୁ ପରାଜିତ କରି ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଗୁରୁତର ଆଘାତରୁ ବର୍ତ୍ତିଲେ ଗିଲ୍




ଏଜବଷ୍ଟନ, ୪ା୭ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳର ଅଧିନାୟକ ଶୁଭମନ ଗିଲ୍ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦ୍ୱିଶତକ ମାରି ଭାରତ ପାଇଁ ଇତିହାସ ରଚିଥିବା ଗିଲ୍ ଇଂଲଣ୍ଡ ବ୍ୟାଟିଂ ବେଳେ ସ୍ଲିପ୍‌ରେ ଫିଲ୍ଡିଂ କରୁଥିଲେ। ହ୍ୟାରି ବ୍ରୁକ୍ ଆକ୍ରମଣାତ୍ମକ ଶୈଳୀରେ ବ୍ୟାଟିଂ ପ୍ରଦର୍ଶନ କରୁଥିଲେ। ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ବ୍ରୁକ୍ ଏକ ବଡ଼ ସଟ୍ ଖେଳିଥିଲେ ମଧ୍ୟ ତାହା ବ୍ୟାଟ୍‌ରେ ଠିକ୍ ଭାବେ ସଂଯୋଗ ନହୋଇ ସ୍ଲିପ୍ ଆଡ଼କୁ ଯାଇଥିଲା। ବଲ୍‌ର ବେଗ ଏତେ ଜୋର୍‌ରେ ଥିଲା ଯେ ତାହା ଯାଇ ଗିଲ୍‌ଙ୍କ ମୁଣ୍ଡରେ ବାଜିଥିଲା। ସୌଭାଗ୍ୟବଶତ ବଲ୍ ତାଙ୍କ ଆଖିରେ ବାଜି ନଥିଲା। ନହେଲେ ବଡ଼ କ୍ଷତି ହୋଇଥାନ୍ତା। ପରୀକ୍ଷଣ ପରେ ଗିଲ୍ ବିପଦମୁକ୍ତ ବୋଲି ଜଣାପଡ଼ିଛି। ଭାରତ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ୍‌ରେ ୫୮୭ ରନ କରିଥିଲା। ଇଂଲଣ୍ଡ ଚା-ପାନ ବିରତି ସୁଦ୍ଧା ୭୫ ଓଭରରେ ୫ୱିକେଟ ହରାଇ ୩୫୫ ରନ କରିଛି।

# ବର୍ମିଂହାମ ଟେଷ୍ଟ: ଇଂଲଣ୍ଡର କଡ଼ା ଜବାବ

## ସମ୍ମାନ ରଖିଲେ ବ୍ରୁକ୍, ସ୍ମିଥ୍




ଏଜବଷ୍ଟନ, ୪ା୭ (ଏଜେନ୍ସି) : ପୁଣିଥରେ ଭାରତୀୟ ବୋଲିଂ ଓ ଫିଲ୍ଡିଂ ବର୍ଗର ଦୁର୍ବଳତା ପଦାରେ ପଡ଼ିଛି। ଢିଲା ବୋଲିଂ ସାଙ୍ଗକୁ ଏକାଧିକ କ୍ୟାଚ୍ ହାତଛଡ଼ା କରିବା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ପ୍ରଥମ ଇନିଂସ୍‌ରେ ଭାରତ ୫୮୭ ରନର ବଡ଼ ସ୍କୋର କରିଥିଲେ ମଧ୍ୟ ଇଂଲଣ୍ଡକୁ ଘେରିବାରେ ସଫଳ ହୋଇପାରିନି ଭାରତ। ହ୍ୟାରି ବ୍ରୁକ୍ ଓ ଜାମି ସ୍ମିଥ୍‌ଙ୍କ ମଧ୍ୟରେ ଷଷ୍ଠ ୱିକେଟ ପାଇଁ ୩୦୩ ରନର ପାର୍ଟନରସିପ୍ ହୋଇଛି। ଫଳରେ ଭାରତ ହାତରୁ ମ୍ୟାଚ୍ ଘୁଞ୍ଚୁଘୁଞ୍ଚୁ ଯାଉଛି। ଏକଦା ୮୪ ରନ୍‌ରେ ୫ ୱିକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିବା ଇଂଲଣ୍ଡ ପାଇଁ ବ୍ରୁକ୍ ଓ ସ୍ମିଥ୍ ତ୍ରାଣକର୍ତ୍ତା ସାଜିଥିଲେ। ଇଂଲଣ୍ଡ ପ୍ରଥମ ପାଳିରେ ୪୧୭ ରନ କରି ଅଲଆଉଟ୍ ହୋଇଥିଲା। ଶେଷ ଖବର ସୁଦ୍ଧା ଭାରତ ୮ ଓଭରରେ ୧ ୱିକେଟ ହରାଇ ୫୧ ରନ କରିଛି। ଯଶସ୍ୱୀ ଜୟସ୍ୱାଲ ୨୮ ରନ କରି ପାଭିଲିଅନ ଫେରିଛନ୍ତି। ରାହୁଲ ୨୨ ରନରେ ଅପରାଜିତ ଅଛନ୍ତି।

ମ୍ୟାଚ୍‌ର ତୃତୀୟ ଦିନ ଅସମାପ୍ତ ଇନିଂସ୍ ୭୭/୩ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଜୋ ରୁଟ୍ ୧୮ ଓ ବ୍ରୁକ୍ ୩୦ ରନ କରି ଅପରାଜିତ ଥିଲେ। ଭଲ ଲୟରେ ଥିବା ମହମ୍ମଦ ସିରାଜ ତୃତୀୟ ଦିନର ପ୍ରଥମ ୱିକେଟ ଭାବେ ଜୋ ରୁଟ୍‌ଙ୍କୁ ଆଉଟ କରିଥିଲେ। ରୁଟ୍ ୨୨ ରନ କରି ପାଭିଲିଅନ ଫେରିଥିଲେ। ପରବର୍ତ୍ତୀ ବଲ୍‌ରେ ଅଧିନାୟକ ବେନ୍‌ଷ୍ଟୋକ୍ସ ପନ୍ତଙ୍କ ହାତରେ ଧରାପଡ଼ିଥିଲେ। କ୍ରମାଗତ ଦୁଇଟି ୱିକେଟ ପତନ ଯୋଗୁ ୮୪ ରନ୍‌ରେ ୫ ୱିକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଏହି ସମୟରେ ଦଳ ପାଇଁ ଏକ ବଡ଼ ଇନିଂସ୍‌ର ଆବଶ୍ୟକତା ଥିଲା। ହ୍ୟାରି ବ୍ରୁକ୍ ଓ ଜାମି ସ୍ମିଥ୍ ଏହି ଭୂମିକା ତୁଲାଇଥିଲେ। ଜାଡେଜା ଓ ଶୁଭମନ ଗିଲ୍‌ଙ୍କ ମଧ୍ୟରେ ଷଷ୍ଠ ୱିକେଟ୍ ପାଇଁ ଯେଉଁ ଲମ୍ବା ପାର୍ଟନରସିପ୍ ହୋଇଥିଲା, ସେହିଭଳି ଏକ ପାର୍ଟନରସିପ୍ ଇଂଲଣ୍ଡ ଇନିଂସ୍‌ରେ ଦେଖିବାକୁ ମିଳିଥିଲା। ବ୍ରୁକ୍ ଓ ସ୍ମିଥ୍‌ଙ୍କ ମଧ୍ୟରେ ଷଷ୍ଠ ୱିକେଟ୍ ପାଇଁ ୩୦୩ ରନର ଭାଗୀଦାରି ହୋଇଥିଲା। ବ୍ରୁକ୍ ୨୩୪ ବଲ୍‌ରୁ ୧୭ ଚୌକା ଓ ଗୋଟିଏ ଛକା ସହାୟତାରେ ୧୫୮ ରନ କରି ଆକାଶଦୀପ୍‌ଙ୍କ ଇନ୍‌ସୁଇଂ ବଲ୍‌ରେ କ୍ଲିନ୍‌ବୋଲ୍ଡ ହୋଇଥିଲେ। କିନ୍ତୁ ସ୍ମିଥ୍‌ଙ୍କ ଇନିଂସ ଆଗକୁ ବଢ଼ିଥିଲା। ସେ ୧୯୧ ବଲ୍‌ର ସମ୍ମୁଖୀନ ହୋଇ ୨୦ଟି ଚୌକା ଓ ୩ଟି ଛକା ସହାୟତାରେ ୧୭୧ ରନ କରି ଖେଳ ଜାରି ରଖିଥିଲେ।

ଇଂଲଣ୍ଡ ଇନିଂସର ୧୦୦ ରନ୍ ୨୪.୧ ଓଭରରେ ପୂରଣ ହୋଇଥିଲା। ବ୍ରୁକ୍ ୭୩ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିଭଳି ୩୧.୪ ଓଭରରେ ଇଂଲଣ୍ଡ ୧୫୦ ରନ ପୂରଣ ହୋଇଥିଲା। ସ୍ମିଥ୍ ୪୩ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ୩୮.୩ ଓଭରରେ ଇଂଲଣ୍ଡ ଇନିଂସ୍‌ର ୨୦୦ ରନ ପୂରଣ ହୋଇଥିଲା। ସ୍ମିଥ୍ ୮୦ ବଲ୍‌ରୁ ଶତକ ହାସଲ କରି ଭାରତୀୟଙ୍କୁ କଡ଼ା ଜବାବ ଦେଇଥିଲେ। ମଧ୍ୟାହ୍ନଭୋଜନ ବିରତି ବେଳକୁ ଇଂଲଣ୍ଡ ୪୭ ଓଭରରେ ୫ ୱିକେଟ ହରାଇ ୨୪୯ ରନ ସଂଗ୍ରହ କରିଥିଲା। ବ୍ରୁକ୍ ୧୩୭ ବଲ୍‌ରୁ ଶତକ ପୂରଣ କରିଥିଲେ। ଇଂଲଣ୍ଡ ଇନିଂସ୍‌ର ୩୦୦ ରନ ୫୯.୫ ଓଭରରେ ପୂରଣ ହୋଇଥିଲା। ଚା-ପାନ ବିରତି ସୁଦ୍ଧା ଇଂଲଣ୍ଡ ୭୫ ଓଭରରେ ୫ ୱିକେଟ ହରାଇ ୩୫୫ ରନ କରିଥିଲା। ମ୍ୟାଚ୍‌ର ୮୨.୨ ଓଭରରେ ହ୍ୟାରି ବ୍ରୁକ୍‌ଙ୍କୁ ଆଉଟ କରି ଆକାଶଦୀପ୍ ଏହି ଯୋଡ଼ି ଭାଙ୍ଗିବାରେ ସଫଳ ହୋଇଥିଲେ। ସ୍ମିଥ୍ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୧୮୪ ରନ କରିଥିଲେ। ଇଂଲଣ୍ଡ ୮୯.୩ ଓଭରରେ ୪୦୭ ରନ କରି ଅଲଆଉଟ ହୋଇଛି। ଅର୍ଶଦୀପଙ୍କୁ ୪ଟି ଓ ମହମ୍ମଦ ସିରାଜଙ୍କୁ ୬ଟି ୱିକେଟ ମିଳିଥିବାବେଳେ ସ୍ପିନର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କୁ ଆଦୌ ସଫଳତା ମିଳିନାହିଁ।

## ଜାତୀୟ ତାଏକୋଣ୍ଡୋ : ଅପରୂପାଙ୍କୁ ୨ ପଦକ

ସୋର, ୪ା୭ (ସବ୍ୟୁ) : ଦେବଭୂମି ଉତ୍ତରାଖଣ୍ଡ ହରିଦ୍ୱାରରେ ଆୟୋଜିତ ୪୨ ତମ ଜାତୀୟ ତାଏକଣ୍ଡୋ ପ୍ରତିଯୋଗିତାରେ ତାଏକଣ୍ଡୋ ଆସୋସିଏସନ୍ ଅଫ ଓଡ଼ିଶାର ସମ୍ପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ତତତ୍ୱାବଧାନରେ ଓଡ଼ିଶା ଦଳ ସର୍ବମୋଟ ୨୮ ଟି ପଦକ ଜିତିଥିବା ବେଳେ ସୋରର ଝିଅ ଅପରୂପା ଜେନା ୨ ଟି ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି । ସେ ଖେରୋଗିରେ କଯାଡେଟ ବର୍ଗର ଅଣ୍ଡର ୪୯ କେଜି ବିଭାଗରେ ଗୋଟିଏ କାଂସ୍ୟ ପଦକ ଜିତିଥିବା ବେଳେ ପୋମସି ହ୍ୱାଇଟ୍ ବିଭାଗରେ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି । ଦୀର୍ଘ ୨ ବର୍ଷର ନିରନ୍ତର ପ୍ରଚେଷ୍ଟା ସହିତ ପ୍ରଥମ ପ୍ରୟାସ ରେ ସେ ଏହି ସଫଳତା ପାଇଛନ୍ତି । ଏହି ଅବସରରେ ସୋର ତହସିଲଦାର ଦୈତାରି ମଲ୍ଲିକ, ଦେବେନ୍ଦ୍ର ପ୍ରସାଦ ଟ୍ରଷ୍ଟର ସଭାପତି ଅଞ୍ଜଳୀ ଦାସ ଓ ଉକ୍ତ ଟ୍ରଷ୍ଟର ସମ୍ପାଦକ ଚିନ୍ମୟନନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ଅପରୂପାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସେ ତାଙ୍କର ଏହି ସଫଳତାର ଶ୍ରେୟ ତାଙ୍କର ଜେଜେବାପା ଏବଂ ବ୍ରାଭୋ ତାଏକକୋଣ୍ଡୋ ଏକାଡେମୀର କୋଚ୍ ଓ ସମସ୍ତ ସହ ପ୍ରତିଯୋଗୀଙ୍କୁ ଦେଇଛନ୍ତି ।

## ନିୟମ ଭାଙ୍ଗିଲେ ଜାଡେଜା

ନୂଆଦିଲ୍ଲୀ, ୪ା୭ (ଏଜେନ୍ସି) : ଏଜବଷ୍ଟନ ଟେଷ୍ଟର ପ୍ରଥମ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିବା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏକ ବଡ଼ ଭୁଲ କରିଛନ୍ତି। ଏଥିପାଇଁ ତାଙ୍କୁ ଦଣ୍ଡିତ କରାଯାଇପାରେ। କାରଣ ସେ ବିସିସିଆଇର ନିୟମ ଭାଙ୍ଗିଥିବା କୁହାଯାଉଛି। ସମସ୍ତ ଖେଳାଳିଙ୍କ ପାଇଁ ବିସିସିଆଇର ନିୟମ ଭାରି କଠୋର। ଯଦି କେହି ଏହାକୁ ଭଙ୍ଗ କରନ୍ତି, ତେବେ ତାଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବାର ନଜିର ରହିଛି। ଏହାସତ୍ତ୍ୱେ ରବୀନ୍ଦ୍ର ଜାଡେଜା ବୋର୍ଡ଼ର ନିୟମ ଭଙ୍ଗ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।




ତେବେ ଜାଡେଜା କେଉଁ ନିୟମ ଭଙ୍ଗ କରିଛନ୍ତି ? ଅଷ୍ଟ୍ରେଲିଆ ଗସ୍ତ ପରେ ବିସିସିଆଇ ଖେଳାଳିଙ୍କ ପାଇଁ ନୂଆ ନିୟମ କରିଥିଲା। ଏହା ଅନୁଯାୟୀ କୌଣସି ଖେଳାଳି ଏକୁଟିଆ କୌଣସି ଷ୍ଟାଡିୟମକୁ ଯାଇପାରିବେ ନାହିଁ। ସମସ୍ତେ ଦଳ ବସ୍‌ରେ ଏକାଠି ଯାତ୍ରା କରିବେ। କିନ୍ତୁ ଜାଡେଜା ଏଜବଷ୍ଟନ ଟେଷ୍ଟ ସମୟରେ ଏହି ନିୟମ ଭାଙ୍ଗିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ଦିନ ଜାଡେଜା ଦଳୀୟ ବସ୍ ଛାଡ଼ି ହୋଟେଲରୁ ଷ୍ଟାଡିୟମ ଅଭିମୁଖେ ବାହାରିଯାଇଥିଲେ। ବସ୍‌ରେ ତାଙ୍କୁ ଦେଖିବାକୁ ନମିଳିବାରୁ ସମସ୍ତେ ଏହା ଜାଣିଛନ୍ତି। ତଥାପି ଦଳର ଲାଭ ପାଇଁ ଜାଡେଜା ନିୟମ ଭାଙ୍ଗିଥିବା କୁହାଯାଉଛି। ଏଜବଷ୍ଟନ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ରବୀନ୍ଦ୍ର ଜାଡେଜା ୪୧ ରନ କରି ଅପରାଜିତ ରହିଥିଲେ। ସେ ତାଙ୍କ ଇନିଂସକୁ ଲମ୍ବା କରିବା ପାଇଁ ଚାହୁଁଥିଲେ। କାରଣ ଲିଡ୍ସ ଟେଷ୍ଟ ପରାଜୟ ପରେ ଅନେକ କ୍ରିକେଟ ବିଶେଷଜ୍ଞ ଦଳରେ ଜାଡେଜାଙ୍କ ସ୍ଥାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହି କାରଣରୁ ଜାଡେଜା ଦ୍ୱିତୀୟ ଦିନ ସକାଳେ ଏକାକୀ ଷ୍ଟାଡିୟମ ପହଞ୍ଚି ଥିଲେ। ସେ ସ୍ଥାନୀୟ ବୋଲରଙ୍କ ସହିତ ନେଟ୍ସରେ ପ୍ରାୟ ୪୦ ମିନିଟ ଅଭ୍ୟାସ କରିଥିଲେ। ମ୍ୟାଚ୍ ସମୟରେ ଏହାର ଏକ ଝଲକ ଦେଖିବାକୁ ମିଳିଥିଲା। ଜାଡେଜା ପ୍ରଥମ ଇନିଂସ୍‌ରେ ୧୦ ଚୌକା ଓ ୧ ଛକା ସହାୟତାରେ ୧୩୭ ବଲ୍‌ରୁ ୮୯ ରନ୍‌ର ଇନିଂସ ଖେଳିଥିଲେ। ଅଧିନାୟକ ଶୁଭମନ ଗିଲ୍‌ଙ୍କ ସହିତ ଷଷ୍ଠ ୱିକେଟ ପାଇଁ ୨୦୩ ରନର ପାର୍ଟନରସିପ୍ କରି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଥିଲେ।

## ଗିଲ୍, ଜାଡେଜାଙ୍କୁ ପ୍ରଶଂସା କଲେ ସଚିନ



ନୂଆଦିଲ୍ଲୀ, ୪ା୭ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ଏଜବଷ୍ଟନ ଟେଷ୍ଟରେ ଶୁଭମନ ଗିଲ୍ ୨୬୯ ରନର ଐତିହାସିକ ଇନିଂସ ଖେଳିଥିଲେ। ଏହି ଇନିଂସ୍‌ରେ ସେ ୧୦ରୁ ଅଧିକ ରେକର୍ଡ଼ କରିଥିଲେ। ଏହାପରେ ସଚିନ ତେନ୍ଦୁଲକର ସୋସିଆଲ ମିଡିଆରେ ତାଙ୍କୁ ପ୍ରଶଂସା କରି ଏକ ପୋଷ୍ଟ କରିଥିଲେ। ଏହା ଉପରେ ଜଣେ ୟୁଜର୍ସ ସଚିନଙ୍କ ଝିଅ ସାରାଙ୍କ ବିବାହ ବିଷୟରେ ପ୍ରଶ୍ନ କରିଥିଲେ। ଶୁଭମନ ଗିଲ୍ ଏବଂ ସାରା ତେନ୍ଦୁଲକରଙ୍କ ବିଷୟରେ ବହୁଦିନ ଧରି ଗୁଜବ ଚାଲିଥିଲା। ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। କିନ୍ତୁ କିଛିଦିନ ପରେ ଏହାକୁ ଦୁହେଁ ଅସ୍ୱୀକାର କରିଥିଲେ। ସାରା କିମ୍ବା ଗିଲ୍ କେହି କେବେ ପ୍ରତିକ୍ରିୟା ଦେଇ ନାହାନ୍ତି। ସଚିନ ସୋସିଆଲ୍ ମିଡିଆରେ ଲେଖିଛନ୍ତି ଶୁଭମନ ଓ ରବୀନ୍ଦ୍ର ଜାଡେଜା ଯେଭଳି ଇନିଂସ୍ ଖେଳିଲେ ଓ ଦଳ ପ୍ରତି ଉଭୟଙ୍କର ପ୍ରତିବଦ୍ଧତା ଦେଖି ମୁଁ ବହୁତ ଖୁସି ହୋଇଛି। ଦୁହେଁ ଠିକଣା ସମୟରେ ଭଲ ଖେଳିଛନ୍ତି। ଏହା ଉପରେ ଜଣେ ୟୁଜର୍ସ ଲେଖିଛନ୍ତି, ଆପଣ ସାରାଙ୍କ ବିବାହ ଖବର କେବେ ଦେବେ ? ଶୁଭମନ ପରବର୍ତ୍ତୀ ଇନିଂସ୍ ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟ ଜଣେ ୟୁଜର୍ସ ଲେଖିଛନ୍ତି, ଶୁଭମନଙ୍କୁ ଆପଣ କେବେ ଜ୍ୱାଇଁ କରିବେ ?

ସାରା ତେନ୍ଦୁଲକର ଏବେ ଭାରତରେ ନାହାନ୍ତି। ସେ ସ୍ୱିଜରଲାଣ୍ଡର ଜୁରିଚ୍‌ରେ ଅଛନ୍ତି। ୨୬୯ ରନର ଇନିଂସ୍‌ରେ ଗିଲ୍ ସଚିନଙ୍କ ରେକର୍ଡ଼ ସମେତ ୧୦ରୁ ଅଧିକ ରେକର୍ଡ଼ ଭାଙ୍ଗିଛନ୍ତି। ପୂର୍ବରୁ ସଚିନ ସେନାଦେଶରେ ସବୁଠୁ ବଡ଼ ଇନିଂସ୍ ଖେଳିଥିବା ଭାରତୀୟ ଥିଲେ। ସେ ୨୪୧ ରନର ଇନିଂସ୍ ଖେଳିଥିଲେ। ଏବେ ଏହି ରେକର୍ଡ଼କୁ ଭାଙ୍ଗିଛନ୍ତି ଗିଲ୍। ଗିଲ୍ ଏବେ ସବୁଠାରୁ ବଡ଼ ଟେଷ୍ଟ ଇନିଂସ୍ ଖେଳିଥିବା ଭାରତୀୟ ଅଧିନାୟକ ହୋଇଛନ୍ତି। ସେ ଇଂଲଣ୍ଡରେ ୨୫୦ରୁ ଅଧିକ ଇନିଂସ୍ ଖେଳିଥିବା ତୃତୀୟ ଅଧିନାୟକ ହୋଇଛନ୍ତି। ସେ ଟେଷ୍ଟରେ ଦ୍ୱିଶତକ ହାସଲ କରିଥିବା ଦ୍ୱିତୀୟ ସର୍ବ କନିଷ୍ଠ ବ୍ୟାଟର ହୋଇଛନ୍ତି। ସେ ଇଂଲଣ୍ଡ ବିପକ୍ଷରେ ଲଗାତାର ୩ଟି ଶତକ ହାସଲ କରିଥିବା ଚତୁର୍ଥ ଭାରତୀୟ। ଏହାବ୍ୟତୀତ ସେ ଏହି ଇନିଂସ୍‌ରେ ଏକାଧିକ ରେକର୍ଡ଼ ଭାଙ୍ଗି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

## ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚିତ

ନୂଆଦିଲ୍ଲୀ, ୪ା୭ (ଏଜେନ୍ସି) : ଏସିଆର ପୁରାତନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ଚଳିତ ମାସ ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ସଂସ୍କରଣରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ। ଇଣ୍ଡିଆନ ଆର୍ମି ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୫ଟି ରାଜ୍ୟରେ ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଆୟୋଜିତ ହେବ। ବିଶ୍ୱର ଏହି ତୃତୀୟ ସର୍ବପୁରାତନ ଟୁର୍ଣ୍ଣାମେଣ୍ଟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ ଓ ଆସାମରେ ଖେଳାଯିବ। ଶୁକ୍ରବାର ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କରିଥିଲେ। ଇଭେଣ୍ଟରେ ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନୀଲ ଚୌହ୍ୱାନ, ଭାରତୀୟ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ, ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ ସିଂ ଓ ଇଣ୍ଡିଆନ୍ ନାଭି ଆଡ୍‌ମିରାଲ ଦିନେଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରି କହିଥିଲେ କ୍ରୀଡ଼ା ହେଉଛି ଏକ ମାଧ୍ୟମ, ଦୃଢ଼ ସଂକଳ୍ପ ଏବଂ ଦଳଗତ ମନୋଭାବକୁ ପ୍ରୋତ୍ସାହିତ କରିଥାଏ।

## ଜାତୀୟ ଜୁନିଅର ଉସୁ: ଓଡ଼ିଶା ଦଳରେ ଅନୁଗୁଳର କ୍ରିଷ୍ଣା, ରୁଦ୍ର



ଅନୁଗୋଳ, ୪ା୭ (ସବ୍ୟୁ) : ହାଇଦ୍ରାବାଦର ଗାଛିବୋଲି ଷ୍ଟାଡିୟମରେ ଖେଳାଯାଉଥିବା ୨୪ ତମ ଜାତୀୟ ଜୁନିଅର ଉଷୁ ଚାମ୍ପିଅନସିପ ପାଇଁ ଓଡ଼ିଶା ଦଳରେ ଅନୁଗୋଳ ଜିଲ୍ଲାର ବନ୍ତଲା କଲେଜର ଛାତ୍ର କ୍ରିଷ୍ଣା ସାହୁ ଏବଂ ଓପି ଜିନ୍ଦଲ ବିଦ୍ୟାଳୟର ଛାତ୍ର ରୁଦ୍ର ଜେଠୱା ଉଭୟ ୭୫/୮୫ କେଜିରେ ଭାଗ ନେବା ପାଇଁ ଓଡ଼ିଶା ଦଳ ସହ ଗସ୍ତ କରିଛନ୍ତି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଏବଂ ଉସୁ ଆସୋସିଏସନ୍ ସମ୍ପାଦକ ସୁଶାନ୍ତ ନାୟକ ଓ ବରିଷ୍ଠ କ୍ରୀଡାବିତ୍‌ମାନେ ଶୁଭେଚ୍ଛା ଜ୍ଞାପନ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ବୋଲି କୋଚ ଚିତ୍ତରଞ୍ଜନ ମହାନ୍ତ ଜଣାଇଛନ୍ତି।

## ସାହାନୱାଜ୍, ସମ୍ବିତଙ୍କ ସଫଳତା



ଭୁବନେଶ୍ୱର, ୦୪ା୭(ସବ୍ୟୁ) : ଗତ ଜୁନ୍ ୧୫ ରୁ ୨୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ଜିଏମ୍ଆର୍ ରଗ୍‌ବୀ ପ୍ରିମିୟର ଲିଗ୍ ପ୍ରଥମ ସଂସ୍କରଣରେ ଓଡିଶାର ଦୁଇ ତାରକା ଖେଳାଳି ସାହାନୱାଜ୍ ଅହମ୍ମଦ ଏବଂ ସମ୍ବିଦ ପ୍ରଧାନ ପରାକ୍ରମ ଦେଖାଇଛନ୍ତି। ଉଭୟ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ପଦକ ହାସଲ କରି ଓଡିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ରଗ୍‌ବୀ ପ୍ରିମିୟର ଲିଗ୍‌ର ଫାଇନାଲ୍‌ରେ ଚେନ୍ନାଇ ବୁଲ୍‌ସ ୪୧-୦ ରେ ଦିଲ୍ଲୀ ରେଡ୍ସସ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସ୍ୱର୍ଣ୍ଣ ପଦକ ବିଜୟୀ ଚେନ୍ନାଇ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇଥିଲେ ସାହାନୱାଜ୍। ସେହିଭଳି ସମ୍ବିଦ ନିଜର ଉଚ୍ଚତମ ପ୍ରଦର୍ଶନ ଦେଖାଇ ହାଇଦ୍ରାବାଦ ହିରୋଜ ବ୍ରୋଞ୍ଜ୍ ପଦକ ସଫଳତାରେ ସହାୟକ ହୋଇଥିଲେ। ହାଇଦ୍ରାବାଦ ୧୭-୧୨ ବ୍ୟବଧାନରେ ବେଙ୍ଗାଲୋରୋ ବ୍ରେଭ ହାର୍ଟସ୍‌କୁ ହରାଇ ବ୍ରୋଞ୍ଜ୍ ପଦକ ଲାଭ କରିଥିଲା। ସାହାନୱାଜ ଓ ସମ୍ବିଦଙ୍କ ଏହି ଉଚ୍ଚକୋଟିର ପ୍ରଦର୍ଶନ ଓଡିଶାର ଭବିଷ୍ୟତର ରଗ୍‌ବୀ କ୍ରୀଡାବିତ୍ ଏବଂ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଶୃଙ୍ଖଳା, ଦୃଢତା, ଉତ୍କୃଷତା ସହ ରଗ୍‌ବୀ ପାଇଁ ପ୍ରେମ ଏବଂ ପ୍ରେରଣା ଯୋଗାଇବ।

## ଖୋ ଖୋ ପ୍ରତିଯୋଗିତା: ନିର୍ମଳା କନଭେଣ୍ଟ ସ୍କୁଲ ଚାମ୍ପିଅନ




କେନ୍ଦୁଝର, ୪ା୭ (ସବ୍ୟୁ): କେନ୍ଦୁଝରର ନିର୍ମଳା କନଭେଣ୍ଟ ସ୍କୁଲରେ ଅଲ ଓଡିଶା ଆଇସିଏସଇ ତରଫରୁ ଜୋନାଲ ସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ନିର୍ମଳା କନଭେଣ୍ଟ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ମେରିଏଟ ସ୍ୱାଗତ ଭାଷଣ ଦେବା ସହ ଖେଳର ଶୁଭାରମ୍ଭ କରିଥିଲେ । ଏହି ପ୍ରତିଯୋଗିତାରେ ବାଲେଶ୍ୱର ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲ,ଭଦ୍ରକ କାରମେଲ ସ୍କୁଲ,ଯୋଡା ସ୍ଥିତ ସେଣ୍ଟ ଟେରେସା ସ୍କୁଲ,ବଡବିଲ ସ୍ଥିତ ସେଣ୍ଟ ମେରୀ ସ୍କୁଲ ଏବଂ କେନ୍ଦୁଝରର ନିର୍ମଳା କନଭେଣ୍ଟ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ୧୯ ବର୍ଷରୁ କମ, ୧୭ ବର୍ଷରୁ କମ ଏବଂ ୧୪ ବର୍ଷରୁ କମ ଏହିପରି ୩ଟି ବିଭାଗରେ ୨୫୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ୧୯ ବର୍ଷରୁ କମ ବରିଷ୍ଠ ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚମ୍ପିଆନ,ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ ସେହିପରି ୧୭ ବର୍ଷରୁ କମ ବର୍ଗର ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚମ୍ପିଆନ,ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୭ ବର୍ଷରୁ କମ ବାଳିକା ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚମ୍ପିଆନ,ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୪ ବର୍ଷରୁ କମ ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ ଚମ୍ପିଆନ,ସେଣ୍ଟ ମେରୀ ସ୍କୁଲ ବଡବିଲ ରନର୍ସଅପ, ୧୪ ବର୍ଷରୁ କମ ବାଳିକା ବିଭାଗରେ ସେଣ୍ଟ ମେରୀ ସ୍କୁଲ ବଡବିଲ ଚମ୍ପିଆନ,ସେଣ୍ଟ ଟେରେସା ସ୍କୁଲ ଯୋଡା ରନର୍ସଅପ ହୋଇଥିଲା ।

ନିର୍ମଳା କନଭେଣ୍ଟ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ମେରିଏଟ,ଭାଇସ ପ୍ରିନ୍ସିପାଲ ସିଷ୍ଟର ଟେସିନଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଖେଳ ଆୟୋଜିତ ହୋଇଥିଲା । କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲର ଖେଳ ଶିକ୍ଷକଙ୍କ ସମେତ ବରିଷ୍ଠ ରେଫରୀମାନଙ୍କ ଦ୍ୱାରା ଖେଳ ପରିଚାଳନା ହୋଇଥିଲା । ଜୋନାଲ ସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଚଳିତ ମାସ ୨୫ତାରିଖରେ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ରିଜିଓନାଲ ଖୋ-ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି